RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheenews.com



ବାସ୍ତବତାର ପରିପ୍ରକାଶ


# ପ୍ରାଚୀ

# PRACHEE

ମଇ ୨୦୨୧

ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**

**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

**ପ୍ରାଚୀ**



**ସମ୍ପାଦକ :**

**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ସପ୍ତମ ବର୍ଷର ଦ୍ୱିତୀୟ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓଁ 'ପ୍ରାଚୀ'ର କଲମ ଌ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

বାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 7, MAY 2021, Issue No. II
RNI No. : ODIODI/2015/64435
P.R. No. : CK(C)/96/2016-2018

**ପ୍ରାଚୀ ପରିବାର :**

ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**

ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**

ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
**ବନଲତା ସିଂହ**
**ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର**

ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**

ଡିଟିପି :
**ପ୍ରଶାନ୍ତି ସାଇଁ**

ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**

ଅଳଙ୍କରଣ :
**ବିଜୟ କୁମାର ସାହୁ**

ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**

ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**

ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheenews.com ରେ ଲଗ୍‌ଇନ୍ କରନ୍ତୁ ।

**Declaration**
**Edited, Published & Owned by :**
**Dr. Bibhudatta Khandayatray**

**Niladri Vihar, Cuttack - 4**
**E-mail :**
**pracheepatrika@rediffmail.com**
**Web Site :**
**www.pracheenews.com**


## ଏଇ ସଂଖ୍ୟାରେ...

### ପ୍ରବନ୍ଧ ବିଭାଗ


**ଦିଗହରା ମାତୃଶକ୍ତି**
- ମୀରା ବେଉରା ୦୭

**ପଲ୍ଲୀକବି ନନ୍ଦକିଶୋର ଏକ ସଂକ୍ଷିପ୍ତ ଆକଳନ**
- ଡକ୍ଟର ବସନ୍ତ କିଶୋର ସାହୁ ୦୯

**ଶିଶୁ ଉପନ୍ୟାସ 'ବଣରେ ଲାଗିଛି ନିଆଁ'- ପରିବେଶର ଏକ ଆନ୍ଦୋଳିତ ସ୍ୱାକ୍ଷର**
- ଶ୍ରୀ କୁଞ୍ଜ ବିହାରୀ ସାହ ୧୨

**ଅଭଙ୍ଗା କଣ୍ଢେଇର ଅଭୁଲା କଥା ଓ ମହାତ୍ମାଗାନ୍ଧୀ**
- ଡଃ ଦ୍ୱୀପାୟନ ପଟ୍ଟନାୟକ ୧୬

**ସେବା**
- ଦୁଷ୍ମନ୍ତ ସାହୁ ୧୮


### ଗଳ୍ପ ବିଭାଗ


**ପ୍ରାରବ୍ଧ ଭୋଗ**
- ଅଶ୍ୱିନୀ କୁମାର ସେଠୀ ୨୦

**କୁଳାଙ୍ଗାର**
- ସୁକାନ୍ତ କୁମାର ନାୟକ ୨୧

**କଳଙ୍କିତ ମାତୃତ୍ୱ**
- ଆଦ୍ୟାଶା ନନ୍ଦ ୨୨

**ମଙ୍ଗଳସୂତ୍ର**
- ଈଶ୍ୱରୀ ବେହେରା ୨୪

**ଫୁଲ ଚୋର**
- ସୁଧାଂଶୁ ଶେଖର ଦ୍ୱିବେଦୀ ୨୫

**ନାଗକନ୍ୟା ଆସିକା**
- ରାଜୀବ ଲୋଚନ ପାଣିଗ୍ରାହୀ ୨୭

**ବିଚରା ପୂଜାରୀ ବଡୁ**
- ଅଶ୍ୱିନୀ କୁମାର ୨୮

**ସମ୍ପତ୍ତି**
- ସୁଚିତ୍ର ବେହେରା ୩୦

**ଭାଇରାଲ୍ ଭିଡ଼ିଓ**


### କବିତା ବିଭାଗ


- ଅନିରୁଦ୍ଧ ସାମନ୍ତରା ୩୨

**ଅବର୍ତ୍ତମାନ**
- ସତ୍ୟ ଶଙ୍କର ମିଶ୍ର ୩୭

**ମାମୁଲି ମଣିଷ**
- ବିନ୍ଦୁ ସାଗର ଓଝା ୩୮

**ବସନ୍ତ ଋତୁ**
- ରଶ୍ମିବାଳା ଶତପଥୀ ୩୯

**ମୋ ମାଆ ଜନ୍ମଦିନ ଆସୁଛି**
- ଅମୂଲ୍ୟ ରଞ୍ଜନ ବିନ୍ଧାଣି ୩୯

**ବିଶ୍ୱାସ**
- ଟୋନିସ ରୋହିବାସ ୪୦

**ଅନ୍ୟ ମୁଖେ ହସ**
- ସରସ୍ୱତୀ ସାଲିମା ୪୦

**ଆ ଫେରିଯିବା ଗାଆଁକୁ**
- ସନ୍ତୋଷ ପରିଡ଼ା ୪୧

**ଜୟ ହେ ରଘୁ ନନ୍ଦନ**
- ଚିନ୍ମୟୀ ସାହୁ ୪୨

**ରାଗ-ଚୋଖି ବୃତ୍ତେ ପ୍ରାର୍ଥନା ଆହେ ପ୍ରଭୁ ଜଗନ୍ନାଥ**
- ଶମ୍ଭୁନାଥ ଦାସ ୪୩

**ଧରିତ୍ରୀ କାନ୍ଦୁଛି ଅମ୍ଳଜାନ ପାଇଁ**
- ପ୍ରଭାତ କୁମାର ମଲ୍ଲିକ ୪୩

**ପ୍ରକୃତି ପ୍ରକୋପ**
- ପୁଷ୍ପାଞ୍ଜଳି ପଣ୍ଡା ୪୪

**ବିଶ୍ୱ କଲ୍ୟାଣ**
- ରୋଜା ପଣ୍ଡା ୪୫

**ଅସହାୟ**
- ସୁଦର୍ଶନ ସାହୁ ୪୫

**ଏମିତି ହେଉ**
- କୃଷ୍ଣା ମିଶ୍ର ୪୬

**ସ୍ମୃତି ରେ ତୁମେ**
- ସଞ୍ଜୟ କୁମାର ପଣ୍ଡା ୪୭

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011


# ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।

---

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................
ଠିକଣା ........................................................ ପିନ୍‌କୋର୍ଡ଼ ...............................
ମୋବାଇଲ୍ ନମ୍ବର ...................................... ଇ-ମେଲ୍ .........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................. ତାରିଖ....................................
ବ୍ୟାଙ୍କ୍.......................................... ସ୍ଥାନ.....................................................
ତାରିଖ...................................... ଦସ୍ତଖତ....................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**


ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧
E-mail : pracheepatrika@rediffmail.com, Web. : www.pracheenews.com

# ଦିଗହରା ମାତୃଶକ୍ତି

**- ମୀରା ବେଉରା**

ଗୋଟିଏ ବିଚିତ୍ର ପକ୍ଷୀଟିଏ ଥିଲା । ତାର ନାମ ଥିଲା ଭାରଣ୍ଡ । ଏହି ଭାରଣ୍ଡ ପକ୍ଷୀର ଥିଲା ଦୁଇଟି ମୁହଁ, ମାତ୍ର ଗୋଟିଏ ପେଟ । ଯାହା ଖାଇଲେବି, ସେହି ଗୋଟିଏ ପେଟକୁ ଖାଦ୍ୟ ଯାଏ । ଦିନେ ପ୍ରଥମ ମୁହଁ ଅମୃତ 'ଳଟିଏ ପାଇ ମନଖୁସିରେ ଖାଇଲା । ଆନନ୍ଦରେ ଏହି ଅମୃତ 'ଳ ଖାଉଥିବା ପ୍ରଥମ ମୁହଁକୁ ଦ୍ୱିତୀୟ ମୁହଁ କହିଲା ସେ ଅମୃତ ମିଠା 'ଳରୁ ମତେ କିଛି ଦିଅ । କିନ୍ତୁ ପ୍ରଥମ ମୁହଁ ଅତି ଚତୁରତାର ସହ କହିଲା ଯିଏ ଖାଇବ ସେ ମିଠା'ଳ ସେହି ଗୋଟିଏ ପେଟକୁ ହିଁ ଯିବ । ତେଣୁ ତୁମର ଖାଇବାର ଆବଶ୍ୟକତା ନାହିଁ । କିଛିଦିନ ପରେ ଦ୍ୱିତୀୟ ମୁହଁ ବିଷ 'ଳଟିଏ ପାଇ ଖାଇବାକୁ ଆରମ୍ଭ କଲା । ପ୍ରଥମ ମୁହଁ ଯେତେ ବାରଣ କଲେ ମ୍ଭ ଏବଂ ଉଭୟଙ୍କର ଜୀବନ ଯିବ ଜାଣି ମ୍ଭ, ପୂର୍ବ ଅପମାନର ପ୍ରତିଶୋଧ ନେବାପାଇଁ ଦ୍ୱିତୀୟ ମୁହଁ ବିଷ 'ଳଟିକୁ ଖାଇଲା । 'ଳ ସ୍ୱରୂପ ଭାରଣ୍ଡ ପକ୍ଷୀର ମୃତ୍ୟୁ ଘଟିଲା । କହିବାର ତାତ୍ପର୍ଯ୍ୟ- ଏହିଭଳି ଆତ୍ମଘାତି ଚିନ୍ତାଧାରା ଅସହିଷ୍ଣୁତା ଏବେ ସମଗ୍ର ମାନବ ସମାଜକୁ ଗ୍ରାସ କରିବାକୁ ଲାଗିଛି । କେବଳ ଆତ୍ମଘାତୀ ଚିନ୍ତାଧାରା ନୁହେଁ କି ଅସହିଷ୍ଣୁତା ନୁହେଁ, ଦେଶରେ ଯେଉଁଭଳି ଭାବେ ହିଂସା, ଦୁର୍ନୀତି, ବଳାତ୍କାର, ଭ୍ରଷ୍ଟାଚାର, ଲୁଣ୍ଠନ, ବ୍ୟଭିଚାର, ଚୋରୀ, ଡକାୟତି ଧିରେ ଧିରେ ବଢୁଛି, ତାହା ସମାଜକୁ ବିକାଶ ପରିବର୍ତ୍ତେ ବିନାଶ ଆଡ଼କୁ ନେଇ ସମ୍ପୂର୍ଣ୍ଣ ପଙ୍ଗୁ କରି ଅବକ୍ଷୟ ପଥରେ ଆମ ଅଜାଣତରେ ଆମକୁ ଘୋଷାରି ନେଇଯାଉଛି । ଏହି ସମସ୍ୟା ଆଜି ସବୁ ବୁଦ୍ଧିଜୀବୀଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି ।

ଆମ ଗୌରବମୟ ଇତିହାସ ଥିଲା କ'ଣ ? ଆଜି ହୋଇଛି କ'ଣ ? ଭୌତିକ ସ୍ତରରେ ଆମେ ଗୋଟିଏ ପଟେ ମଙ୍ଗଳ ଗ୍ରହକୁ ଯନ୍ତ୍ର ପଠାଉଥିବା ବେଳେ, ଚନ୍ଦ୍ରକୁ ଚନ୍ଦ୍ରାୟଣ ପଠାଉଥିବା ବେଳେ ପୁଣି ସେଠାରେ ଘରକରିବାର ସ୍ୱପ୍ନ ଦେଖୁଥିବା ବେଳେ ଅପରାଧ ଏବଂ ନୈତିକ ସ୍ତରରେ ଆମେ କେତେ ତଳସ୍ତରକୁ ଖସି ଆସିଛୁ, ତାହା ବିଶ୍ୱର ଅପରାଧର ତାଲିକା ଆମକୁ ସୂଚାଇ ଦିଏ । ଅପରାଧରେ ଆମଦେଶ ଭାରତବର୍ଷର ସ୍ଥାନ ୬୩ତମ ସ୍ଥାନ ଅଧିକାର କରିଛି । ପ୍ରଥମ ସ୍ଥାନ ଅଧିକାର କରିଛି ଦକ୍ଷିଣ ଆମେରିକାର ଭେଞ୍ଜୁଆଲା । ଜାପାନର ସ୍ଥାନ ସବୁଠାରୁ ପଛରେ ଅଛି । ବଳାତ୍କାର, କନ୍ୟାଦୁଷ୍କର୍ମ ଅପରାଧ ଭଳି ଆତଙ୍କିତ ସମସ୍ୟାଗୁଡ଼ିକ ଆମ ସାମାଜିକ ଜୀବନକୁ ସମ୍ପୂର୍ଣ୍ଣ ଧ୍ୱଂସ ମୁଖକୁ ଧିରେ ଧିରେ ନେଇଯାଉଛି ।

ଏଇଠି ଗୋଟିଏ ପ୍ରଶ୍ନ ମନକୁ ଆସୁଛି ଯଦି ଆମେ ଆମର ସଂପତ୍ତିକୁ ଲୁଚାଇ ରଖିପାରୁଛେ, ଦରକାର ପଡ଼ିଲେ, ବିଦେଶ ବ୍ୟାଙ୍କରେ ମ୍ଭ ଏହାକୁ ଲୁଚାଇ ଗୋପନରେ ରଖିପାରୁଛୁ, କିନ୍ତୁ ଦୁଃଖର କଥା କନ୍ୟା ଯିଏ ଆମ ଦେଶର ତଥା ସମାଜର ପରିବାରର ରତ୍ନ ତାକୁ ଆମେ ସମ୍ମାନର ସହ ସୁରକ୍ଷିତ ରଖି ପାରୁନାହୁଁ । ଦେଶ ଆଜି ୭୪ତମ ସ୍ୱାଧୀନତା ଦିବସ ପାଳନ କରିସାରିଛି ଅଥଚ ଆଜିବି ନାରୀର କଳଙ୍କିତ ଅ୍ୟାୟ ଆମ ଦୃଷ୍ଟିଗୋଚରରେ ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ଘଟୁଛି । ଦୋଷୀକୁ ଆଜିପର୍ଯ୍ୟନ୍ତ ଗୋଟିଏ ଦୃଷ୍ଟାନ୍ତକାରୀ ଦଣ୍ଡବିଧାନ ମ୍ଭ କରିପାରୁନାହୁଁ । ଏଥିପାଇଁ ଆମେ କାହାକୁ ଦାୟୀ କରିବା ? ସମୟ ନେଉ ଥିବା ଦାୟିତ୍ୱହୀନ ଶାସନ ବ୍ୟବସ୍ଥା ନା ହୁଗୁଳା ତଦନ୍ତ, ନା ଅଶିକ୍ଷା, ନା ଅନୁନ୍ନତ ସମାଜ, ନା ନାରୀମାନଙ୍କର ଅତ୍ୟାଧୁନିକ ଜୀବନଶୈଳୀ, ନା ସ୍ୱାଧୀନତା ନାମରେ ଅତ୍ୟଧିକ ସ୍ୱେଚ୍ଛାଚାରିତା, ନା ଆମ ସାମାଜିକ ବ୍ୟବସ୍ଥା, ନା କଠୋର ଦଣ୍ଡ ବିଧାନର ଅଭାବ, ନା ଶ୍ୱାଶରୁଦ୍ଧ ପାରିବାରିକ ସମ୍ପର୍କ, ନିଶାର ବହୁଳ ପ୍ରସାର ନା ବିଖଣ୍ଡିତ ପରିବାର । ଉତ୍ତର ଯାହା ହେଉନା କାହିଁକି ପ୍ରଥମେ ଆମ ମାତୃଜାତିକୁ ଏଥିପ୍ରତି ସଜାଗ ଏବଂ ସତର୍କ ରହିବାକୁ ପଡ଼ିବ । ଏହି ସବୁ ବିଶୃଙ୍ଖଳାର ଯଦି ଆଉ ଗୋଟିଏ ଦିଗକୁ ତର୍ଜମା କରିବା ତେବେ ଜାଣିବା ଆଜିର ଝିଅମାନେ ସ୍ୱାଧୀନତା ନାମରେ ସ୍ୱେଚ୍ଛାଚାରିତା ଆଡ଼କୁ ମୁହାଁଉଛନ୍ତି । ଏହା ଆମ ସମାଜପାଇଁ ଏବଂ ରାଷ୍ଟ୍ରପାଇଁ ଘୋର ବିପଦ କହିଲେ ଭୁଲ ହେବନାହିଁ । ଆଜିର ଝିଅମାନେ ମୁହଁରେ ପରଦା ଢାଙ୍କି ଅନେକ ଆଶାଳିନ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ଯେତେବେଳେ ନେଡ଼ିଗୁଡ଼ କହୁଣୀକୁ ବୋହିଯାଉଛି ସେଠାରେ ଝିଅଟି ଅନ୍ୟ ଉପାୟ ନପାଇଁ ଶେଷରେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛି । ଝିଅଟି ଯେତେବେଳେ ସମାଜର ଲକ୍ଷ୍ମଣରେଖାକୁ ଡେଇଁ ପୁରୁଷବନ୍ଧୁ ସହ ନିଜର ମାନ ମର୍ଯ୍ୟାଦାକୁ ଉଲଂଘନ କରି ମିଳାମିଶା କରୁଛି ଏବଂ ପରିଶେଷରେ ଏହା ବଳାତ୍କାରର ରୂପ ନେଉଛି ସେହି କ୍ଷେତ୍ରରେ ଝିଅଟିକୁ ତାର ପରିବାର, ସଂପର୍କୀୟ ଏବଂ ଗୁରୁଜନମାନେ ତାଗିଦ୍ କରିବା ଆବଶ୍ୟକ ହୁଏ । କିନ୍ତୁ ଆଜି ନା ଅଛି ତାଗିଦ୍ ନା ଲକ୍ଷ୍ମଣରେଖା । ପ୍ରାୟତଃ ଦେଖାଯାଉଛି ଶିକ୍ଷାଦୀକ୍ଷା ପାଇନଥିବା ଝିଅ ତୁଳନାରେ ଶିକ୍ଷାଦୀକ୍ଷା ପ୍ରାପ୍ତ କରିଥିବା ତଥା ମହାବିଦ୍ୟାଳୟରୁ ଉଚ୍ଚ ଡିଗ୍ରିପ୍ରାପ୍ତ କରିଥିବା ଝିଅମାନେ ହିଁ ଅଧିକ ବିପଥଗାମୀ ହେଉଛନ୍ତି । ଏହି ଝିଅମାନଙ୍କର ଏପରି ବିଶୃଙ୍ଖଳିତ ଆଚରଣ ଯୋଗୁ ନିଜେ ଘୃଣିତ ହେବା ସହ ଅକାଳରେ ମଉଳି ଯାଉଛନ୍ତି । କଥାରେ ଅଛି "ଆଲୋ ସଖି ଆପଣା ମହତ ଆପେ ରଖି ।" ଯଦି ବିପଥଗାମୀ ଝିଅମାନେ ନିଜେ ନିଜକୁ ସଚେତନ ଓ ସତର୍କ ନକରନ୍ତି ତେବେ କହିବା କାହାକୁ ? ଆପଣା ସୁନା ତ ଭେଣ୍ଡି ।

ଏଇଠି ପୁଣି ମନକୁ ପ୍ରଶ୍ନଟିଏ ଆସୁଛି- "ଆଜିର ଶିଶୁ ଦେବଶିଶୁ ବଦଳରେ ଅତିଶିଘ୍ର ଦାନବ କାହିଁକି ପାଲଟି ଯାଉଛି ?" କେବଳ ପିଲାକୁ ଜନ୍ମକରି ଲାଳନପାଳନ କରି ଉତ୍ତମ ପୋଷାକ, ଖାଦ୍ୟ, ଭଲ ସ୍କୁଲ, କଲେଜ ଯୋଗାଇ ଦେଲେ ହେବନାହିଁ । ସେ ପୁଅ ହେଉ ବା ଝିଅ ହେଉ ପ୍ରଥମ ନୈତିକ ଶିକ୍ଷା ଗୋଟିଏ ଶିଶୁ ତା'ର ମା'ଠାରୁ ପାଏ । ଆମ ସଭ୍ୟ ସମାଜ କେବେଠୁ ଭୁଲିଯାଇଛୁ ଯେ ପରିବାରର ମା' ହେଉଛି ଶିଶୁର ଶିକ୍ଷାଗୁରୁ । ଆଜିର ମା' ଯଦି ଉପଯୁକ୍ତ ଶିକ୍ଷାଦେଇ ଶିଶୁଙ୍କୁ ଗଢ଼ି ପାରୁନି ତେବେ ଶିଶୁ ଶିକ୍ଷା ପାଇବ କେଉଁଠୁ ? ଶିଶୁକୁ ଗଢ଼ି ତୋଳି ତାକୁ ରାଷ୍ଟ୍ରର ଉତ୍ତମ ନାଗରିକ ରୂପେ ଗଢ଼ି ତୋଳିବା ଦାୟିତ୍ୱ ହେଉଛି ମା'ର । କିନ୍ତୁ ଅତି ଦୁଃଖ ଓ କ୍ଷୋଭର କଥା ଆଜିର ଆଧୁନିକ ସଭ୍ୟା ମା'ମାନଙ୍କ ପାଖରେ ସେତିକି ସମୟ ନାହିଁ ଶିଶୁର ଚରିତ୍ର ଗଢ଼ି ତାକୁ ଭଲ ମଣିଷର ରୂପ ଦେବାପାଇଁ ।

ଏଇଠି ମନେ ପଡ଼ିଯାଏ ଜ୍ଞାନପୀଠ ପୁରସ୍କାର ବିଜେତା ସ୍ୱର୍ଗତଃ ଗୋପୀନାଥ ମହାନ୍ତିଙ୍କ କଥା । ସେ କହୁଥିଲେ ମା' ଗୋଟିଏ କିନ୍ତୁ ତା'ର ନାମ ଅନେକ, ରୂପ ଅନେକ । ସେ ଜନ୍ମଦିଏ ବୋଲି ଜନନୀ, ତାଦ୍ୱାରା ଅଙ୍ଗ ପ୍ରତ୍ୟଙ୍ଗ ପୁଷ୍ଟିସାଧନ ହୁଏ ବୋଲି ସେ ଆମ୍ବା, ସେ ବୀର ପୁତ୍ରକୁ ଜନ୍ମଦିଏ ବୋଲି ସେ ବୀରପ୍ରସବୀନୀ । ସେ ପୁଣି ଦୁଃଖରେ ସାନ୍ତ୍ୱନା, ହତାଶ ବ୍ୟକ୍ତିର ଆଶା, ଦୁର୍ବଳର ବଳ, ଅସୁରକ୍ଷିତ ବ୍ୟକ୍ତିର ସୁରକ୍ଷା ବଳୟ । ଶୀବାଜୀ କୁହନ୍ତୁ, ମହାତ୍ମାଗାନ୍ଧୀ କୁହନ୍ତୁ, ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡଃ ଏପିଜେ ଅବଦୁଲ କାଲାମ୍ କୁହନ୍ତୁ, ବିବେକାନନ୍ଦ ବା ନେତାଜୀ କୁହନ୍ତୁ ଏମାନଙ୍କ ମା'ମାନେ ନୈତିକତା ଏବଂ ଆତ୍ମିକ ସ୍ତରରେ ସେତିକି ଶକ୍ତିଶାଳୀ ହୋଇନଥିଲେ ଏଭଳି ସନ୍ତାନ ଜନ୍ମଲାଭ କରି ଦେଶର ଗୌରବ ସାଜିନଥାନ୍ତେ । ଆଜିର ମାତୃ ସମାଜ କଦାପି ଭୁଲିଯିବା ଉଚିତ ନୁହେଁ ଯେ ଆତ୍ମିକ ଏବଂ ନୈତିକତାର ପୃଷ୍ଠଭୂମି ଉପରେ ଅଖଣ୍ଡ ଭାରତବର୍ଷ ଦଣ୍ଡାୟମାନ । ପୁରାଣ ଇତିହାସ କହେ ଯୋଦ୍ଧା ଅଭିମନ୍ୟୁ ମା' ପେଟରେ ଥାଇ ଯୁଦ୍ଧକୌଶଳ ଶିକ୍ଷାକରି ଭବିଷ୍ୟତରେ ଏକ ବିରାଟ ଯୋଦ୍ଧାର ପରିଚୟ ଦେଇଥିଲେ । ଯେଉଁ ମା'ର ଚରିତ୍ରର ସ୍ଖଳନ ଘଟେ ସେଠାରେ ସମାଜର ତଥା ଦେଶର ଅଧଃପତନ ଘଟେ । । ମା'ର ଆଦର୍ଶ ନୈତିକ ଗୁଣକୁ ନେଇ ସତ୍ ଚରିତ୍ରର ସନ୍ତାନ ଜନ୍ମ ହୁଅନ୍ତି । ମା'ର ଚରିତ୍ର ଶିଶୁ ଉପରେ ଗଭୀର ପ୍ରଭାବ ପକାଇଥାଏ । ମା'ମାନେ ତାଙ୍କ ପିଲାମାନଙ୍କୁ ସାଂସ୍କୃତିକ, ଐତିହାସିକ ସ୍ଥାନକୁ ଭ୍ରମଣ କରାଇବା ଦ୍ୱାରା, ନିଜ ହାତରନ୍ଧା ଖାଦ୍ୟ ଖୁଆଇବା ଦ୍ୱାରା ନିଜେ ତିଆରି କରିଥିବା ପୋଷାକ, ଏବଂ କଣ୍ଢେଇ ପିଲାଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଇ ଶିଶୁର ବୌଦ୍ଧିକ, ନୈତିକ ଆଦି ମାନବିକତା ଗୁଣଗୁଡ଼ିକ ବିକଶିତ କରି ତା' ଉପରେ ଗଭୀର ପ୍ରଭାବ ପକାଏ ।

କିନ୍ତୁ ଆଜି ସବୁ ବଦଳିଯାଇଛି । ମା'ର ରୂପ ନେଇଛି ଇଣ୍ଟରନେଟ୍, ମୋବାଇଲ୍, ଟେଲିଭିଜନ୍ । ଇଣ୍ଟରନେଟ୍‌ର ନଗ୍ନଚିତ୍ର ସବୁ ଶିଶୁକୁ ବିପଥଗାମୀ କରାଉଛି । ମା'କୋଳ ଆଉ ଶିଶୁକୁ ଆନନ୍ଦ ଦେଇପାରୁ ନାହିଁ । ଘର ଆଉ ପରିବାର ଶିଶୁର ପ୍ରଥମ ଶିକ୍ଷାକେନ୍ଦ୍ର ହୋଇ ପାରୁନି । 'ଲରେ ଶିଶୁଟି ଭଲମନ୍ଦ ବିଚାର ଶକ୍ତିକୁ ହରାଇ ଶିଶୁଟି ଧିରେ ଧିରେ ଦେବଶିଶୁ ହେବା ପରିବର୍ତ୍ତେ ଦାନବ ସାଜୁଛି । ମହାପୁରୁଷଙ୍କ ଜୀବନୀ ପୁସ୍ତକ ପରିବର୍ତ୍ତେ ମୋବାଇଲ୍, ଟିଭି, ଭିଡିଓଗେମ୍ ଇତ୍ୟାଦିରେ ଦିନ କଟୁଛି ଶିଶୁଟିର । ଯେଉଁ ମା' ଜିଜାବାଇ ଦିନେ ଛତ୍ରପତି ଶିବାଜୀଙ୍କୁ ଜନ୍ମ ଦେଇଥିଲେ, ସ୍ୱର୍ଣ୍ଣମୟୀ ଦେବୀ ଗୋପବନ୍ଧୁଙ୍କୁ ଜନ୍ମ ଦେଇଥିଲେ, ପୁତୁଲିବାଇ ମହାତ୍ମାଗାନ୍ଧିଙ୍କୁ ଜନ୍ମ ଦେଇଥିଲେ ଭୁବନେଶ୍ୱରଦେବୀ ସ୍ୱାମୀ ବିବେକାନନ୍ଦଙ୍କୁ ଜନ୍ମ ଦେଇଥିଲେ ଏବଂ ପ୍ରଭାମୟୀ ଦେବୀ ନେତାଜୀଙ୍କୁ ଜନ୍ମ ଦେଇଥିଲେ ସେହିଭଳି ମା'ର ଅଭାବ ପରିଲକ୍ଷିତ ହୁଏ ସାଂପ୍ରତିକ ସମାଜରେ । ମାତୃଶକ୍ତିର ପ୍ରଭାବ ଗାନ୍ଧୀଙ୍କ ଉପରେ ଏତେ ମାତ୍ରାରେ ପଡିଥିଲା ଯେ ପିଲାଦିନର ଡରୁଆ ଲାଜକୁଳା ମୋହନ ଦୁର୍ଦ୍ଧାନ୍ତ ଇଂରେଜ ସରକାରଙ୍କୁ ମ୍ନ ଭାରତରୁ ତଡ଼ିବାକୁ ସକ୍ଷମ ହୋଇଥିଲେ ।

ମାତୃଭକ୍ତ ଅବଦୁଲ କାଲାମ ଆଦର୍ଶ ବୈଜ୍ଞାନିକ ଏବଂ ରାଷ୍ଟ୍ରପତି ହୋଇ ସମଗ୍ର ବିଶ୍ୱରେ ଆଜି ମ୍ନ ଅମର । ଲାଲ୍ ବାହାଦୁର ଆଜି ଆଦର୍ଶ ପ୍ରଧାନମନ୍ତ୍ରୀ ହୋଇ ଅମର ହୋଇଛନ୍ତି । ଏସବୁ ଦୃଷ୍ଟାନ୍ତ ଆମକୁ ଚେତାଇଦିଏ ଯେ ଜାଗ୍ରତ ମା'ହିଁ ଶିଶୁକୁ ଉତ୍ତମ ଗୁଣ ସମ୍ପନ୍ନ କରି ସୁନ୍ଦର ବ୍ୟକ୍ତିତ୍ୱରେ ପରିଣତ କରେ ଯାହାକୁ ନେଇ ରାଷ୍ଟ୍ର ଗର୍ବକରେ । ମା' ଚାହିଁଲେ ସମାଜ ସ୍ୱର୍ଗ ହୁଏ ପୁଣି ସେହି ମା' ଚାହିଁଲେ ନାରୀ ଭୋଗବାଦୀ ହୋଇ ସମାଜ ନର୍କଗାମୀ ହୁଏ । ଏହା ସଂପୂର୍ଣ୍ଣ ନିର୍ଭର କରେ ମାତୃଶକ୍ତି ଉପରେ । ଆଜିର ମା' ଥରେ ନିଜକୁ ନିଜେ ପ୍ରଶ୍ନକରୁ ତାର ଗତିର ମୁହଁ କୁଆଡକୁ ? ବିକାଶକୁ ନା ବିନାଶକୁ । 'ରାସୀ ବୀର ନେପୋଲିଅନ୍ ଥରେ କହୁଥିଲେ- 'ମୋତେ ତୁମେ ଭଲ ମା'ଟିଏ ଦିଅ ମୁଁ ତୁମକୁ ଭଲ ରାଷ୍ଟ୍ରଟିଏ ଦେବି ।' ଏହାହିଁ ଆଜିର ମାତୃ ସମାଜର ଆହ୍ୱାନ ହେଉ ।

ରଘୁନାଥଜିଉ ମହାବିଦ୍ୟାଳୟ,
ଦେଉଳସାହି, କଟକ ।
ମୋ-୯୮୫୩୩୫୦୩୮୪

# ପଲ୍ଲୀକବି ନନ୍ଦକିଶୋର ଏକ ସଂକ୍ଷିପ୍ତ ଆକଳନ

ଡକ୍ଟର ବସନ୍ତ କିଶୋର ସାହୁ

ଭାରତ ଏକ ଗ୍ରାମ ବହୁଳ ଦେଶ । ଯୁଗେ ଯୁଗେ ଗାଆଁର ପ୍ରାକୃତିକ ଶୋଭା ସମ୍ପଦ ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି କବି ଲେଖକ, ଭାବୁକ ଆଦି ସମସ୍ତଙ୍କୁ ଆକୃଷ୍ଟ କରି ଆସିଛି । ତାଳ-ତମାଳ, ଗୁଆ ନଡିଆ, ବର ଓ ଆମ୍ବ ଗଛ ପରିବେଷ୍ଟିତ ହୋଇଥାଏ ସବୁ ଗାଆଁ । ତା ପାଖକୁ ଲାଗି ସୁବିସ୍ତୃତ ଶସ୍ୟକ୍ଷେତ୍ର । ଗାଆଁ ଶେଷରେ ଥାଏ ବିରାଟ ପୋଖରୀ । ସେଥିରେ ନାଲିନେଳି କଇଁଫୁଲର ସମ୍ଭାର । କେଉଁଠି କେଉଁଠି ପଦ୍ମଫୁଲ ଭରା ପୋଖରୀ । ପୋଖରୀ କୂଳରେ ଦେବ ମନ୍ଦିର । ଧାଡ଼ି ଧାଡ଼ି ଚାଳଘର ମଝିରେ ଥାଏ ଧୂଳିଧୂସରିତ ଗାଆଁ ଦାଣ୍ଡ । ସେହି ଦାଣ୍ଡରେ ପିଲାମାନଙ୍କର ସକାଳ ସଞ୍ଜରେ ଖେଳ କସରତ-ହୋ ହାଲା ଗ୍ରାମ୍ୟ ପରିବେଶକୁ ଅଧିକ କୋଳାହଳମୟ କରଥାଏ ।

ଗ୍ରାମବାସୀଙ୍କ ସମୂହ ସହଯୋଗରେ ପାଳିତ ହୁଏ ଗାଆଁରେ ଅନେକ ଯାନିଯାତ୍ରା ଓ ପର୍ବପର୍ବାଣି । ପ୍ରତ୍ୟେକ ପୂଜା ପାର୍ବଣରେ ଥାଏ ସ୍ୱତନ୍ତ୍ରତା । ନାନା ବିବିଧତା ମଧ୍ୟରେ ଭାଇଚାରା ଭାବ ସହିତ ଅନ୍ୟକୁ ଆପଣେଇ ନେବାର ମନୋବୃତ୍ତି ଗ୍ରାମ୍ୟ ସଂସ୍କୃତିର ମୂଳପିଣ୍ଡ । ପରକୁ ଆପଣାର କରିବା, ପର ଦୁଃଖରେ ଦୁଃଖି ହେବା ହେଉଛି ଗାଆଁ ଲୋକଙ୍କ ଜୀବନ ନିର୍ବାହ ଶୈଳୀର ମୁଖ୍ୟ ବୈଶିଷ୍ଟ୍ୟ । ଗାଆଁର ଲୋକଙ୍କର ଆପଣାପଣ, ଭାଇଚାରା ଭାବ, ମିଳିମିଶି ଚଳିବା ଆଦି ସର୍ଗୀୟ ଗୁଣ କେଉଁ ଆବହମାନ କାଳରୁ ପ୍ରଚଳିତ ଥିଲେହେଁ ଏହାର ସ୍ୱରୂପ ଓଡ଼ିଆ ସାହିତ୍ୟରେ ଊନବିଂଶ ଶତାବ୍ଦୀର ଶେଷ ଓ ବିଂଶ ଶତାବ୍ଦୀର ପ୍ରଥମ ପାଦରେ ପ୍ରଥମେ ପ୍ରକାଶିତ ହେଲା । ଓଡ଼ିଆ ସାହିତ୍ୟରେ ଗାଆଁ ମାଟିର ସୁଖ ଦୁଃଖ, ଭଲମନ୍ଦ ସହିତ ଗାଆଁର ସମସ୍ତ ଘଟଣାର ଆଦ୍ୟ ଓଁକାର ଯିଏ ପ୍ରଥମେ ଶୁଣାଇଲେ ସେ ହେଉଛନ୍ତି ପଲ୍ଲୀ କବି ନନ୍ଦକିଶୋର ବଳ ।

ଓଡ଼ିଶାରେ ଆଧୁନିକ ଶିକ୍ଷାର ବିସ୍ତାର ଫଳରେ ଓଡ଼ିଆ ସାହିତ୍ୟରେ ପାଶ୍ଚାତ୍ୟ ସାହିତ୍ୟର ଯେଉଁ ପ୍ରଭାବ ପଡିଲା, ଏହା ହେଉଛି ତାର ଫଳଶ୍ରୁତି । ନନ୍ଦକିଶୋରଙ୍କ ପୂର୍ବରୁ ପଲ୍ଲୀ ଜୀବନର ଏତେ ବାସ୍ତବ ଓ ସଫଳ ରୂପ ଅନ୍ୟ କୌଣସି ସ୍ରଷ୍ଟା ଅଙ୍କନ କରିବାକୁ ସଫଳ ହୋଇନଥିଲେ । ରାଧାନାଥ ଓଡ଼ିଶାର ହ୍ରଦ, ନଦନଦୀ ଓ ପ୍ରକୃତିକୁ ନେଇ କବିତା ଲେଖିଲେ; ମଧୁସୂଦନ ଋତୁ ବର୍ଣ୍ଣନା ଓ ବିଭୁ ବନ୍ଦନାରେ ପରକାଷ୍ଠା ପ୍ରଦର୍ଶନ କଲେ । ସେହି ସମୟରେ ନନ୍ଦକିଶୋର ପଲ୍ଲୀ ଜୀବନର ନିଖୁଣଚିତ୍ର ରୂପାୟିତ କରି ସମସ୍ତଙ୍କୁ ଆକୃଷ୍ଟ କରିବାକୁ ଲାଗିଲେ । ତାଙ୍କ କାବ୍ୟକବିତାରେ ପଲ୍ଲୀର ସମସ୍ତ କଥା ହେଲା ମୁଖ୍ୟ ବିଭବ । ଗାଆଁ ଅବଧାନ, ଗାଆଁ ଭଣ୍ଡାରି, ଯୋଗୀ, ଗାଆଁ ପୁରୋହିତ, ଧାନ କ୍ଷେତ, ଗାଆଁ ମନ୍ଦିର, ଗାଆଁ ଶଶ୍ମାନ, ଗାଆଁ ଖଳା ଆଦି ପ୍ରତ୍ୟେକ ଚିତ୍ର ଅତି ସୁନ୍ଦର ସରଳ ଭାବରେ ତାଙ୍କ କବିତାରେ ସ୍ଥାନ ପାଇଲା । ପାଶ୍ଚାତ୍ୟ ଶିକ୍ଷାର ପ୍ରଭାବ ଫଳରେ ଯେତେବେଳେ ସହରର ବିକାଶ ଓ ସହରୀ ଜୀବନର ବିସ୍ତାର ଓଡ଼ିଶାରେ ମୁଣ୍ଡ ଟେକୁଥିଲା, ସେହି ସଂକଟ କାଳରେ ନନ୍ଦକିଶୋର ଗ୍ରାମ୍ୟ ଜୀବନର ରସଘନ ଚିତ୍ର ପ୍ରକାଶ କରି ଗ୍ରାମ୍ୟ ଜୀବନକୁ ପୁର୍ନଜୀବନ ପ୍ରଦାନ କଲେ । ତାଙ୍କ କଲମ ମୂନରେ ପଲ୍ଲୀ ହୋଇଗଲା ଅନନ୍ୟ । ତାଙ୍କ ଦୃଷ୍ଟି ଓ କୃଷ୍ଟିରେ ଗାଆଁ ହେଲା ସୁନ୍ଦର, ତାର ସ୍ମୃତି ହେଲା ସୁନ୍ଦରତର ଓ ଗାଆଁର ପାଣି ପବନ ଗଛ ଲତା ସବୁ ହୋଇଗଲା ସୁନ୍ଦରତମ । ପଲ୍ଲୀର ନିଖୁଣ ଚିତ୍ର ଅଙ୍କନ କରି ସେ ହୋଇଗଲେ ପଲ୍ଲୀକବି ।

ପଲ୍ଲୀକବି ନନ୍ଦକିଶୋର ତାଙ୍କ ପଲ୍ଲୀଚିତ୍ର ୧ମ, ୨ୟ, ୩ୟ ଏବଂ ଅନ୍ୟାନ୍ୟ କବିତାରେ ଗାଆଁ ମାଟିର ଯେଉଁ ଅମୃତମୟ ବାସ୍ତବ ଓ ନିଖୁଣଚିତ୍ର ଅଙ୍କନ କରିଛନ୍ତି-ତାହା ଅନନ୍ୟ । ତାଙ୍କ ପଲ୍ଲୀଚିତ୍ର ଗ୍ରାମ୍ୟ ପରିବେଶର ଏକ ମନ୍ମୟ ଆଲେଖ୍ୟ । ପଲ୍ଲୀଚିତ୍ର ୧ମ ଭାଗରେ ସ୍ଥାନ ପାଇଥିବା ଗ୍ରାମଖଳା, ଚାଟଶାଳୀ, ତୋଟା, ଗ୍ରାମଦେବତା, ଗ୍ରାମ ମହାଦେବ, ଗ୍ରାମ ଶ୍ମଶାନ, ଗ୍ରାମ ହାଟ ଆଦି କବିତାଗୁଡ଼ିକରେ ଗ୍ରାମ୍ୟ ଜୀବନର ପ୍ରକୃତିଚିତ୍ର ଅତି ସୁନ୍ଦର ଓ ସାବଲୀଳ ଶୈଳୀରେ ପ୍ରକାଶ ପାଇଛି । ସେହିପରି ୨ୟ ଭାଗରେ ଋତୁ ବର୍ଣ୍ଣନାର ଚାରୁଚିତ୍ର ପ୍ରକାଶ ପାଇବା ସହିତ ପଲ୍ଲୀ ଜୀବନଚର୍ଯ୍ୟାର ସମସ୍ତ କଥା ପ୍ରକାଶିତ । ଋତୁଚକ୍ର ଆବର୍ତ୍ତନରେ ପାଳିତ ହେଉଥିବା ପର୍ବପର୍ବାଣି ସହିତ କୃଷକ ଜୀବନର ବିଭିନ୍ନ କାର୍ଯ୍ୟର ଚିତ୍ର ପ୍ରକାଶ ପାଇଛି । ପଲ୍ଲୀଚିତ୍ରର ୩ୟ ଭାଗରେ ପଲ୍ଲୀକୁ ନେଇ ସମସ୍ତ ଚରିତ୍ର ଯଥା ଉତ୍କଳ ଶିଳ୍ପୀ, କୃଷକ, ଲଳନା, ବିଧବା, ପଲ୍ଲୀ ଜନତାର ସଂକୀର୍ଣ୍ଣ ମନୋବୃତ୍ତି, କୁସଂସ୍କାର, ଯୁବକ, ଖଣ୍ଡାୟତ, କରଣ, ଭିକ୍ଷୁକ, ବ୍ରାହ୍ମଣ ଆଦିଙ୍କର ଯେଉଁ ସୁନ୍ଦର ଓ ବାସ୍ତବ ବର୍ଣ୍ଣନା ପ୍ରକାଶ କରିଛନ୍ତି ତାର ପଟାନ୍ତର ନାହିଁ । ତାଙ୍କ ପୂର୍ବରୁ ଏପରି ବର୍ଣ୍ଣନା କୌଣସି କବିଙ୍କର କବିତାରେ ପ୍ରକାଶ ପାଇନଥିଲା । ମୋଟାମୋଟି ଭାବେ ଗାଆଁ ମାଟିର ସମସ୍ତ କଥା, ସମସ୍ତ ଚିତ୍ର ଓ ସାଂସ୍କୃତିକ ଧାରା ଏହି ୩ଟି ଗ୍ରନ୍ଥରେ ଅତି ସୁନ୍ଦର ଭାବେ ପ୍ରକାଶ ଲାଭ କରି ପାଠକଙ୍କୁ ହୃଦୟକୁ ଆଲୋଡ଼ିତ କରିଥାଏ ।

ପଲ୍ଲୀକବିଙ୍କର ପଲ୍ଲୀଚିତ୍ର ପୁସ୍ତକ ତ୍ରୟରେ ଲୋକ ସାହିତ୍ୟର ଯେଉଁ ଉପାଦାନ ସବୁ ପ୍ରକାଶ ପାଇଛି ତାହା ଅତୁଳନୀୟ । ଗାଆଁର ସାଧାରଣ ଜନତା ବ୍ୟବହାର କରୁଥିବା ଲୋକୋକ୍ତି, ରଢ଼ି, ପ୍ରବଚନ, ଢଗଢମାଳି ତଥା କଥିତ ଶବ୍ଦର ଯେଉଁ ବ୍ୟବହାର

କରାଯାଇଛି ତାହା ତାଙ୍କ କବିତାକୁ ଅଧିକ ମଧୁର ଓ ରସପୂର୍ଣ୍ଣ କରି ପଲ୍ଲୀଜନତାଙ୍କୁ ଆକୃଷ୍ଟ କରିବାରେ ସହାୟକ ହୋଇଛି ।

ପଲ୍ଲୀକବି ତାଙ୍କ କବିତାରେ ପଲ୍ଲୀମାଟିର ଯେଉଁ ଆଦ୍ୟ ସ୍ପର୍ଶ ପ୍ରଦାନ କରି କାଳଜୟୀ ହେଲେ ତାହା ତାଙ୍କ ପରବର୍ତ୍ତୀ ଅନେକ କବିଙ୍କୁ ଆଲୋଡ଼ିତ ଓ ପ୍ରଭାବିତ କରିଛି । ନନ୍ଦକିଶୋରଙ୍କ ପରବର୍ତ୍ତୀ କାଳରେ ପଲ୍ଲୀଚିତ୍ରକୁ ନେଇ ଅନେକ କବି କବିତା ଲେଖିବା ସହିତ ପରବର୍ତ୍ତୀ କାଳରେ ପଲ୍ଲୀଗୀତ, ପଲ୍ଲୀ କବିତା ଆଦି ଅନେକ ଶୀର୍ଷକର ସ୍ୱତନ୍ତ୍ର ଧାରା ସୃଷ୍ଟି ହୋଇଛି ଓଡ଼ିଆ ସାହିତ୍ୟରେ ।

ନନ୍ଦକିଶୋରଙ୍କ ଆବିର୍ଭାବ ୧୮୭୫ ଓ ତିରୋଭାବ ୧୯୨୮ । କଟକ ଜିଲ୍ଲାର ମାହାଙ୍ଗା ଥାନା ଅନ୍ତର୍ଗତ କୁସୁପୁର ଗ୍ରାମରେ । ଗାଆଁ କଡ ଦେଇ ବହି ଯାଉଛି ସ୍ୱରୂପା ବିରୂପା ନଦୀ । ଯାହାର କଳକଳ ନାଦ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ କବିଙ୍କ ମନରେ କିମିଆ ଲଗାଇ ଦେଇଛି । ପ୍ରତିଦିନ ସେ ବିରୂପା କୂଳର ପିଙ୍ଗୁଳେଇ ଠାକୁରାଣୀଙ୍କ ପାଖରେ ସନ୍ଧ୍ୟା ସମୟ ଅତିକ୍ରାନ୍ତ କରିବା ସହିତ ଅନେକ କବିତା ଲେଖିଛନ୍ତି । ଗାଆଁମାଟିର ଶାନ୍ତ-ସରଳ-ସୁମଧୁର ରୂପ ତାଙ୍କ ମନରେ ଗଭୀର ପ୍ରଭାବ ପକାଇଛି । ଗାଆଁ ମାଟିରେ ଜନ୍ମଲାଭ କରିଥିବା ମଣିଷଟି ସହରରେ ଯେତେ ସୁବିଧା ସୁଯୋଗ ଓ ବିଳାସବ୍ୟସନ ଲାଭ କଲେ ମଧ୍ୟ ଗାଆଁର ଶାନ୍ତ ସରଳ ରୂପକୁ ସେ କେବେ ଭୁଲି ପାରେ ନାହିଁ । ସୁଦୂର ପ୍ରବାସରେ ଥାଇ ସେ ଗାଆଁ ମାଟିକୁ ଫେରି ଆସିବାକୁ ସର୍ବଦା ସ୍ୱପ୍ନ ଦେଖୁଥାଏ । ଗାଆଁ ମାଟିର ମମତା ନିକଟରେ ସବୁକିଛି ତା ନିକଟରେ ତୁଚ୍ଛ । ଗାଆଁର ସ୍ମୃତି ଅପାଶୋରା । ଏହାର ସୁନ୍ଦର ଚିତ୍ର ପଲ୍ଲୀକବିଙ୍କ କବିତାରେ ଅତି ସୁନ୍ଦର ଭାବରେ ରୂପାୟିତ ହୋଇଛି ।

ଶାନ୍ତିପୂର୍ଣ୍ଣ ଆରେ ପଲ୍ଲୀଗ୍ରାମ
ମଧୁରିମାମୟ ତୋର ନାମ
ନଗରୀର ରାଜ ସୁଖ ମୋହ ପକ୍ଷେ ଘୋର ଦୁଃଖ
ଆଗୋ ପ୍ରିୟ ପଲ୍ଲୀ, ତୋ ପଲ୍ଲବମୟ ଅଙ୍କ
ଛାୟା ତଳେ ଆଶ୍ରିବାକୁ ମୁହିଁ ସଦା ରଙ୍କ ॥
-ପଲ୍ଲୀଚିତ୍ର-୧ମ/ନନ୍ଦକିଶୋର ଗ୍ରନ୍ଥାବଳୀ, ପୃ.୧

ଏହି ପଦକରୁ ଗାଆଁମାଟି ପ୍ରତି ତାଙ୍କର କେତେ ଆକର୍ଷଣ ଥିଲା ତାହା ବୁଝି ହୁଏ । ଗାଆଁର ଶାନ୍ତସରଳ ମଧୁର ପରିବେଶରେ ଅବସ୍ଥାନ କରିବାକୁ ନନ୍ଦକିଶୋର ସର୍ବଦା ଆଶା ପ୍ରକଟ କରିଛନ୍ତି । ତାଙ୍କ ଆଖିରେ ଗାଆଁ ଗଡ଼ିଆ, ଖେଳପଡିଆ, ଗାଆଁ ଲୋକ ସବୁ ଗୋଟି ଗୋଟି ହୋଇ ଭାସି ଉଠିଛି । ତାଙ୍କ ମନର କଥା ସରଳ, ସାବଲୀଳ ଓ ସୁନ୍ଦର ଗାଆଁ ପରିବେଶ, ଗାଆଁର ସ୍ମୃତି ଆହୁରି ନିଆରା । ତାକୁ କେବେ ଭୁଲି ହୁଏ ନାହିଁ । ଯେତେ ଭୁଲିବାକୁ ଚେଷ୍ଟା କଲେ ମଧ୍ୟ ସେ ମନ ଭିତରକୁ ପଶି ଆସେ । ଗାଆଁ ପାଖ ଦେଇ ବହି ଯାଉଥିବା ବିରୂପା ନଦୀ, ନଦୀ ନିକଟରେ ଥିବା ମଠ, ମଠ ଚର୍ତୁପାର୍ଶ୍ୱରେ ଥିବା ବୃକ୍ଷରାଜି କବିଙ୍କୁ କରିଛି ପ୍ରଭାବିତ । ଗାଆଁର ପ୍ରାକୃତିକ ଶୋଭାସମ୍ପଦକୁ କବି ଆଦୌ ଭୁଲି ପାରି ନାହାନ୍ତି । ଏହାର ସ୍ୱରୂପ ତାଙ୍କ ରଚନାରେ ଚମତ୍କାର ଭାବରେ ପ୍ରକାଶ ପାଇଛି-

ମନୋହର ତଟିନୀର ତଟ
ଶୋଭେ କାହିଁ ବୈଷ୍ଣବଙ୍କ ମଠ
ଶାନ୍ତ ଋଷି ତପୋବନ- ସମ ରାଜେ ଉପବନ
ଅଶ୍ୱତଥ-ପନସ-ଚୂତ-ବଟ-ବଂଶରାଜି
କି ନିସର୍ଗ-ଲାବଣ୍ୟରେ ଅଛି ମଠ ସାଜି ॥

ଗାଆଁର ସଞ୍ଜ ସକାଳ ସବୁ ସୁନ୍ଦର । ସକାଳ ହେଲେ ନାଲି ମୁରୂଜ ବୁଣି ହୋଇଯାଏ ଗାଆଁ ମାଟିରେ । କାଉର କାଆ ଡାକରେ ଗ୍ରାମ୍ୟ ଜୀବନ ହୋଇଉଠେ ଚଳ ଚଞ୍ଚଳ । ଗାଆଁର ନବବଧୂ ପ୍ରାତଃ ସ୍ନାନ ସମାପନ କରି ଗାଆଁ ଦାଣ୍ଡକୁ ପୂତ ପବିତ୍ର କରେ-କୃଷକ ଓ ଶ୍ରମଜୀବୀ ନିତ୍ୟକର୍ମ ସାରି ନିଜ ନିଜ କର୍ମଭୂମିକୁ ଚାଲି ଯାଆନ୍ତି । ଗାଈଆଳ ପିଲା ଗାଈଗୋଠ ଅଡେଇ ଅଡେଇ ଗୀତଗାଇ ଯାଏ- ପିଲାମାନେ ନାନା ପ୍ରକାର ଖେଳରେ ଗାଆଁ ଦାଣ୍ଡକୁ ମୁଖରିତ କରନ୍ତି । ଗାଆଁ ଦାଣ୍ଡରେ ଯେପରି ଜୀବନ ସଞ୍ଚାରିତ ହୋଇଯାଏ । ନନ୍ଦକିଶୋରଙ୍କ ରଚନାରେ ଏହା ଅଧିକ ଜୀବନ୍ତ ଓ ହୃଦ୍ୟ ହୋଇଛି ।

ପୂର୍ବାଶା-ଲଲାଟେ ଶୋହେ ଶୁଭ୍ର ଶୁକ୍ରତାରା
ବରଷେ କି ବିଶ୍ୱଧାମେ ଅମୃତର ଧାରା ।
ପ୍ରାଚୀନର-ସନ୍ଦୂରିମା ପ୍ରକାଶେ ଶୋଭାଗରିମା
ଧନ୍ୟ ଧନ୍ୟ ପ୍ରକୃତି ଗୋ ଧନ୍ୟ ଚାରୁଶୀଳା
କେ ବର୍ଣ୍ଣି ପାରିବ ତୋର ଅପରୂପ ଲୀଳା !
ଶୁଭିଲାଣି ବାୟସର କାଆ କାଆ ସ୍ୱନ
ଶଯ୍ୟା ତେଜି ଉଠ ଏବେ ରେ ଅଳସ ମନ ।
ସୁକୁମାରୀ ବଧୂଗଣ ତେଜି ପତି-ଆଲିଙ୍ଗନ
କରନ୍ତି ସେ ଆନ ମନେ ନିତ୍ୟକର୍ମମାନ ॥
-ପ୍ରଭାତ / ନନ୍ଦକିଶୋର ଗ୍ରନ୍ଥାବଳୀ/ପୃ.୨୪୭

ସକାଳ ପରି ସନ୍ଧ୍ୟା ବର୍ଣ୍ଣନା ମଧ୍ୟ ଆହୁରି ହୃଦ୍ୟ ଓ ମନଛୁଆଁ ହୋଇଛି ତାଙ୍କ କବିତାରେ ।

ବୁଡିଅଛି ଡାଆଣିଆ ଖରା
ହୋଇଛି ଦିନର ଅବସାନ
ଅଳସ ଅବଶ ଏବେ ଧରା
ଅବସନ୍ନ ପ୍ରକୃତି-ପରାଣ ।
-ସନ୍ଧ୍ୟା/ନନ୍ଦ କିଶୋର ଗ୍ରନ୍ଥାବଳୀ/ପୃ.୨୫୦

ଗାଆଁ ପରିବେଶ, ଗାଆଁର ସମସ୍ତ ଘଟଣା କବି ଲେଖନୀରେ ହୋଇଛି ଅନନ୍ୟ । ଆଧୁନିକ ଶିକ୍ଷା ବିସ୍ତାର ଓ ସଭ୍ୟତାର ବିକାଶ ଫଳରେ ଆମର ଐତିହ୍ୟ, ପରମ୍ପରା ଓ ସଂସ୍କୃତି କ୍ରମେ ଲୋପ ପାଇଯାଉଛି । ଆଜି ଶିକ୍ଷାର୍ଥୀ ପଥ ଭ୍ରଷ୍ଟ । ଗୁରୁଙ୍କୁ ସେ ଆଜି ସମ୍ମାନ ଦେଇ ଜାଣୁନାହିଁ । ଶିକ୍ଷାଥୀକୁ ଦଣ୍ଡ ଦେବା ଅଧିକାର ଆଜି ଶିକ୍ଷକ ହାତରୁ କାଢ଼ି ନିଆଯାଇଛି । ମାତ୍ର, ତାଙ୍କ ସମୟରେ ଗାଆଁ ଚାଟଶାଳୀର ପାଠ ପଢ଼ାର ଯେଉଁ ପରମ୍ପରା ପ୍ରଚଳିତ ଥିଲା ସେଠି

ବିଦ୍ୟାର୍ଥୀଙ୍କ ମଧ୍ୟରେ ପ୍ରତିଯୋଗିତା ଲାଗୁଥିଲା କିଏ ଆଗ ଚାଟଶାଳୀରେ ପହଞ୍ଚିବ । କାରଣ ଯିଏ ଆଗ ପହଞ୍ଚେ ସିଏ ଗୋଟିଏ ପାହାର ମାଡ଼ ଖାଉଥିଲା ବେଳେ ପଛରେ ଆସୁଥିବା ବିଦ୍ୟାର୍ଥୀଟିକୁ ଅଧିକ ବେତ ପାହାର ଖାଇବାକୁ ହେଉଥିଲା । କବିଙ୍କ ରଚନାରେ ଏହାର ବର୍ଣ୍ଣନା ଅତି ସୁନ୍ଦର ଭାବରେ ପ୍ରକାଶ ପାଇଛି-

ଗ୍ରାମ ମଧ୍ୟେ ଗ୍ରାମ ଚାଟଶାଳୀ
ଯମଦଣ୍ଡ ଅବଧାନ ଜାଳୀ
ବିଳମ୍ବେ ଯେହୁ ଆସିବ ଶୂନ୍ୟ ଖାଇ ପ୍ରାଣ ଯିବ
ଏକ, ଦୁଇ ମାଗି ଛାତ୍ରେ ହୁଅନ୍ତି ବାହାର
ଛାପ ନ ଶୁଖୁଣୁ ବିଧି ଖାଇ ଆସିବାର ॥

ଏଥିରୁ ସେ ସମୟର ଶିକ୍ଷା ପଦ୍ଧତି ତଥା ଦଣ୍ଡ ଦେବାର ପ୍ରଥା ଜଣା ଯାଇଥାଏ ।

ଋତୁଚକ୍ର ଆବର୍ତ୍ତନରେ ଗାଆଁରେ ପାଳିତ ହୁଏ ଅନେକ ପର୍ବପର୍ବାଣି । ଗାଆଁର ସବୁ ଲୋକ ପର୍ବପର୍ବାଣିଗୁଡ଼ିକୁ ଆନନ୍ଦ ଉଲ୍ଲାସର ସହିତ ପାଳନ କରିଥାନ୍ତି । ଭିନ୍ନ ଭିନ୍ନ ପର୍ବରେ ଭିନ୍ନ ଭିନ୍ନ ପ୍ରକାରର ପିଠାପଣା ପ୍ରସ୍ତୁତ ହେବା ସହିତ ସମସ୍ତେ ନୂଆ ପୋଷାକ ପରିଧାନ କରନ୍ତି । ଲୋକମାନେ ନିଜେ ଯେତିକି ଖାଆନ୍ତି ସାହି ପଡିଶାଙ୍କୁ ସେତିକି ବାଣ୍ଟନ୍ତି ଓ ଖୁଆନ୍ତି । ତେଣୁ ପର୍ବପର୍ବାଣିଗୁଡ଼ିକ ଗ୍ରାମ୍ୟ ସଂସ୍କୃତିର ପ୍ରାଣକେନ୍ଦ୍ର । ଏହି ପର୍ବପର୍ବାଣିରେ ଗ୍ରାମବାସୀ ବିଭିନ୍ନ ପ୍ରକାରର ପିଠାପଣା ଖାଇ ବିଭିନ୍ନ ପ୍ରକାର ଖେଳ ଖେଳି ମଉଜ ମଜଲିସ୍‌ରେ ସମୟ ଅତିବାହିତ କରନ୍ତି । ଲୋକଚଳଣିର ଏହି ମୁଖ୍ୟ ବିଭବକୁ କବି ପ୍ରକାଶ କରିବା ପାଇଁ କୁଣ୍ଠା ପ୍ରକାଶ କରି ନାହାନ୍ତି ।

ରଜ ତିନିଦିନ ଖାଇ ପୋଡ ପିଠା
ଗ୍ରାମ ଆମ୍ବତୋଟା ତଳେ
ଖେଳନ୍ତି ଉଦ୍ଦାମେ ବାଗୁଡ଼ି, ଦାଣ୍ଡିଆ
ପଲ୍ଲୀ ଯୁବକ ସକଳେ
ବାଘ, ଛେଳି, ଶାରୀ-ଶୁଆ, ଧାନଉଁଷା
ଅବା ଲୁଚକାଳି ଖେଳ
ଖେଳିଥାନ୍ତି ଜହ୍ନ ରାତିରେ ଶିଶୁଏ
ହୋଇ ଦାଣ୍ଡେ ଏକ ମେଳ ॥

ସେହିପରି ଗ୍ରାମ୍ୟ ଜୀବନରେ ହାଟର ମହତ୍ତ୍ୱ ସବୁଠାରୁ ଅଧିକ ମନେ ହୋଇଥାଏ । ସପ୍ତାହରେ ଗୋଟିଏ ଦିନ କିମ୍ବା ସ୍ଥଳ ବିଶେଷରେ ଦୁଇ ଦିନ ହାଟ ବସିଥାଏ । ଆଖପାଖ ଆଠଦଶ ଖଣ୍ଡ ଗାଆଁର ଲୋକ ଏକତ୍ର ହୋଇ ଜିନିଷପତ୍ର ବିକାକିଣା କରନ୍ତି । ତା ସହିତ ସେଠାରେ ନିଜନିଜର ଭାବ ବିନିମୟ ମଧ୍ୟ କରି ପରସ୍ପର ମଧ୍ୟରେ ଖୁସି ବାଣ୍ଟନ୍ତି । କବି ନନ୍ଦକିଶୋରଙ୍କ ରଚନାରେ ଏହାର ସୁନ୍ଦର ଚିତ୍ର ପ୍ରକାଶ ପାଇଛି ।

ଗ୍ରାମେ କାହିଁ ବସେ ପାଳିହାଟ
ପୁରିଯାଏ ଗ୍ରାମ ବାଟଘାଟ
ଆସିଣ ଦୋକାନୀମାନେ ବସି ବସି ନିଜ ସ୍ଥାନେ
ଯେ ଯାହାର ସଉଦା ସେ କିଣନ୍ତି ବିକନ୍ତି
ପଇସା କଉଡ଼ି, ରବି ବଦଳି ରଖନ୍ତି ॥
-ଗ୍ରାମ ହାଟ/ନନ୍ଦକିଶୋର ଗ୍ରନ୍ଥାବଳୀ, ପୃ.୨୧

ଏତିକିରେ ନନ୍ଦକିଶୋର ଗ୍ରାମ୍ୟ ବର୍ଣ୍ଣନାର ଚିତ ସରିନାହିଁ । ଭାରତ ହେଉଛି କୃଷି ପ୍ରଧାନ ଦେଶ । ଅଧିକାଂଶ ଲୋକ କୃଷି ଉପରେ ନିର୍ଭର କରନ୍ତି । ଚାଷ ସରିଲେ ଅମଳ ପାଇଁ କୃଷକ ଖଳରେ ସେ ସବୁକୁ ଅମଳ କରି ଘରେ ସାଇତି ରଖେ । ସେଇ ସାମାନ୍ୟ କଥା ମଧ୍ୟ କବିଙ୍କ ଦୃଷ୍ଟିରୁ ବାଦ ପଡିନାହିଁ । ସେ ତାଙ୍କ ଗ୍ରାମ୍ୟଖଳା କବିତାରେ ଲେଖିଛନ୍ତି-

ଗ୍ରାମ ପ୍ରାନ୍ତେ କରି ଲୋକେ ଖଳା
ମେରି ପୋତି ପକାନ୍ତି ବେଙ୍ଗଳା
ବାନ୍ଧି ମଞ୍ଚା ମଧ୍ୟ ସ୍ଥାନେ ଜଗନ୍ତି ରାତ୍ରିରେ ଧାନେ
ମିଛ ସତେ ଦେଖିଥାନ୍ତି ଯେ ସର୍ବ ଘଟନା
କଳନା ବଳରେ ପ୍ରାତେ କରନ୍ତି କଳ୍ପନା ॥...

ଆଜିକାଲି ପରି ଇଲେକ୍ଟ୍ରିକ ଲାଇନ ନଥିଲା । ଲୋକେ ଅନ୍ଧାରରେ ଖଳା ଜଗୁଥିଲେ । ସେଇ ଅନ୍ଧାରରେ ନାନା କାଳ୍ପନିକ କାହାଣୀ ଯଥା ଭୂତ ପ୍ରେତ ଠାରୁ ଆରମ୍ଭ କରି ଅନେକ କଥା ସେମାନେ ସକାଳେ ମନରୁ ଫାନ୍ଦି କହିଥାଆନ୍ତି । ସେଇ କଥାକୁ କବି ସୁନ୍ଦର ଭାବରେ ଏଠାରେ ପ୍ରକାଶ କରିଛନ୍ତି ।

ଶିଶୁ କବିତା କ୍ଷେତ୍ରରେ ମଧ୍ୟ ପଲ୍ଲୀକବି ନିଜର ଏକ ସ୍ୱତନ୍ତ୍ର ସରଣୀ ସୃଷ୍ଟି କରିଥିଲେ । ନାନାବାୟା ଗୀତ ହେଉଛି ତାର ଏକ ନିଚ୍ଛକ ଉଦାହରଣ । ଏଥିରେ ସ୍ଥାନୀତ କବିତାମାନଙ୍କରେ ତାଙ୍କର ମୌଳିକତା ଅଧିକ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ତାଙ୍କର ସର୍ବଜନାଦୃତ କେତେ କବିତାର ପକ୍ତି ହେଲା-"ମେଘ ବରଷିଲା ଟପର ଟପର, କେଶୁର ମାଇଲା ଗଜା, କେଉଁ ରାଇଜରେ ରହିଲେ ମୋ ରଜା ତେଲିଙ୍ଗି ବାଇଦ ବଜା', "ବିଲୁଆ ନନାରେ ବିଲୁଆ ନନା, ଘର ପୋଡିଗଲା ପଛକୁ ଅନା"। ଏହି ପଂକ୍ତିଗୁଡ଼ିକ ଏବେ ସମସ୍ତଙ୍କ ମନରେ ସାଇତା ହୋଇ ରହିଛି ।

ନନ୍ଦକିଶୋରଙ୍କ ପ୍ରତ୍ୟେକ କବିତା ଗାଆଁ ମାଟିର ବାସ୍ନାରେ ବାସ୍ନାୟିତ । ତାଙ୍କ କବିତରେ ଗାଆଁ ମାଟିର କଥା ଯେପରି ସରଳ ଓ ସାବଲୀଳ ଭାବରେ ପ୍ରକାଶ ପାଇଛି ତାହା ଅନ୍ୟ କୌଣସି କବିଙ୍କ ରଚନାରେ ପ୍ରକାଶ ପାଇନାହିଁ । ଆଧୁନିକ ସଭ୍ୟତା ଓ ସହରୀକରଣ ଫଳରେ ଆଜି ଭାରତୀୟ ଗାଆଁ ତାର ସ୍ୱାତନ୍ତ୍ର୍ୟତା ହରାଇ ବସୁଥିବା ବେଳେ ପଲ୍ଲୀକବି ନନ୍ଦକିଶୋରଙ୍କ କବିତା କାଳ କାଳ ପାଇଁ ଗାଆଁ ମାଟିର କଥା ପ୍ରକାଶ କରି ଚାଲିଥିବ ।

ସାହିତ୍ୟିକ ଓ ଶିକ୍ଷାବିତ୍
କୁସୁପୁର-୭୫୪୨୦୫, କଟକ (ଓଡ଼ିଶା)
ମୋ : ୯୪୩୭୫୨୬୨୦୧

# ଶିଶୁ ଉପନ୍ୟାସ 'ବଣରେ ଲାଗିଛି ନିଆଁ'- ପରିବେଶର ଏକ ଆନ୍ଦୋଳିତ ସାକ୍ଷର

ଶ୍ରୀ କୁଞ୍ଜ ବିହାରୀ ସାହୁ

ଜନନୀ ଜଠରୁ ପ୍ରଥମ ସନ୍ତାନ ଭୂମିଷ୍ଠ ହେଲାପରେ ପାରିବାରିକ ପରିବେଶ ଯେମିତି ଉଲ୍ଲସିତ ହୁଏ, ସେମିତି ଲେଖକଙ୍କ ସାହିତ୍ୟ ସର୍ଜନାର ପ୍ରଥମ ସନ୍ତକଟିଏ ରୂପାୟିତ ହେଲେ, ଭାବବିହ୍ୱଳ ହୋଇପଡ଼େ ସଂପୃକ୍ତ ଲେଖକ/ ଲେଖିକା । ଆତ୍ମ ସମୀକ୍ଷା କରିବା ପୂର୍ବରୁ ପାଠକ ହାତରେ ଉନ୍ମୋଚିତ ହେଲେ ଏବଂ ପରେପରେ ସମ୍ବାଦପତ୍ରରେ ସମାଲୋଚନାଟିଏ ପ୍ରକାଶ ପାଇଲେ, ପୁସ୍ତିକାର ଅନ୍ତରାତ୍ମା ମହକିଯାଏ । କହିବା ବାହୁଲ୍ୟ ଯେ ଔପନାସିକ ପ୍ରଶାନ୍ତ କୁମାର ମଙ୍ଗରାଜଙ୍କ ପ୍ରଥମ ଶିଶୁଉପନ୍ୟାସ '*ବଣରେ ଲାଗିଛି ନିଆଁ*' ସାମାଜିକ/ ପରିବେଶ ସମ୍ବନ୍ଧୀୟ ଉପନ୍ୟାସ, ଉନ୍ମୋଚିତ ହୋଇଥିଲା ଖୋର୍ଦ୍ଧା ସାହିତ୍ୟ ସଂସଦର ବସନ୍ତ ମିଳନ ଉତ୍ସବରେ, ୧୯୯୩ ମସିହାରେ ଏକ ସାରସ୍ୱତ ମଂଚରେ । ସାହିତ୍ୟିକ ଶ୍ରୀଯୁକ୍ତ ମୁରଲୀଧର ପ୍ରଧାନ, ଲକ୍ଷ୍ମୀନାରାୟଣ ରାୟଗୁରୁ ଓ ବିଶିଷ୍ଟ ଶିଶୁସାହିତ୍ୟିକ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ଭଞ୍ଜ । ସମସ୍ତଙ୍କ ତୁଣ୍ଡରେ ଥିଲା ପୁସ୍ତିକାର ପାଠକୀୟ ଆଦର । ପ୍ରଶସ୍ତି ପରେ ପ୍ରଶସ୍ତି ତାଳିମାଡ଼ରୁ ହିଁ ବାରି ହେଉଥିଲା ବେଶ୍ । ଉପନ୍ୟାସଟି ପରେ ପରେ ଆକାଶବାଣୀ କଟକର 'ଚକାଚକା ଭଉଁରୀ' କାର୍ଯ୍ୟକ୍ରମରେ ଦାସକାଠିଆରେ ରୂପାନ୍ତରିତ ହୋଇ 'ଆମ ବଣରାଇଜ' ଶୀର୍ଷକରେ ପ୍ରସାରିତ ହୋଇ ଶ୍ରୋତାମଣ୍ଡଳୀ ଦ୍ୱାରା ଭୂୟସୀ ପ୍ରଶଂସିତ ହୋଇଥିଲା । ଏହି ଲୋକନାଟକ ଦାସକାଠିଆ ପୁନଶ୍ଚ ୨୦୦୦ ମସିହାରେ ପ୍ରକାଶିତ ହେଇଥିଲା । ସମସ୍ତ ଶିଶୁସାହିତ୍ୟିକମାନଙ୍କ ପାଇଁ ଏକ ଅଭୁଲା , ଅପାସୋରା ତଥା ଗ୍ରହଣୀୟ ହୋଇପାରିଛି ।

ଔପନାସିକଙ୍କର ପ୍ରଥମ ଶିଶୁଉପନ୍ୟାସ 'ବଣରେ ଲାଗିଛି ନିଆଁ' ମୋ ପ୍ରବନ୍ଧର ଆଲୋଚ୍ୟ ବିଷୟବସ୍ତୁ । ଏହାର ଆଙ୍ଗିକ ସମୀକ୍ଷାରୁ ଜଣାପଡ଼େ ୧୯୯୩ ମସିହାରେ ବସନ୍ତ ପବ୍ଲିକେଶନ, ଡଗରପଡ଼ା, କଟକରୁ ପ୍ରକାଶିତ । ପ୍ରାୟ ୨୭ଟି ଚିତ୍ର ବହୁଳ ଉପନ୍ୟାସଟିର ମୂଲ୍ୟ ମାତ୍ର ପାଂଚ ଟଙ୍କା । ପ୍ରଚ୍ଛଦପୃଷ୍ଠାରେ ପାହାଡ଼ ପର୍ବତ, ଜଙ୍ଗଲ ଭିତରେ ଦୁଇଟି ଚପଳମତି ପିଲାର ସୁଦୃଶ୍ୟ ଚିତ୍ର ମନକୁ ଆକର୍ଷିତ କରେ, ଯାହାକି ଶିଶୁ ଉପନ୍ୟାସର ବୈଶିଷ୍ଟ୍ୟ । ଦୁଇଟି ପିଲାଙ୍କ ଦୁଇ ପାଖିଆ ଚରିତ୍ରକୁ ନେଇ କାହାଣୀ ସୁଖପାଠ୍ୟ ହୋଇପାରିଛି ।

ଉପନ୍ୟାସ ଲେଖିବାର ପ୍ରାକ୍‌କଥନରୁ ସ୍ପଷ୍ଟ ବାରିହୋଇପଡ଼େ ଯେ ଔପନାସିକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ମଙ୍ଗରାଜ ନୟାଗଡ଼ ଜିଲ୍ଲାର ଏକ ଆଦିବାସୀ ପରିବେଷ୍ଟିତ ପଲ୍ଲୀ ଗାଁ 'ବଡ଼ହାମରା' ଗାଁକୁ ଗସ୍ତ କରିଛନ୍ତି । ଆତ୍ମୀୟ ବନ୍ଧୁ ଶ୍ରଯୁକ୍ତ ଆନନ୍ଦ ଚନ୍ଦ୍ର ପ୍ରଧାନଙ୍କ ଘରେ ସାତଦିନ ବନ୍ଧୁତ୍ୱପୂର୍ଣ୍ଣତାରେ ବିତେଇଛନ୍ତି । ପାଖାପାଖି ସାତୋଟି

କାହାଣୀଟି ଯେ କୌଣସି ପୃଷ୍ଠଭୂମିରେ ଅବତାରଣା କରାଯାଉପଛକେ, ଯେତେବେଳେ ସୁଗମ, ସାବଲୀଳ ଢଙ୍ଗରେ ଗତିଶୀଳ ହୋଇ କାହାଣୀକୁ ନୂଆ ମୋଡ଼ ଦେଇଚାଲେ, ତେବେ ଉପନ୍ୟାସର ଜନ୍ମ ହୁଏ । ଚାରିପାଖରେ ଦୃଶ୍ୟାବଳୀକୁ ସାମ୍ନାରେ ଥୋଇ କାହାଣୀଟି ପରିମାର୍ଜିତ କରି ରସାଣିତ କରିବାରେ ଉପନ୍ୟାସର ପ୍ରମୁଖ ଭୂମିକା ରହିଛି । କିଛି ସତ୍ୟତା, କିଛି ବାସ୍ତବତା ଆଉ କିଛି କାଳ୍ପନିକର ମାପକାଠିରେ ଶବ୍ଦମାନେ ଆତଯାତ ହୁଅନ୍ତି ଆପଣାଁଛାଏଁ । ସୂଚେଇଦିଅନ୍ତି କାହାଣୀକୁ ଆତ୍ମାକୁ, ଚିହ୍ନେଇଦିଅନ୍ତି ଚରିତ୍ରମାନଙ୍କୁ । ଲମ୍ୱେଇଦିଅନ୍ତି କଥାନିକାକୁ । ଆରମ୍ଭ ହିଁ ଜଣେଇଦିଏ କାହାଣୀର ମୋଡ଼ ଗତିପଥକୁ । ମୌଳିକତା ଓ ସୃଜନୀର ଆଧାର ହିଁ ଉପନ୍ୟାସର ମାନଦଣ୍ଡ ।

ସମ୍ଭ୍ରାନ୍ତ ଶ୍ରେଣୀୟ ଉପନ୍ୟାସର ବଖାଣ ଯେମିତି ଶାଣିତ ଓ ଶବ୍ଦବିଭୋର, ଶିଶୁ ଉପନ୍ୟାସରେ ଶବ୍ଦପୁଞ୍ଜି ଖୁବ୍ ସରଳ, ତରଳ, ଭାବମୟ ଉପରେ ଆଧାରିତ । ଗ୍ରାମ୍ୟ ପରିବେଶ ହେଉକି ସହରୀ ସଭ୍ୟତା, ପ୍ରତି ଉପନ୍ୟାସର ଶବ୍ଦ ସଂଯୋଜନା ସାବଳୀଳ ଢଙ୍ଗରେ ବିଚ୍ଛୁରିତ । ଔପନାସିକ ଯତୋପରନାସ୍ତି ଚେଷ୍ଟାକରେ ସାମ୍ପ୍ରତିକ ସମୟକୁ ଆଖି ଆଗରେ ରଖିବାକୁ । କୋମଳମତି ଶିଶୁମାନଙ୍କର ଅହେତୁକ ପଠନ ପ୍ରକ୍ରିଆକୁ ଉଜ୍ଜିବୀତ କରିବାର ପ୍ରଚେଷ୍ଟା ହିଁ ଉପନ୍ୟାସର ଅନ୍ୟ ଏକ ବଳିଷ୍ଠ ଦିଗ । ସେଥିପାଇଁ ତ ଶିଶୁଉପନ୍ୟାସର ଛନ୍ଦ ଛବିଳ, ରୁଚିକର ତଥା ପଠନ ଉପଯୋଗୀ ହୋଇଥାଏ ସମଗ୍ର ମାନବସମାଜ ପାଇଁ । ମୌଳିକତା ଏହିପରି ଉପନ୍ୟାସରେ ପ୍ରକୃଷ୍ଟ ପୃଷ୍ଠଭୂମି ।

କାହାଣୀଟି ଯେତିକି ଗତିଶୀଳ ହେବ, ପ୍ରବହମାନ ନଦୀପରି ଚଳମାନ ହେବ, ଉପନ୍ୟାସ ସେହି ଧାରାରେ ଅଗ୍ରଗତି ଲାଭ କରିବ । ଏହି ପରିପ୍ରେକ୍ଷୀରେ ଶିଶୁଉପନ୍ୟାସକୁ ପଠନୀୟ କରିବାର ଦୁର୍ବାର ପଦକ୍ଷେପ ଅନେକ ଶିଶୁସାହିତ୍ୟିକ ହାତକୁ ନେଇଛନ୍ତି । ଏବଂ ସାହିତ୍ୟ ମହଲରେ ଏକ ସ୍ୱତନ୍ତ୍ର ପରିଚୟ ମଧ୍ୟ ତିଆରି କରିପାରିଛନ୍ତି ।

ଆଲୋଚନାର ପରିସରକୁ ପ୍ରବେଶ କରନ୍ତି ବିଶିଷ୍ଟ ଶିକ୍ଷାବିତ୍, ଶିକ୍ଷାକୁ ପେଶା ଓ ସାହିତ୍ୟ ସାଧନାକୁ ନିଶା ବୋଲି ବିବେଚନା କରୁଥିବା ଶ୍ରଯୁକ୍ତ ପ୍ରଶାନ୍ତ କୁମାର ମଙ୍ଗରାଜ । ଶିଶୁ ଉପନ୍ୟାସର ମଙ୍ଗ ଧରିବାକୁ ସତତ ଚେଷ୍ଟିତ । ଶବ୍ଦ ସଂଯୋଜନାରେ ସେ ମାହିର । କାହାଣୀକୁ ଗତିଶୀଳ କରି ପାଠକାମୁଖୀ କରିବାରେ ନିରବଧି ସାଧକ ଜଣେ ।

ଗାଁ ଭ୍ରମଣ କରି ଆଦିବାସୀମାନଙ୍କର ଜୀବନଚର୍ଯ୍ୟା ଉପରେ ଉପାଦେୟ ତଥ୍ୟ ସଂଗ୍ରହ କରିଛନ୍ତି । ବାସ୍ତବ ଚିତ୍ରକଳ୍ପକୁ ଉପନ୍ୟାସ ଛାଂଚରେ ପକାଇ ଶିଶୁମାନଙ୍କର ମୌଳିକ ଚିନ୍ତାଧାରାକୁ ପରିପ୍ରକାଶ କରିଛନ୍ତି ।

ପୃଷ୍ଠା ଓଲଟାଇଲେ ଆରମ୍ଭରୁ ସରଳ, ତରଳ ବୋଧଗମ୍ୟ ଶବ୍ଦମାନଙ୍କୁ ଭେଟିବାକୁ ପଡ଼େ । "ଯେମିତିକି ନୟାଗଡ଼ରୁ ଅଳପ ଦୂର । ଧରଣୀଧର ଚିନିକଳ ପାଖାପାଖି ହେବ ଗାଁଟିଏ । ନାଁ ତାର ବଡ଼ହାମରା । 'ବଡ଼ହାମରା' ପାଖାପାଖି ଆଉ ଗାଁ ନାହିଁ । ଚାରିପଟେ ବଣଜଙ୍ଗଲ । ବଣଭିତରେ ସାତୋଟି ଜଙ୍ଗଲ । 'ଚକୁଲିଖିଆ', 'ହାତୀଗୁମ୍ଫା', 'ନଡ଼ିଆଭଙ୍ଗା', 'ପିଲାଚୋର', 'ଭୁତକୋଠି', 'ରାଜଗିରି ' ଓ 'ସୁବର୍ଣ୍ଣଗିରି ' । ପାହାଡ଼ମାନଙ୍କ ଭିତରେ 'ରାଜଗିରି ' ସବୁଠାରୁ ଉଚ୍ଚ ପାହାଡ଼ ।"

ଏଥିରୁ ବାରିହୋଇପଡୁଥିଲା ଔପନାସିକ ଶ୍ରଯୁକ୍ତ ପ୍ରଶାନ୍ତ କୁମାର ମଙ୍ଗରାଜଙ୍କର ଦୂରଦୃଷ୍ଟି ଓ ଜ୍ଞାନ ଆହରଣରେ ସମୁଜ୍ଜଳ ଚିତ୍ର । ବାସ୍ତବତାର ସାମ୍ନା କରିବାର ନିବିଡ଼ ଆତ୍ମୀୟତା । କାହାଣୀକୁ ଲମ୍ବେଇ ଅନେକ କିଛି ଭେଟିଦେବାର ବିଭୂଷିତ ପରିକଳ୍ପନା । ଏହା ସାମାଜିକ ଶିଶୁସୁଲଭ ଉପନ୍ୟାସ ଏବଂ ଗତିଶୀଳ ଭାବନାର ପରିପ୍ରକାଶ । ଲେଖିବାର ଆଦବକାଇଦା ଲେଖକଙ୍କୁ ବେଶ୍ ଜଣାଶୁଣା ।

ତାପରେ ଆରମ୍ଭ ହୁଏ, ଚରିତ୍ରମାନଙ୍କର କଥା ସମୂହ । ପ୍ରଚ୍ଛଦପୃଷ୍ଠାରେ ଚିତ୍ରିତ ଦୁଇଟି ପିଲାର ଅଜବ ଖିଆଲି କାହାଣୀରେ ସୁଧୀର ଓ ସନାତନ । ଦୁହିଁଙ୍କର ପାଠପଢ଼ାରେ ମତାନ୍ତର ଏବଂ କାର୍ଯ୍ୟସୂଚୀରେ ଓଲଟାପାଲଟା ସ୍ୱଭାବ । ଏଇ ଯେମିତି କାଠରେ କାଠ ଘଷି ହେବାର 'ଜା'ଳକୁ କାର୍ଯ୍ୟରେ ନିୟୋଜିତ କରି ଉପକାର/ ଅପକାରର ସଂଜ୍ଞାକୁ ପରଖିନିଅନ୍ତି ସୁଧୀର ଓ ସନାତନ । ସୁଧୀରର ସୁମଧୁର ବାକ୍ୟାଳାପ/ ଚାଲିଚଳନ ସନାତନର ମୁଣ୍ଡକୁ ବିଛା କାମୁଡ଼ିଲା ପରି ଲାଗେ । କୁପରିଣାମ ଭୟଙ୍କର ହେଲେ ବି ନିଜର କାର୍ଯ୍ୟରେ ସିଦ୍ଧିଲାଭ କରିବାପାଇଁ ସତତ ପ୍ରଚେଷ୍ଟା ଜାରିରଖେ ସନାତନ । ବଣରେ ନିଆଁ ଲାଗିଲେ କେବଳ ଯେ ବଣ ପୋଡ଼ିଯିବ, ତା ନୁହେଁ ପରୋକ୍ଷରେ ନିରୀହ ପଶୁପକ୍ଷୀ ନିଆଁ ଦାଉରେ ମୃତ୍ୟୁ ମୁଖରେ ପଡ଼ିବେ ଏବଂ ଆହତ ହୋଇ ଗାଁ ଭିତରେ ନିଜର କାୟା ବିସ୍ତାର କରିବେ, ଏକଥା ଜଣାପଡ଼େନି ସନାତନକୁ । ବନବିଭାଗ ଅଧିକାରୀଙ୍କର କଥୋପକଥନ ସନାତନକୁ କାଟୁ କରେନି । ବନଦେବୀଙ୍କ ପାଖରେ ହୋଇଥିବା ଶପଥ ଭିନ୍ନ ମୋଡ଼ ନିଏ ସୁଧୀର ଓ ସନାତନଙ୍କ ପାଖରେ । ଏଣୁ ମାଇଲେ ଗୋ ହତ୍ୟା ତେଣୁ ମାଇଲେ ବ୍ରହ୍ମହତ୍ୟା ପରି ଦୋଛକିରେ ସୁଧୀର ଓ ସନାତନ ।

ସନାତନର ଏକା ଜିଦି ବଣରେ ନିଆଁ ଲାଗିବ ହିଁ ଲାଗିବ । ସାଥୀମାନଙ୍କର ପଣରେ ସାହସ ବାନ୍ଧେ ସନାତନ ।

ଗାଁ ର ବୟସ୍କ ବୁଢ଼ାମାନଙ୍କର ପରାମର୍ଶକୁ ସନାତନ ମୁଣ୍ଡରେ ସଜେଇ ରଖିପାରେନି । ବୟସ୍କମାନଙ୍କ ମହନୀୟତାକୁ ଦ୍ୱାହି ଦେବା ହିଁ ବିପଦର କାରଣ । ସେଥିପାଇଁ ତ ଗାଁର ବୁଢ଼ାଲୋକମାନେ ସଦାସର୍ବଦା ଗାଁ ର ମଙ୍ଗଳକାମନା କରିଥାନ୍ତି । ଯୋଉଥିପାଇଁ ଔପନାସିକ ସୁନ୍ଦର ଭାବରେ ବୟସ୍କ ବୁଢ଼ାମାନଙ୍କୁ ସମ୍ମାନ ଦେଇଛନ୍ତି ତାଙ୍କର ଏ ପ୍ରଥମ ଉପନ୍ୟାସରେ । ସତରେ ପ୍ରଶଂସାର୍ହ ।

ଚଳମାନ କାହାଣୀର ମୋଡ଼ରେ ଗାଁ ମୁଖିଆ ହରିଭାଇନା । ବଖାଣିଦିଅନ୍ତି ଏକ ଭୟାତୁର କଥାଟିଏ । ବଣୁଆ ବାଘର ଛେଳି ଉପରେ ଅତର୍କୀତ ଆକ୍ରମଣ ମନରେ ଯେତିକି ଛନକା ଆଣିଛି, ସେତିକି ଆଶଙ୍କା ଆଣିଛି ଗାଁ ମଣିଷଙ୍କ ଛାତିରେ । 'ଆସ, ଆମେ ସମସ୍ତେ ବଣରେ ନିଆଁ ଲଗେଇଦେବା । ନୋଚେତ୍ ଅଯଥ ମରଣମୁହଁକୁ ଚାଲିଯିବା ସିନା ଲାଭ କିଛି ନାହିଁ ।' ଗାଁ ମୁଖିଆର ଏମିତି ଏକ ଅଭୟବାଣୀ ସନାତନ ପାଇଁ ଖୋରାକ ଆଣିଦେଇଛି ବଣରେ ନିଆଁ ଲଗାଇ ପୋଡ଼ିଦେବାପାଇଁ । ଆପେ ବଂଚିଲେ ବାପର ନାଁ ନ୍ୟାୟରେ ସନାତନ ରକ୍ତମୁଖା ହୋଇଯାଇଛି ।

ଗଣିତର ଅପ୍ରକୃତ ଭଗ୍ନାଂଶ ପରି ଗାଁ ମୁଖିଆର ଅବାନ୍ତର ଯୁକ୍ତି ସୁଧୀର ମନକୁ ଭାରାକ୍ରାନ୍ତ କରିଚି; ନେହୁରା ହୋଇଛି ସମସ୍ତଙ୍କୁ ବିନମ୍ର ମୁଦ୍ରାରେ । 'ଏଣିକି ଚାଲିଲା ନିଆଁ ଲଗାଇବା ଯୋଜନା' ।

ସତରେ କଥାନୁସାରେ କାମ ଆରମ୍ଭ ହୋଇଛି ଏବଂ ସହାୟତାର ହାତ ଲମ୍ବିଯାଇଛି । ଗାଁର ପିଲା, ବୁଢ଼ାଏ ଓ କୁଟିଳବୁଦ୍ଧିର ନାୟକ ହରି ଭାଇନା ସତେ ଅବା ଖୁସ୍ ।

ଔପନାସିକ ଆହୁରି ପ୍ରଗଳଭ ହୋଇ ଗତିଶୀଳ କରିଛନ୍ତି କାହାଣୀକୁ । ପିଲାଙ୍କ ମନରେ ଉତ୍ସୁକତା ଭରିଦେଇଛନ୍ତି । ଜିଜ୍ଞାସାରେ ବାଟ କଢ଼େଇ ଦେଇଛନ୍ତି ।

ରାଜଗିରି ପାହାଡ଼ରେ ନିଆଁ ଲାଗିଯାଇଛି । ନିଆଁର ଲହ ଲହ ଜିହ୍ୱାରେ ନିକଟସ୍ଥ ପାହାଡ଼ ପର୍ବତ, ବୃକ୍ଷଲତାର ସରସତା, ମଉଳିଯାଇଛି ନିମିଷକରେ । ଖୁସିର ମାହୋଲରେ ସମସ୍ତେ ବିଭୋର ହେଲାବେଳକୁ ସୁଧୀରର ବୋଉ କିନ୍ତୁ ଦୁଃଖରେ ଭାଙ୍ଗିପଡ଼ନ୍ତି । 'ମୋ ପୁଅକୁ ଦେଖିଛ ? ତମେ ତ ଆସିଲ, ମୋ ପୁଅ ଗଲା କୁଆଡ଼େ ?' ପୁତ୍ରବତ୍ସଳା ବୋଉର ଲୁହଭିଜା ସ୍ୱରକୁ ତୋଳି ଧରିଛନ୍ତି ଲେଖକ ଏକ ଆବେଗିକତାରେ । ଖୁବ୍ ବାଧିଛି ଲେଖକଙ୍କୁ ପୁତ୍ରକୁ କିଛି କ୍ଷଣ ନ ଦେଖି ଝୁରିହେବାରେ । କାରଣ ସମସ୍ତେ ଈର୍ଷାନ୍ୱିତ ହୋଇ ସୁଧୀର ବିଷୟରେ ସଠିକ୍ ଖବର ଦେଇପାରୁନାହାନ୍ତି । ସୁଧୀର ବୋଉର ଆଖିରେ ଲୁହ ଜମାଟ ବାନ୍ଧିଛି । ଶିଶୁର ମାନସିକତାକୁ ଲେଖକ ବୁଝିପାରିଛନ୍ତି । ସତରେ ତାଙ୍କର ଭାବନା ସ୍ୱାଗତଯୋଗ୍ୟ ।

ଆଖି ଆଗରେ ନିଆଁ ଧାସରେ ଜଳିଯାଉଛି ସମଗ୍ର ବଣମୁଲକ ।

ଖୁବ୍ ସରଳ ସ୍ୱଭାବର ପିଲାଟିଏ ସୁଧୀର । ଦୁଃଖରେ କାତର ହେବା ସତେ ଯେମିତି ତା ଜାତକରେ ଲେଖା । ସୁଧୀରର ମନେ ପଡ଼ିଗଲା ଦମକଳ କଥା । ପିଲାଦିନେ ପଢ଼ିଛି । ଦମକଳ ହିଁ ନିଆଁ

ଲିଭେଇବାରେ ସହାୟକ ହୋଇଥାଏ । ଦମକଳ ବାହିନୀକୁ ଖବର ଦେବାପାଇଁ ଚେଷ୍ଟା କରିଛି ସୁଧୀର । ସେତେବେଳେ ଟେଲିଫୋନରେ ଯୋଗାଯୋଗ କରିବାରେ ଏତେଟା ସୁବିଧା ନଥିଲା । ପ୍ରାୟତଃ ଡାକ ଘର/ ଟେଲିଫୋନ ଏକ୍ସଚେଞ୍ଜ ଭଳି ସରକାରୀ ଅନୁଷ୍ଠାନରେ ହିଁ ଏ ପ୍ରକାର ସୁବିଧା ଉପଲବ୍ଧି ହେଉଥିଲା । ଏମିତି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସୁଧୀର କିନ୍ତୁ ମନକୁ ଟାଣ କରିଛି । ବୁଦ୍ଧି ଖଟେଇ ନୟାଗଡ଼ ଡାକଘରକୁ ଯାଇ ଦମକଳ ବାହିନୀକୁ ଖବର ଦେବାରେ ସକ୍ଷମ ହୋଇପାରିଛି । ଦମକଳ ବାହିନୀ ଅବିଳମ୍ବେ ଯାଇ ନିଆଁ ଲିଭାଇ କାର୍ଯ୍ୟରେ ନିୟୋଜିତ ହୋଇଛି । କିଛି ପରିମାଣରେ ନିଆଁ ଲିଭିଯାଇଛି । ପିଲାଟି ହୋଇ ବି ସୁଧୀର ଏଭଳି ପ୍ରଶଂସନୀୟ କାର୍ଯ୍ୟ କରିପାରିଛି, ଲେଖକ ତାଙ୍କ ଲେଖନୀରେ ସ୍ଥାନ ଦେଇପାରିଛନ୍ତି ।

ଯାରି ଭିତରେ ନୂଆ ମୋଡ଼ ନେଇଛି ଉପନ୍ୟାସରେ । ଏକ ଦୁଃଖଦ ଘଟଣାକୁ ଲେଖନୀରେ ଆଙ୍କିଛନ୍ତି ଲେଖକ । ଖୁବ୍ ସୁନ୍ଦର ରସାଣିତ ଢଙ୍ଗରେ ରୂପାୟିତ କରିଛନ୍ତି ଘଟଣାକୁ । କଥାରେ ଅଛି- *ଯେ ପାଂଚେ ପରର ମନ୍ଦ/ ତା ମନ୍ଦ ପାଂଚନ୍ତି ଗୋବିନ୍ଦ ।* ଏମିତି ଏକ ସମ୍ବେଦନଶୀଳ ଆପ୍ତ କଥାରେ ଦୁଃଖର ପାହାଡ଼ ଲଦିହୋଇପଡ଼ିଛି ହରିଭାଇନାଙ୍କ ମୁଣ୍ଡଉପରେ । କୁଟିଳ ବୁଦ୍ଧିରେ ନିଜେ ଧରାପଡ଼ିଛନ୍ତି । କାରଣ ଘାଇଲା ବାଘଟିଏ ଟାଣିନେଇଛି ହରି ଭାଇନାଙ୍କ ଗେଲବରଷରର ପୁଅ ଗୋପାଳକୁ । କାନ୍ଦବୋବାଳିରେ 'ଟିପଡୁଛି ହରିଭାଇନାଙ୍କ ଘରଦୁଆର । ବାଘର ବା ଭୁଲ୍ ରହିଲା କୋଉଠି ? ତା ଘରକୁ ପୋଡ଼ିଜାଳି ନାରଖାର କରିଥିବା ମଣିଷକଟି ଏ ଦଶା ଭୋଗିବନି ତ କିଏ ଭୋଗିବ । ପରିବେଶ କ୍ଷୁର୍ଣ୍ଣ ହେଲେ ଆଉ ଜୀବନଟା ସଙ୍ଗୀନ ହେଲେ, ଅପ୍ରତ୍ୟାଶିତ ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡେ ଲେଖକ ସୂଚେଇଦେଇଛି, ବୋଧହୁଏ ଲେଖକ ଚତୁରପଣିଆରେ ଏଭଳି ଏକ ଅସଜଡ଼ା ଘଟଣାକୁ ଭିଆଇଥିବେ !

ବଣପୋଡ଼ି ପରେ ପଶୁପକ୍ଷୀମାନଙ୍କର ଅବାଧ ବିଚରଣ ଓ ଉକ୍ଟ ଆଚରଣ ଗ୍ରାମବାସୀଙ୍କୁ ବିପଦରେ ପକାଇବା ଦେଖି ପରୋପକାରୀ ସୁଧୀର ସମ୍ଭାଳି ରହିପାରିନି । ବୋଉର ଆକଟକୁ ଉପେକ୍ଷା କରି ଗାଁ ଲୋକଙ୍କୁ ନେହୁରା ହୋଇଛି । ସେତେବେଳକୁ ସମସ୍ତେ ଅନୁତାପ ଓ ପରିତାପର ନିଆଁରେ ଜଳୁଛନ୍ତି ଯେମିତି । ଗାଁର ଜୀବନରକ୍ଷାକୁ ପଣକରି ପାଳି କରି ଜଗିରହିଛନ୍ତି ଏବଂ ଗାଁରୁ ଘଉଡ଼ାଇଦିଅନ୍ତି ଅବାଧ୍ୟ ହିଂସ୍ରପଶୁମାନଙ୍କୁ ଗାଁରୁ ।

ପଶୁମାନଙ୍କ ରାଗ ଥମିନି ସେଇଦିନଠୁ, ଯୋଉଦିନଠୁ ସେମାନଙ୍କ ବସାଘର ପୋଡ଼ି ଭସ୍ମୀଭୂତ୍ ହୋଇଯାଇଛି । ଲେଖକ ବି ପଶୁମାନଙ୍କୁ ଉଚିତ ନ୍ୟାୟ ଦେଇଛନ୍ତି । ବଣପୋଡ଼ି ନୁହଁ ତ ପଶୁପକ୍ଷୀ ପୋଡ଼ି । ଜୀବନକୁ ନଷ୍ଟ କରିଦେବାର ଏକ କୁଚକ୍ରାନ୍ତ ହରିଭାଇନା, ସନାତନ, ଗାଁ ଲୋକ ଭିଆଇଛନ୍ତି । ସେମାନେ ସହଜରେ ମୁକୁଳିବେ କେମିତି । କଥାରେ ଅଛି -ଆପଣା କଲା କର୍ମମାନ/ ଆଗୁ ହୋଇବ ସାବଧାନ ।

ଗ୍ରାମବାସୀମାନେ ପଶୁମାନଙ୍କୁ ଗାଁ ରୁ ତଡ଼ି ତଡ଼ି ନେଇଛନ୍ତି ବଣଭିତରକୁ । ସୁଧୀର ବି ସେ ଦଳରେ ସାମିଲ ହେଇଛି । ବୀରଦର୍ପରେ ଫେରିଆସିଛନ୍ତି ଆପଣା ଗାଁକୁ । ପଛରେ ରହଯାଇଛି ସୁଧୀର । କୋଉଠିଥିଲା କେଜାଣି, ଆହତ ବାଘଟିଏ ଝାମ୍ପିନେଇଛି ସୁଧୀରକୁ । ପଛକୁ ଫେରିଚାହିଁଲାବେଳକୁ ସୁଧୀର ବାଘମୁହଁରେ । ଯାହାହେଉ ପ୍ରାଣପଣେ ସୁଧୀରକୁ ଉଦ୍ଧାର କରିଛନ୍ତି ଗାଁ ଲୋକେ ।

'ବଢ଼ହାମରା' ଗାଁ ର ମଉଡ଼ମଣି ସୁଧୀରର ପାରିଲାପଣିଆକୁ ପ୍ରଶଂସା କରିଚାଲିଛନ୍ତି ସମସ୍ତେ । କେମିତି ବା ସାହା ହେଇନଥାନ୍ତେ ସେମାନେ ଏମିତି ବିପଦକାଳରେ । ସୁଧୀର ସେମାନଙ୍କ ପାଇଁ ଯାହା କରିଛି, ଭଲ କରିଛି । ସେମାନେ ସିନା ନିଜ ଆତ୍ମବଢ଼ିମାରେ ବଣରେ ନିଆଁ ଲଗେଇଛନ୍ତି । ତେଣୁ ସେମାନଙ୍କୁ ହିଁ ଏପରି ହିନସ୍ତା ହେବାକୁ ପଡୁଛି । ଅତିଶୟ ଆଘାତ ପାଇଥିବା ସୁଧୀର ବାକ୍ ଶକ୍ତି ହରାଇ ଖନି ଖନି କହିଦେଇଛି – 'ଯୋଉଦିନ ନୂତନ ବଣଟିଏ ସୃଷ୍ଟି ହେବ, ସେହିଦିନ ମୋର ସବୁ ଆଶା ପୂର୍ଣ୍ଣ ହୋଇଯିବ ।'

ଆଉ ତାପରେ ସବୁ ଶେଷ । ଦଧୀଚି ପରି ପ୍ରାଣ ହରେଇଛି ସୁଧୀର । ଜୀବନଟା ଯାଇଛି ସିନାହେଲେ ସିଏ ଚେତେଇଦେଇଛି ବଣପୋଡ଼ି ପରି କୁକର୍ମ କରିବାକୁ କେହି ଆଉ ଆଗେଇବ ନାହିଁ । ଲେଖକର ଲେଖନୀ ବି ସ୍ତବ୍ଧ ହୋଇଯାଇଛି । ଅଟକିଯାଇଛି କିଛି କ୍ଷଣ । ମୁହ୍ୟମାନ ହୋଇପଡ଼ିଛନ୍ତି ଲେଖକ । ସୁକୋମଳ ସୁଧୀରର ଚରିତ୍ରକୁ ମାରିଦେଇଛନ୍ତି ଅନିଚ୍ଛାରେ । କେବଳ ପରୋକ୍ଷରେ ଏକ ବିଶାଳ ସ୍ୱାର୍ଥ ହାସଲପାଇଁ । ମା –ମାଟି-ପରିବେଶକୁ ଭଲପାଉଥିବା ପିଲାଟିଏ ଶେଷରେ ପରିବେଶକୁ ରକ୍ଷା କରିବାପାଇଁ ଜୀବନ ହାରିଛି, ଏହା ସମସ୍ତଙ୍କ ପାଇଁ ଉଦାହରଣ ।

'ସୁଧୀର ବନ ପ୍ରକଳ୍ପ' ଉଦଘାଟନୀ ଉତ୍ସବରେ ସମସ୍ତେ ଭୂୟସୀ ପ୍ରଶସ୍ତିଗାନ କରିଛନ୍ତି ସୁଧୀର । ସତରେ ତା'ର ପାରିଲାପଣିଆ/ ମହନୀୟତା କେତେ ଉଚ୍ଚରେ ।

ଅତୃପ୍ତ ଆତ୍ମା ଶାନ୍ତିପାଏନି ବୋଧହୁଏ ନୋହିଲେ 'ବଢ଼ହାମରା' ଗାଁ ର ଆଖପାଖର ଲୋକମାନେ କହୁଛନ୍ତି- 'ସୁଧୀରର ପରଲୋକ ହେବା ଦିନଠୁ ଭୂତକୋଠି ପାହାଡ଼ ଉପରେ କେହି ଜଣେ କାନ୍ଦୁଥିବାର ଶୁଣାଯାଉଥିଲା ଏ ନୂଆବଣଟି ଗଢ଼ିଉଠିବା ପରଠାରୁ ଆଉ ଶୁଣାଯାଉନାହିଁ ।'

ଔପନାସିକ ଏକ ଯୁକ୍ତାତ୍ମକ ଢଙ୍ଗରେ ଉପନ୍ୟାସଟିକୁ ଶେଷ କରିଛନ୍ତି । ଏକ ସନ୍ତୁଳିତ ପରିବେଶକୁ ଏକାତ୍ମଭାବେ ଭଲ ପାଇଛନ୍ତି । ପିଲାଙ୍କମନରୁ ଈର୍ଷା, ହିଂସା, ଅସୂୟାଭାବକୁ ପୋଛିବାକୁ ଆହ୍ୱାନ ଦେଇଛନ୍ତି । କୁକର୍ମ କରିବାକୁ ମନା କରିଛନ୍ତି ।

ଆଲୋଚ୍ୟ ଉପନ୍ୟାସ 'ବଣରେ ଲାଗିଛି ନିଆଁ' ପାଠ କଲାପରେ ମନେପଡୁଛି ଶିମିଳିପାଳ ହେଉ କି, କୋରାପୁଟ ଅବା

ନୁଆପଡ଼ା ଜିଲ୍ଲାର ବଣଜଙ୍ଗଲରେ ନିଆଁ ଲାଗି କେତେ ଧନ ସମ୍ପତି ପୋଡ଼ି ହେଇଯିବା ଘଟଣା । ବିଶେଷଜ୍ଞମାନେ ଆସି ଏଭଳି ନାରକୀୟ କାର୍ଯ୍ୟରେ ନିନ୍ଦା କରିଛନ୍ତି । ସତରେ ବଣରେ ନିଆଁ ଲଗେଇ ମଣିଷ ନିଜର ଗରିମାପଣକୁ ସାକାର କରି ବାଃ..ବାଃ ନେବା ଉଚିତ୍ କି ? ପଶୁପକ୍ଷୀଙ୍କର ଖୋଲା ବିଚରଣରେ ଅଙ୍କୁଶ ଲଗେଇ, ସେମାନଙ୍କର ବାସଗୃହକୁ ଭସ୍ମୀଭୂତ କରିବାରେ ସାର୍ଥକତା ରହୁଛି କୋଉଠି ? ଏଇଟା ମାନବିକତା ନା ନିଜର ପାରିଲାପଣିଆ ?

ଏବଂ ଶେଷରେ ବକ୍ତବ୍ୟଟେ ରଖିଲାବେଳକୁ ଲେଖିବାକୁ ପଡ଼େ ଯେ ଉପନ୍ୟାସଟି ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ହେଲେ ହେଁ ଏହା ସମସ୍ତ ବର୍ଗର ପାଠକ/ ପାଠିକାମାନଙ୍କର ପଠନ ଉପଯୋଗୀ ହୋଇପାରିଛି । ଏହା ଶିଶୁଉପନ୍ୟାସ ଲେଖୁଥିବା ସାହିତ୍ୟିକମାନଙ୍କ ପାଇଁ ଏକ ଚାଲେଞ୍ଜ । ସାହିତ୍ୟର ବିଭାଗୀକରଣରେ ଉପନ୍ୟାସର ବଳିଷ୍ଠ ଭୂମିକା ରହିଥିଲାବେଳେ ଶିଶୁ ଉପନ୍ୟାସ ଏକ ସ୍ୱତନ୍ତ୍ର ଆସନ ନେଇପାରିଛି । ଏଭଳି ସୁଯୋଗକୁ ହାତମୁଠାରେ ନେଇ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ମଙ୍ଗରାଜ ଶିଶୁ ଉପନ୍ୟାସର ଅଭାବବୋଧକୁ ପୂରଣ କରିପାରିଛନ୍ତି, ଏହା ସ୍ୱୀକାର୍ଯ୍ୟ । ଏହା ଯେ ଶ୍ରୀଯକୁ ମଙ୍ଗରାଜଙ୍କର ଏକ ଅନନ୍ୟ କୃତି ଓ ଶିଶୁ ଉପନ୍ୟାସର ଇତିହାସରେ ଏକ ଆନ୍ଦୋଳିତ ସ୍ୱାକ୍ଷର, ପ୍ରତି ଶିଶୁଔପନାସିକମାନେ ଗ୍ରହଣ କରିବେ ବୋଲି ମୁଁ ଆଶା ରଖୁଛି ।

ଏଲ୍.ଆଇ.ଜି- ୧୫ ନୟାପଲ୍ଲୀ

ବ୍ରିଟ୍ କଲୋନୀ, ଭୁବନେଶ୍ୱର




# ଅଭଙ୍ଗା କଣ୍ଢେଇର ଅଭୁଲା କଥା ଓ ମହାତ୍ମାଗାନ୍ଧୀ

ଡଃ ଦ୍ୱୀପାୟନ ପଟ୍ଟନାୟକ

ଆଜି ମହାତ୍ମାଗାନ୍ଧୀ ଓଡ଼ିଶା ଆଗମନର ୧୦୦ବର୍ଷ ପାଳନ କରିବାକୁ ଯାଉଛନ୍ତି ଓଡ଼ିଶାବାସୀ, ଗାନ୍ଧିଜୀ ଅନେକଥର ଓଡ଼ିଶା ଓ କଟକ ଗ୍ରସ୍ତରେ ଆସିଥିଲେ । କଟକରେ ଆମେ ରହୁଥିବା ଯୁଗ୍ମ ପରିବାରର ଗୃହରେ ମହାତ୍ମାଙ୍କ ଆଗମନ ସେ ଦିନର ସମ୍ପୂର୍ଣ୍ଣ କାହାଣୀ ଆମମାନଙ୍କୁ ପିଲାଦିନରୁ ପ୍ରେରଣା ଦେଇ ଆସିଛି । ପରବର୍ତ୍ତୀ ସମୟରେ ସର୍ବପଲ୍ଲୀ ରାଧାକୃଷ୍ଣ ଜଗତଜୀବନ ଗଣ୍ଡଭିଭିଗିରି ଶ୍ୟାମା ପ୍ରସାଦ ମୁଖାର୍ଜୀ, ସିଭି ରମଣଙ୍କ ପରି ଅନେକ ଦିଗଜ ଆସିଥିଲେ । ମହାତ୍ମାଙ୍କ ପାଦଚିହ୍ନ ।

ଏବେକାର ଆମର ଘର ସେବେକାର କୁଟୀରଶିଳ୍ପ, ଓଡ଼ିଶାର ଏକ ଦର୍ଶନୀୟ ସ୍ଥାନ ଥିଲା, ଶିଳ୍ପ ମାଧମରେ ଶିକ୍ଷା, ସେଥିରୁ ସ୍ୱାବଲମ୍ବୀ ବ୍ୟକ୍ତିତ୍ୱର ସୃଷ୍ଟି, ଅଦରକାରୀ ଜିନିଷରୁ ମନମୋହୁଥିବା ଦରକାରୀ ଜିନିଷର ସୃଷ୍ଟି ଓ ଏହି ମାଧମରେ ଜାତିର ଉନ୍ନତିର ସ୍ୱପ୍ନରୁ ଗଢ଼ିଉଠିଲା ଓଡିଆ ପୁଅର କଟେଜ୍ ଇଣ୍ଡଷ୍ଟ୍ରିଜ୍, ବଡ଼ ଜେଜେବାପା ରାୟ ବାହାଦୂର ଭିକାରୀ ଚରଣ ପଟ୍ଟନାୟକ ପରାଧିନ ଭାରତୀୟମାନଙ୍କୁ ଉଦ୍‌ବୁଧ କରି ପୂର୍ବ ଗୌରବ ସମୃଦ୍ଧିର ପ୍ରତ୍ୟାବର୍ତ୍ତନ ନିମନ୍ତେ ସେମାନଙ୍କୁ କୁଟୀର ଶିଳ୍ପର ବ୍ରତ ନିଷ୍ଠା କରାଉଥିଲେ । ତାଙ୍କ ସମକାଳରେ ଜନ୍ମଲାଭ କରିଥିବା ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିତ୍ୱ, ପଣ୍ଡିତ ଗୋପବନ୍ଧୁ ଦାଶ, ପଲ୍ଲୀକବି ନନ୍ଦ କିଶୋର ବଳଙ୍କ ଠାରୁ ତାଙ୍କର ଦୃଷ୍ଟିଭଙ୍ଗୀ ଭିନ୍ନ ଥିଲା । ଗପାନୁଗତିକ ପନ୍ଥରେ ନ ପାଇ ଭିନ୍ନ ବାଟରେ ଗତି କରିଥିଲେ । ମହାତ୍ମାଙ୍କ ସହିତ ତାଙ୍କର ବଞ୍ଚିତ ସାମଞ୍ଜସ୍ୟର ଏହି କାହାଣୀ ଆରମ୍ଭ ହୋଇଥିଲା... ।

ସାଉଥ ଆଫ୍ରିକାଠାରେ ବାରିଷ୍ଟର ମୋହନ ଦାସ କରମ ଚାନ୍ଦ ଗାନ୍ଧୀଙ୍କର କାର୍ଯ୍ୟକଳାପରେ ପ୍ରଭାବିତ କାଇଜର-ଏ-ହିନ୍ଦ ରେ ଗାନ୍ଧିଜୀଙ୍କୁ ସମ୍ମାନୀତ କରିଥିଲା, ୧୯୧୫ ମସିହାରେ ସେ ଭାରତ ଫେରିବା ପରେ ପରବର୍ତ୍ତୀ ସମୟରେ ଏହି ସମ୍ମାନର ଅଧିକାରୀ ହୋଇଥିଲେ ଓଡ଼ିଶା ପୁଅ ରାୟ ବାହଦୂର ଭୀକାରୀ ଚରଣ ପଟ୍ଟନାୟକ, ବିଶେଷ କରି କୁଟୀର ଶିଳ୍ପର ଜାଗରଣ ପାଇଁ ଓ ପରିତ୍ୟକ୍ତ ଦ୍ରବ୍ୟରୁ ଶିଳ୍ପ ସମ୍ଭାର ପ୍ରସ୍ତୁତି ଏଥିରୁ ଅର୍ଥନୈତିକ ପଥର ଉନ୍ମୋଚନ ଏହି ସମ୍ମାନର ଭିତ୍ତିଭୂମି ଥିଲା, କର୍ମାଭିମୁଖୀ ଶିକ୍ଷାର ପ୍ରବର୍ତ୍ତନ ଶିକ୍ଷା ଓ ଶିଳ୍ପ ଉଭୟ କ୍ଷେତ୍ରରେ ସଂସ୍କାର ଆଣିଥିଲା । ଏ ସମସ୍ତ ବିଷୟରେ ଉତ୍କଳ ଗୌରବ ମଧୁସୁଦନ ଦାସ ମହାତ୍ମାଗାନ୍ଧୀଙ୍କୁ ତାଙ୍କର ଓଡ଼ିଶା ଗ୍ରସ୍ତ ସମୟରେ ଅବଗତ କରିଥିଲେ । ଭିକାରୀ ଚରଣଙ୍କ ଶିଳ୍ପ କାରଖାନା ଦେଖିବା ସମୟରେ ଦର୍ଶନ ପୁସ୍ତିକାରେ ମହାତ୍ମାଗାନ୍ଧୀ ଲେଖିଥିବା କିଛି ଉକ୍ତି ମଧ୍ୟରୁ ଥିଲା, "ଭିକାରୀ ଚରଣ କେବଳ କୁଟୀରଶିଳ୍ପ ଦ୍ୱାରା ସ୍ୱଦେଶୀ ଆନ୍ଦୋଳନରେ ଭାଗ ନେଇ ନାହାନ୍ତି ଏହି କାର୍ଯ୍ୟ ପାଇଁ ବ୍ରିଟିଶ ସରକାରଙ୍କ ଠାରୁ ସମ୍ମାନ ପଦବୀ ମଧ ହାସଲ କରିପାରିଛନ୍ତି । ଜୀବନର ସର୍ବଶ୍ରେଷ୍ଠ ପୁରସ୍କାର ଠାରୁ ମଧ ମହାତ୍ମାଙ୍କ ଏହି ଉକ୍ତିଟି ମୂଲ୍ୟବାନ୍ ଥିଲା ଆମ ଜେଜେବାପାଙ୍କ ପାଇଁ ।

୧୯୩୪ ମେ ମାସ ୯ ତାରିଖରେ ଅସ୍ପୃଶ୍ୟତା ବିରୁଦ୍ଧରେ ମହାତ୍ମାଗାନ୍ଧୀ ଯେଉଁ ପଦଯାତ୍ରା ପୁରୀଠାରୁ ଆରମ୍ଭ ହୋଇଥିଲା ତାହାର ପ୍ରଥମଭାଗ ଶେଷ ହୋଇଥିଲା ଆମ୍ଭର ବାଡ଼ିପଟ ବାଟଦେଇ କଟକ ରେଳଷ୍ଟେସନ ଗୋପବନ୍ଧୁ ଚୌଧୁରୀ, ତାଙ୍କର ପୁସ୍ତକ ଗାନ୍ଧୀ ଓ ଉତ୍କଳରେ ଲେଖିଛନ୍ତି - ଭିତ୍‌ରୁ ବର୍ତ୍ତିବାକୁ ଭିକାରୀବାବୁଙ୍କ ବାଡ଼ିପଟ ଗଳି ପଟେ ସିଧା ସିଧା ମହାତ୍ମାଙ୍କୁ ଷ୍ଟେସନ ନିଆଯାଇଥିଲା । ଦୁଇ ତିନିଜଣ କର୍ମୀ ଗୋଟିଏ ଲଣ୍ଠନ ନେଇ ଆରାମରେ ପହଞ୍ଚାଇ ଦେଇଥିଲେ ଷ୍ଟେସନରେ ୧୯୩୪ ମସିହା ମେ ୧୬ ତାରିଖ ଇତିହାସର ସେହିଦିନ ଗୌରବମୟ ଥିଲା । ଆମ ପରିବାର ପାଇଁ ଦିନର ଟିକିନିଖି ପଟ୍ଟକଥା ପିଲାଦିନୁ ଶୁଣି ଆସୁଛୁ ଆଇମା କାହାଣୀ ପରି । ଖବର ଆସି ପହଞ୍ଚିଲା ଗାନ୍ଧିଜୀ କଟକରେ ଆସି ପହଞ୍ଚିଛନ୍ତି । ଆମ କୁଟୀରଶିଳ୍ପ ପ୍ରଦର୍ଶନ କରିବାକୁ ଉତ୍ସୁକତା ପ୍ରକାଶ କରିଛନ୍ତି । ପରେ ଷ୍ଟେସନରୁ ପାଟନା ଯିବେ । ସାଙ୍ଗରେ ଆସିଥିବା ପଦଯାତ୍ରୀମାନଙ୍କ ପାଇଁ ଖାଇବା ପ୍ରସ୍ତୁତରେ ଲାଗିଯାଇଥିଲେ ଘରର ସମସ୍ତେ । ଦେଶୀ ଘିଅରେ ପଲାଉ, ସିଝା ତରକାରୀ, ପାଣିକଖାରୁ ରାଇ, ବଥୁଆଶାଗ, ବାଇଗଣ ଭଜା, ବଡ଼ିଚୁରା, ମହାତ୍ମାଙ୍କ ପାଇଁ ବାଡ଼ିରେ ହେଇଥିବା ଦେଶୀ ଫଳ, ଛେଳି କ୍ଷୀର, ଦହି, ଗଇଁଠା, ମଣ୍ଡା, ବେଲମୁରବା, ବଡ଼ ମାଟିହାଣ୍ଡିରେ ନଈବାଲି ପୁରାଇ ଚୁଲିରେ ରନ୍ଧା ହୋଇଥିବା ନାଲି ଉସୁନା ଭାତ ଓ ଡାଲି, ଦୁଇ ପ୍ରହରରେ ଆସି ପହଞ୍ଚିଲେ ଗାନ୍ଧିଜୀ । ସାଙ୍ଗରେ ଥିବା ପଦଯାତ୍ରୀ ମିରାବେନ୍, ଯମୁନାଲାଲ ବଜାଜଙ୍କ ସାନଝିଅ ଶ୍ରୀମତୀ ଉମା, ଜୟପ୍ରକାଶ ନାରାୟଣଙ୍କ ପତ୍ନୀ ଶ୍ରୀମତୀ ପ୍ରଭାବତୀ ଓ ତାଙ୍କ ସହିତ ଥିବା ମହିଳାମାନଙ୍କୁ ଆମ ଘରର ମହିଳାମାନେ ଅନ୍ୟବାଟରେ ନେଇଗଲେ ଭିତରକୁ । ମହାତ୍ମାଙ୍କୁ ସ୍ୱାଗତ କରି ମୁଖ୍ୟ ଦ୍ୱାର ବାଟେ ନିଆଗଲା । ବାହାରେ ରହିଗଲେ ଶହଶହ ଲୋକ । କୋଡ଼ି, କୋଦାଳ, ଝାଡୁ ପାଚିଆ ଭର୍ତ୍ତିଥିବା ଶଗଡ଼ଗାଡ଼ି ।


କାରଖାନାର ପ୍ରଥମ ଘରେ ତିଆରି ଶିଳ୍ପ ସାମଗ୍ରୀ ଉପରେ ନଜର ପକାଇବା ପରେ ଗାନ୍ଧିଜୀ ଜାଣିବାକୁ ଚାହିଁଥିଲେ କିପରି ଓ କେଉଁମାନେ ତିଆରି କରୁଛନ୍ତି । ମହିଳା, ଝିଅବୋହୂ, କାଇଁଚ ବାଉଁଶକାମ ସିଲେଇ ବୁଣାବୁଣି କରୁଥିବା ଜାଗାକୁ ନିଆଯାଇଥିଲା ତାଙ୍କୁ । ଚାଉଳରେ ତିଆରି ହାରଟିଏ ଦିଆଯାଇଥିଲା । ପରେ ବୁଝାଇ କୁହାଗଲା ଗ୍ରାମମାନଙ୍କରେ ଯେଉଁ ଶିଳ୍ପଉପଯୋଗୀ ପଦାର୍ଥ ମିଳେ ଓ

କେତେ ବଣବୁଦାମୂଳେ ଆପେ ଉଠିଥିବା ବୃକ୍ଷଲତାମାନଙ୍କରୁ ସଂଗ୍ରହ କରାଯାଇପାରେ । ଖଜୁରୀପତ୍ର, ବେଣାଚେର, କାଇଁଚ, ସୁଆଁ, ଲଇ, ଲଦା, କୁଟା, ଝୋଟି, ଛଣପଟ, କପା, ଆଖୁଫୁଲ, କାଣ୍ଡ, ବାଉଁଶ, ନଡ଼ିଆକତା, ଖଡ଼ିକା, ଷଢ଼େଇ, ତାଳକୃତି ଓ ବ୍ୟବହାର୍ଯ୍ୟ ଜିନିଷ, ଏ ସବୁ ଦେଖି ଶୁଣି ପ୍ରଭାବିତ ହୋଇଥିଲେ ମହାତ୍ମା । ପରେ ଓ୍ୱେଭିଙ୍ଗ ସେକସନଠାରେ ବୁଝାଇ ଦିଆଗଲା କିପରି ଗଛଛାଲିରୁ ଜାତିଆଏ ରଂଗ ବାହାରକରି ସୂତାପଟ ପଶମର ଲୁଗା ରଂଗ କରିବାର ଶୈଳୀ । ଦରଜୀମାନେ ଫୋପାଡ଼ି ଦେଉଥିବା ବଳକା କନାକୁ ସଂଗ୍ରହ କରାଯାଇ ବୁଣାଯାଉଥିବା ରଂଗ ପୂର୍ଣ୍ଣ କାରପେଟ, ମୀରା ବେନଙ୍କୁ ଆକର୍ଷିତ କରିଥିଲା । ସମସ୍ତଙ୍କ ଆକର୍ଷଣର କେନ୍ଦ୍ର ପାଲଟିଲା ଅଭଙ୍ଗା କଣ୍ଢେଇ । ରଂଗ ବେରଂଗର ସୁନ୍ଦର କଣ୍ଢେଇ ମାନର ପ୍ରସ୍ତୁତ ଦେଖିଥିଲେ ସମସ୍ତେ ଛିଣ୍ଡା ଫୋପଡ଼ା କାଗଜକୁ ଏକ କୁଣ୍ଡରେ ଭଜାଯାଇ କୁଟଣରେ କୁଟାଯିବାପରେ ତେନ୍ତୁଳି ଅଠାଦେଇ ଏହା ସହିତ ପିଲାଙ୍କୁ ପଢ଼ାଇବା ପାଇଁ ଭୂମାନଚିତ୍ର ଡାକ୍ତର ପଢ଼ାଇବା ପାଇଁ ଶରୀରର ଆଭ୍ୟନ୍ତରୀଣ ଅଙ୍ଗର କାଗଜ ପଲରେ ଗଠନ କୃତି ବେଶ କିଛି ସମୟ ଅତିକ୍ରାନ୍ତ କରିଯାଇଥିଲା । ସନ୍ଧ୍ୟା ପୂର୍ବରୁ ଏଣ୍ଡିପୋକ ଚାଷ ଦେଖାଇବାକୁ ବାଡ଼ିପଟକୁ ନିଆଯାଇଥିଲା ସମସ୍ତଙ୍କୁ । ଗବପତ୍ର ଚରି ଯାଉଥିଲେ ଏଣ୍ଡିପୋକ । ମହାତ୍ମାଗାନ୍ଧୀ ପତ୍ର ଖାଉଥିବା ପୋକମାନଙ୍କ ଅଘିଜାଲି ଆଲମିରା ଭିତରେ ପୁରାଇଦେବାକୁ ସମସ୍ତେ ତତ୍ପର ହୋଇଉଠିଥିଲେ । ସମସ୍ତଙ୍କୁ ବାରଣ କରିଥିଲେ ମହାତ୍ମା କିଛି ସମୟ ପରିବେଶକୁ ନିଖୁଣ ନୀରିକ୍ଷଣ କରିଥିଲେ । ତାପରେ ଭିନ୍ନ ଧରଣର ଦୁଇଟି ତତଲି ସାହାଯ୍ୟରେ ଏଣ୍ଡିକୋଷରୁ କଟାଯାଉଥିବା ସୂତା ବୁଣା ଯାଇଥିବା ଚଦର ଦେଖିଥିଲେ । ବୁଣାକାର ଜଣେ ହାତ ତିଆରି ଚଦର ଟିଏ ମହାତ୍ମାଗାନ୍ଧୀଙ୍କ ପାଦତଳେ ରଖି ଦେଇଥିଲେ । ଏଣ୍ଡିପୋକ ଚାଷ ପାଇଁ ଉତ୍କଳରେ କରାଯାଉଥିବା ପ୍ରଚେଷ୍ଟା ବିଷୟରେ ଅବଗତ କରାଯାଇଥିଲା ସମସ୍ତଙ୍କୁ । ଟେଲରିଂ, ବୁକ ବାଇଡିଙ୍ଗ, ଦରି, ଗାଲିଚା ଓ ଓ୍ୱାଭିଙ୍ଗ ସେକସନର ଶିକ୍ଷକମାନଙ୍କ ସହିତ କଥାବାର୍ତ୍ତା ଶିକ୍ଷଭିତ୍ତିକ ଶ୍ରେଣୀରେ ଉନ୍ନତି, ଭିକାରୀ ବାବୁଙ୍କୁ ସମସ୍ତ ଛାତ୍ର ପ୍ରିନସପାଲ ଭାବରେ ସମ୍ବୋଧନ କୁଟୀର ଶିଳ୍ପ ମଧ୍ୟରେ ବିଦ୍ୟାଳୟର ବାତାବରଣ ପ୍ରଭାବିତ କରିଥିଲା ସମସ୍ତଙ୍କୁ । ଦର୍ଶକ ପୁସ୍ତିକାରେ ଲେଖିଥିବା ମହାତ୍ମାଗାନ୍ଧୀଙ୍କ ଅନ୍ୟ ଏକ ଉକ୍ତି ଥିଲା ମୁଁ ଏଭଳି ଏକ ଦରକାରୀ ଅନୁଷ୍ଠାନ ଦେଖିବାର ସୁଯୋଗ ପାଇ ଏକାନ୍ତ ପ୍ରୀତ । ଏହା ଏକ ବର୍ଯ୍ୟବସ୍ତୁ କୌଶଳରେ ତିଆରି ଅଭଙ୍ଗା କଣ୍ଢେଇ ଚିତାକର୍ଷକ ।

କୁଟୀରଶିଳ୍ପ ଓ ଗୃହଶିଳ୍ପ ଉପରେ ଜେଜେବାପା ଲେଖିଥିବା ୬ଗୋଟି ପୁସ୍ତକକୁ ହିନ୍ଦୀରେ ଅନୁବାଦ କରିବାକୁ ଗାନ୍ଧିଜୀ କରିଥିବା ଆଗ୍ରହ ପରବର୍ତ୍ତୀ ସମୟରେ କାର୍ଯ୍ୟକାରୀ ହୋଇପାରିଥିଲା । ହିନ୍ଦୀ ଓ ବଙ୍ଗଳାରେ ଏହାର ଅନୁବାଦ କରାଯାଇଥିଲା ।

ଗାନ୍ଧୀଙ୍କ ଓଡ଼ିଶା ଗସ୍ତର ୧୦୦ ବର୍ଷ ପୂର୍ତ୍ତିଉତ୍ସବ ଏହି ଅଭୁଲା ସ୍ମୃତିକୁ ପୁନର୍ବାର ଉଦ୍‌ଜୀବିତ କରିଛି ।

ଟାଉନହଲ, କଟକ ।



# ସେବା

ଦୁଷ୍ମନ୍ତ ସାହୁ

ସୁଜଳା ସୁଫଳା ଶସ୍ୟଶ୍ୟାମଳା ପୁଣ୍ୟତୋୟା ପବିତ୍ର ଭାରତ ବର୍ଷକୁ ଦେବତାର ଭୂମି କୁହାଯାଏ ଭାରତର ପ୍ରାଚୀନ ସଂସ୍କୃତି ଓ ପରମ୍ପରା ସମଗ୍ର ପୃଥିବୀରେ ସର୍ବପୁରାତନ ଏବଂ ସର୍ବଶ୍ରେଷ୍ଠ ମଧ ଭା କହିଲେ ଜ୍ଞାନ, ଯେଉଁ ଦେଶର ଲୋକମାନେ ଜ୍ଞାନରେ ରତ ସେ ହେଉଛି ପବିତ୍ର ଭାରତ ବର୍ଷ ସଭ୍ୟତା ସଂସ୍କୃତିର ପ୍ରାଚୀନ ପୀଠ ହେଉଛି ପବିତ୍ର ଭାରତ ବର୍ଷ । ଶିକ୍ଷା ସଂସ୍କୃତି ଦର୍ଶନ କଳା ବିଜ୍ଞାନ ଓ ଆଧାତ୍ମିକ ଆଦି କ୍ଷେତ୍ରରେ ବିଶ୍ୱ ସଭ୍ୟତାକୁ ଭାରତର ଦାନ ମହାନ ଭାରତର ବିବିଧ ମହତ୍ତ୍ୱ ଓ ବୈଶିଷ୍ଟ୍ୟ ମଧରେ ଅନେକ ସେବା ରହିଛି ବିଶେଷ କରି ମାନବ ସେବା ଈଶ୍ୱରଙ୍କ ସେବା ଗୋ ସେବା ଦେଶ ସେବା ଅତିଥି ସେବା ରୋଗୀ ସେବା ଇତ୍ୟାଦି ଅନ୍ୟତମ ଏସବୁ ସେବା ଗୁଡ଼ିକ ମାନବ ସେବା ଅନ୍ତର୍ଭୁକ୍ତ କୁହାଯାଏ ବହୁ ଜନ୍ମର ତପସ୍ୟା ଫଳରେ ମନୁଷ୍ୟ ଦୁର୍ଲ୍ଲଭ ଶରୀର ପ୍ରାପ୍ତ କରି ଦିବ୍ୟଜ୍ଞାନ ପାଇଥାଏ ସେଥିପାଇଁ କୁହାଯାଏ –

ମନୁଷ୍ୟ ଦେହେ ଦିବ୍ୟଜ୍ଞାନ
ଦେଖି ସନ୍ତୋଷ ଭଗବାନ ।

ସମାଜରେ ସୁଗୁଣ ପାଇଁ ମନୁଷ୍ୟ ପ୍ରଶଂସିତ ହୁଏ ଓ ଦୁର୍ଗୁଣ ଯୋଗୁଁ ନିନ୍ଦିତ ହୋଇଥାଏ ମନୁଷ୍ୟ ତାର ସୁକର୍ମ ଦ୍ୱାରା ମାନସପଟରେ ଚୀର ସ୍ମରଣୀୟ ହୋଇ ରହେ । ତାର କର୍ମ ମୃତ୍ୟୁ ପରେ ମଧ ତାକୁ ଅମର କରିଥାଏ । ସେଥିପାଇଁ କୁହାଯାଏ –

ମାନବ ଜୀବନ ନୁହଁଇ କେବଳ
ବର୍ଷ ମାସ ଦୀନଦଣ୍ଡ
କର୍ମେ ଜାଏଁ ନର କର୍ମେ ଏକା ତାର
ଜୀବନର ମାନଦଣ୍ଡ ।

ମନୁଷ୍ୟତ୍ୱର ପରିମାପକ ହେଉଛି ସୁଗୁଣ ଦୟା କ୍ଷମା ସାହାଯ୍ୟ ଦାନ ଓ ପ୍ରେମ ମନୁଷ୍ୟର ଏକ ସୁପ୍ରବୃତ୍ତି ବା ସୁଗୁଣ ପ୍ରତ୍ୟେକ ପ୍ରକାର ସେବା ଏକ ସୁଗୁଣ ଏହା ସ୍ୱର୍ଗୀୟ ପ୍ରବୃତ୍ତି ,ବଂ ଜୀବନର ବ୍ରତ । ଜୀବନର ମହତ୍ତ୍ୱ ସେବାରେ ହିଁ ବିକଶିତ ହୁଏ ଜୀବନରେ ଯେତେଗୁଡ଼ିଏ ସେବା ଅଛି ସବୁଠାରୁ ଶ୍ରେଷ୍ଠ ସେବା ହିଁ ମାନବ ସେବା ସେଥିପାଇଁ କୁହାଯାଏ –

ମାନବ ସେବା ହିଁ ମାଧବ ସେବା । ପ୍ରତ୍ୟେକ ମନୁଷ୍ୟ ଜୀବନର ସେବା ଏକ ବ୍ରତ ହେବା ଆବଶ୍ୟକ ସେବା କୌଣସି ସ୍ୱାର୍ଥସମ୍ବଳିତ ହେବା ଅନୁଚିତ । ସେବାରେ ଜାତିଭେଦ ଓ ପାତରଅନ୍ତର ରହିବା ଉଚିତ ନୁହେଁ ସେଥିପାଇଁ କୁହାଯାଏ –

ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କର
ସ୍ୱାର୍ଥକୁ ଦିଅ ଆହୁତି
ସ୍ୱାର୍ଥମେଧ ଯଜ୍ଞେ ଚାରିଆଡ଼େ ନାଚ
ଛାତିକୁ ମିଶାଇ ଛାତି ।

ମନୁଷ୍ୟ ଏକ ସାମାଜିକ ପ୍ରାଣୀ ସମାଜରେ ସବୁ ମନୁଷ୍ୟ ସମାନ ନୁହନ୍ତି ଧନୀ ନିର୍ଦ୍ଧନ ସବଳ ଦୁର୍ବଳ ଅସହାୟ ନିଃସହାୟ ରୋଗୀ ନିରୋଗ ସ୍ପୃଶ୍ୟ ଅସ୍ପୃଶ୍ୟ ବ୍ୟକ୍ତିଙ୍କୁ ନେଇ ସମାଜ ଗଠିତ ସମାଜରେ କିଏ ବିଳାସବ୍ୟସନ ଓ ପ୍ରାଚୁର୍ଯ୍ୟ ଭିତରେ କାଳାତିପାଦ କଲାବେଳେ ଅନ୍ୟ କେହି ଦୁଇଦିନରେ ମୁଠେ ଖାଇବାକୁ ପାଏନା । ସମାଜରେ ସମ୍ମାନୀତ ତଥା ଉଚ୍ଚ ପଦାଧିକାରୀ ବ୍ୟକ୍ତିଙ୍କ ସହିତ ଘୃଣ୍ୟ ଅବହେଳିତ ଓ ରାସ୍ତାକଡ଼ରେ ମନୁଷ୍ୟ ମଧ ଅଛନ୍ତି ସମାଜର ଏହି ଶ୍ରେଣୀର ଲୋକମାନଙ୍କର ସେବା ଦରକାର ଦଳିତ ପତିତ ଓ ଅତ୍ୟାଚାରିତ ମଣିଷ ପାଇଁ ଭଗବାନ ନର ଦେହରେ ଭୂମିଷ୍ଠ ଅଛନ୍ତି ସେଥିପାଇଁ କୁହାଯାଏ ନର ଦେହେ ନାରାୟଣ ଗରୀବଙ୍କୁ ଦଇବ ସାହା । ନର ସେବା ହିଁ ଯଥାର୍ଥରେ ଈଶ୍ୱର ସେବା ସେଥିପାଇଁ ଇଂରାଜୀରେ କୁହାଯାଏ – ସର୍ଭିସ ଟୁ ମ୍ୟାନକାଇଣ୍ଡ ଇଜ୍ ସର୍ଭିସ ଟୁ ଗଡ଼ । ଦ୍ୱିତୀୟତଃ ମନୁଷ୍ୟ ଜୀବନ କେବଳ ଜନ୍ମ ମରଣର ପର୍ଯ୍ୟବେସିତ ନୁହେଁ । ମାନବ ସମାଜ ପାଇଁ ତାର କିଛି କର୍ତ୍ତବ୍ୟ ଅଛି । ସାମାଜିକ ଋଣ ପରିଶୋଧ ପାଇଁ ମାନବ ଜାତିର କଲ୍ୟାଣରେ ଜୀବନ ଉତ୍ସର୍ଗ ମହତ କର୍ମ ଓ କର୍ତ୍ତବ୍ୟ ଅଟେ । ସେବାକୁ ମାନବ ନିଜର କର୍ମ ଭାବିବା ଉଚିତ୍ । ଫଳରେ ସ୍ରଷ୍ଟାଙ୍କ ଦ୍ୱାରା ପାଇଥିବା ଦୁର୍ଲ୍ଲଭ ଶରୀର ମୋକ୍ଷ ହେବ । ସେଥିପାଇଁ କୁହାଯାଏ –

କର୍ମ ଅଟଇ ନିଜ ଗୁରୁ
ଉଦ୍ଧବ କେତେ ତୁ ପଚାରୁ ।

ପ୍ରାଚୀନ ଭାରତରେ ବର୍ଣ୍ଣାଶ୍ରମ ଧର୍ମରେ ଗୃହସ୍ଥାଶ୍ରମ ଅନ୍ୟତମ ମାନବ ସେବାରେ ଅତିଥି ସେବାକୁ ଉଚ୍ଚ ସ୍ଥାନ ପ୍ରଦାନ କରାଯାଇଛି । ପ୍ରତ୍ୟେକ ପରିବାରର ଗୃହସ୍ଥମାନେ ଅତିଥି ସତ୍କାରକୁ ପୁଣ୍ୟ କାର୍ଯ୍ୟରୂପେ ବିବେଚନା କରୁଥିଲେ । ଅତିଥିଙ୍କର ମାନସ୍ତୁଷ୍ଟି ନିମିତ୍ତ ଗୃହସ୍ଥଙ୍କୁ ଜୀବନ ଦେବାର ଉଦାହରଣ ଭାରତୀୟ ପୁରାଣ ଇତିହାସରେ ବିରଳ ନୁହେଁ । ଏପରିକି ପୁତ୍ର ମାଂସରେ ଅତିଥିର ସନ୍ତୋଷ ବିଧାନ ଭାରତୀୟ ଅତିଥି ପରାୟଣତକୁ ଉର୍ଜସ୍ୱଳ କରିପାରିଛି । କର୍ଣ୍ଣଙ୍କର ଦୃଷ୍ଟାନ୍ତ ଏ କ୍ଷେତ୍ରରେ ଅଭିନନ୍ଦନୀୟ କୁନ୍ତୀଙ୍କ ସମେତ ପାଣ୍ଡବମାନେ ଋଷି ଦୁର୍ବାସାରଙ୍କର ଯେଭଳି ଅତିଥି ସତ୍କାର କରିଥିଲେ, ତାହା ପୁରାଣରେ ଏକ ସ୍ମରଣୀୟ ଉପାଖ୍ୟାନ । ଅତିଥି ଅବମାନନାର ଫଳ ସ୍ୱରୂପ ଶକୁନ୍ତଳାଙ୍କୁ ଜୀବନର ଅସହ୍ୟ ଦୁଃଖ ଯନ୍ତ୍ରଣା ସହ୍ୟ କରିବାକୁ ହେଲା । ଋଷି ପ୍ରବର ଦୁର୍ବାସା ଅତିଥି ଧର୍ମର ବ୍ୟତିକ୍ରମ ପାଇଁ ଶକୁନ୍ତଳାକୁ ଯେଉଁ ଅଭିଶାପ ଦେଇଥିଲେ ତାହା ପ୍ରତ୍ୟେକ ସ୍ମରଣୀୟ । ପ୍ରାଚୀନ ଭାରତର ସମାଜ ଅତିଥିଧର୍ମୀ ଥିଲା । ସମାଜର ମାର୍ଜିତ ରୂପ ଅତିଥି ଯଜ୍ଞ ଅର୍ଥାତ୍ ଅତିଥି ସେବାରୁ ପ୍ରତିଭାତ ହେଉଥିଲା । ଅତିଥି ସେବାରେ ସୁଫଳ ବ୍ୟକ୍ତିର ସୁଖ ସମୃଦ୍ଧି ବୃଦ୍ଧିରେ ସହାୟକ ହେଉଥିଲା ।

ଭାରତର ଲୋକ ପରମ୍ପରାରେ ଅତିଥିଙ୍କୁ ଦେବତା ଓ ଗୁରୁ ରୂପେ ପରିକଳ୍ପନା କରାଯାଇଛି । କଥିତ ଅଛି - ସର୍ବତ୍ରାଭ୍ୟାଗତଃ ଗୁରୁ ଅର୍ଥାତ ଅତିଥି ଗୁରୁଙ୍କଠାରୁ ଭିନ୍ନ ନୁହନ୍ତି । ଗୁରୁଙ୍କର ମର୍ଯ୍ୟାଦା ଅତିଥିଙ୍କୁ କରାଯିବା ବିଧେୟ । ପୁନଶ୍ଚ ଅତିଥି ସର୍ବଦେବତାଙ୍କର ଆକାର ରୂପେ ପରିକଳ୍ପିତ । ଅତିଥି ସେବାରେ ଈଶ୍ୱରାର୍ଜନ ସମ୍ପନ୍ନ ହୁଏ । ବିଭୁ କୃପା ଲାଭ ନିମନ୍ତେ ଅତିଥିଙ୍କୁ ଦେବଜ୍ଞାନର ଅଭ୍ୟର୍ଥନା କରିବା ଉଚିତ । ଅତିଥିଙ୍କର କୌଣସି ଗୃହରେ ପ୍ରବେଶ ପାଇଁ ନିର୍ଦ୍ଦିଷ୍ଟ ତିଥି ବା ସମୟ ନଥାଏ । କଥା ବାର୍ତ୍ତାରେ ଧୀରତା ଆଚରଣରେ ନମ୍ରତା ହୃଦୟରେ ପ୍ରସନ୍ନତା ଓ ଭକ୍ତି ଅତିଥି ପ୍ରତି ରହିବା ଉଚିତ । ଅତିଥିଙ୍କୁ ନିରାଶ କରି ଘରୁ ଫେରାଇ ଦେବା ଅନୁଚିତ । ଅତିଥି କୌଣସି ଘରୁ ଫେରିଗଲେ ତା'ର ପରିଣତ ଦୁଃଖବହ ହୁଏ । ଏ ସମ୍ପର୍କରେ କୁହାଯାଏ -


ଦୂରାଗତୋତିଥିର୍ଯ୍ୟସ୍ୟ ଗୃହୀତ ଯାତି ବୀନିଶ୍ୱସନ ଗଛନ୍ତି ବିମୁଖାସ୍ତସ୍ୟ ପିତୃଭି ସହବେତାଃ । ପରିହାସ ଆତ୍ମଗର୍ବ ପ୍ରକାଶ ଅତିଥିଙ୍କ ନିକଟରେ ଶୋଭନୀୟ ନୁହେଁ । ପାଦଧୌତ, କୃଶଳଜିଜ୍ଞାସାଦୀ ଆଗ୍ରହର ସହିତ କରିବା ଦରକାର । ଏହାକୁ ଲକ୍ଷ କରି ଭାଗବତରେ ଜଗନ୍ନାଥ ଦାସ ଅତିଥି ସତ୍କାର ବିଧି ସମ୍ପର୍କରେ କହିଛନ୍ତି -

ଅତିଥି ଆଗମନ ଦେଖି ଉଠିବ ଆସନୁ ଉପେକ୍ଷି
ସମ୍ଭ୍ରବେ ଯାଇ କିଛି ଦୂର କରିବ ତାଙ୍କୁ ନମସ୍କାର
ଅଭିଗବନ ମଞ୍ଜୁବାଣୀ ପୂଜିବ ତାଙ୍କୁ ଘରେ ଆଣି
ଏମନ୍ତ ବିଚାରେ ସାଧବେ ବନ୍ଧୁ ପୁଜନ୍ତି ବିଷ୍ଣୁଭାବେ ।

ସେବା କରିବା ଫଳରେ ବନ୍ଧୁତ୍ୱଭାବ ସୃଷ୍ଟି ହୁଏ । ଜଣେ ବନ୍ଧୁ ହିସାବରେ ଆଉ ଜଣେ ବନ୍ଧୁ ପ୍ରତି ଦାୟିତ୍ୱ କର୍ତ୍ତବ୍ୟ ରହିଛି । ତାହା ସଠିକ ମାର୍ଗରେ ତୁଲାଇ ପାରିଲେ ତାକୁ ପ୍ରକୃତ ବନ୍ଧୁ ଓ ଶ୍ରେଷ୍ଠ ସେବା କୁହାଯାଏ । ସେଥିପାଇଁ ସଂସ୍କୃତରେ କୁହାଯାଏ -

ଉତ୍ସବେ ବ୍ୟସନେ ଚୈବ
ଦୁର୍ଭିକ୍ଷେ ରାଷ୍ଟ୍ରବିପ୍ଳବେ
ରାଜଦ୍ୱାରେ ଶ୍ମଶାନେ ଚ
ଯାଃ ତିଷ୍ଠତି ଶଃ ବାନ୍ଧବଃ ।

ବାରଗୌଣିଆଁ, ବନ୍ତଲା, ଅନୁଗୁଳ ।

# ପ୍ରାରବ୍ଧ ଭୋଗ

ଅଶ୍ୱିନୀ କୁମାର ସେଠୀ

ଜଣେ ଭକ୍ତ ଈଶ୍ୱରଙ୍କ ନାମଯଜ୍ଞରେ ନିଜ ସମୟ ଅତିବାହିତ କରୁଥିଲେ ଶେଷରେ ବୟସ ବଢ଼ିବା ସଙ୍ଗେ ସଙ୍ଗେ ରୋଗାକ୍ରାନ୍ତ ହୋଇ ବିଛଣା ଧରିନେଲେ । ଶୌଚସ୍ନାନ ଆଦି ସମୟରେ ସେ ନିଜ ସନ୍ତାନମାନଙ୍କୁ ଡାକୁଥିଲେ । ଧିରେ ଧିରେ ସନ୍ତାନମାନେ ମଧ୍ୟ ପରସ୍ପର ଆଳ କରି ଆସିବା ବନ୍ଦ କରିଦେଲେ । ବେଳେବେଳେ ତାଙ୍କୁ ସେଇ ଅପରିଷ୍କାର ବିଛଣାରେ ରାତି କଟାଇବାକୁ ପଡୁଥିଲା । ଦିନେ ରାତିରେ ଏକ ଆଶ୍ଚର୍ଯ୍ୟ ଘଟଣା ଘଟିଲା । ସେ ଆକୁଳ କଣ୍ଠରେ ପୁଅ ନାମ ଧରି ଡାକ ଛାଡ଼ିଲେ । ସଙ୍ଗେ ସଙ୍ଗେ ଜଣେ ବାଳକ କୋମଳ ହାତରେ ତାଙ୍କୁ ଧରି ନେଇ ନିବୃତ୍ତି କରାଇ ବିଛଣା ପରିଷ୍କାର କରି ଶୋଇ ପକାଇଲା । ଧୀରେ ଧୀରେ ଏହି କ୍ରିୟା ନିତିଦିନିଆ ହୋଇଗଲା । ବ୍ୟକ୍ତି ଜଣ ମନରେ ସନ୍ଦେହ ଉପୁଜିଲା ।

ଆଗେ ତ ଡାକ ଛାଡ଼ିଲେ ସମସ୍ତ ଘରଲୋକ ନ ଶୁଣିବାର ଛଳନା କରୁଥିଲେ । କିନ୍ତୁ ଇଏ କିଏ ? ଡାକିଲାମାତ୍ରେ ହାଜର ହେଉଅଛି । ଏହା ଭାବି ପିଲାଟିର କୋମଳ ହାତକୁ ଧରି ତାର ପରିଚୟ ପଚାରିଲେ । ତତକ୍ଷଣାତ ଏକ ଅଲୌକିକ ଆଭା ଅନ୍ଧକାର ଗୃହରେ ପ୍ରତିଫଳିତ ହେଲା । ସମ୍ମୁଖରେ ବାଳକରୂପୀ ଭଗବାନ କୃଷ୍ଣ ବଂଶୀ ଧରି ଦଣ୍ଡାୟମାନ ଭକ୍ତଙ୍କୁ ଚିହ୍ନିବାରେ ବିଳମ୍ବ ହେଲା ନାହିଁ । ଚକ୍ଷୁରୁ ଧାରଧାର ଲୋତକ ବହି ଯାଉଥାଏ । ରୁଦ୍ଧ କଣ୍ଠରେ କହିଲେ ହେ ପ୍ରଭୁ ମୁଁ କେତେ ବଡ଼ ପାପୀ ମୋର ନିବୃତ୍ତ ଆପଣଙ୍କ ଦ୍ୱାରା କରାଉଛି । ହେ ପ୍ରଭୁ ଯଦି ଆପଣ ମୋ ଉପରେ ଏତେ ପ୍ରସନ୍ନ ମୋତେ ମୁକ୍ତି କାହିଁକି ଦେଉନାହାନ୍ତି । ପ୍ରଭୁ କହିଲେ ଯାହା ତୁମେ ଭୋଗୁଛ ତାହା ତୁମର ପ୍ରାରବ୍ଧ । ତୁମେ ମୋର ଜଣେ ପରମ ସାଧକ ଦିବାନିଶି ମୋ ନାମ ଜପ କରୁଛ । ମୁଁ ତୁମକୁ ଛାଡ଼ିବି କିପରି ? ତେଣୁ ମୁଁ ତୁମ ପ୍ରାରବ୍ଧ ମଧ୍ୟ ତୁମର ସତ ସାଧନା କାରଣରୁ କଟାଉଛି ।

ଭକ୍ତଜଣକ ପ୍ରଶ୍ନ କଲେ କ'ଣ ମୋର ପ୍ରାରବ୍ଧ ତୁମ କରୁଣାଠାରୁ ଉର୍ଦ୍ଧ୍ୱରେ ? କଣ ତୁମ କୃପା ମୋ ପ୍ରାରବ୍ଧକୁ ଶେଷ କରିପାରିବନି । ପ୍ରଭୁ ଉତ୍ତର ଦେଲେ ମୋ କୃପା ସର୍ବୋପରି । ଅବଶ୍ୟ ମୁଁ ପ୍ରାରବବ୍ଧ କାଟିପାରିବି ତୁମର ଏଇ ଜନ୍ମରେ । କିନ୍ତୁ ପୁଣି ତୁମକୁ ଏଇ ପ୍ରାରବ୍ଧ ଭୋଗିବାକୁ ପୁନଃ ଜନ୍ମ ନେବାକୁ ପଡ଼ିବ । ଏହାହିଁ କର୍ମର ନିୟମ ଏଇ କାରଣରୁ ବର୍ଣ୍ଣନା ଅଛି ପୁନଃରପି ଜନମ ପୁନଃରପି ମରଣ ହୋଇଥାଏ । ଯେହେତୁ ତୁମେ ମୋର ପରମ ଭକ୍ତ ତୁମର ଏଇ ପ୍ରାରବ୍ଧ ମୁଁ ସ୍ୱୟଂ ନିଜ ହାତରେ କଟାଇ ତୁମକୁ ଜନ୍ମମୃତ୍ୟୁର ବନ୍ଧନରୁ ମୁକ୍ତିଦେବାକୁ ଚାହେଁ । ପ୍ରାରବ୍ଧ ତିନିପ୍ରକାରର-

୧. ଧୀର – କେବଳ ନାମ ଜପିଲେ ଏହା କଟିଯାଏ । ନାମର ମହିମା ଏତେ ପ୍ରବଳ ଯେ ରାମ ରାମ ଜପି ଦସ୍ୟୁ ରତ୍ନାକର ଆଦିକବି ବାଲ୍ମିକୀରେ ପରିଣତ ହେଲେ ।

୨. ତୀବ୍ର – ଶ୍ରଦ୍ଧା ବିଶ୍ୱାସ ସହ ସତସଙ୍ଗ କଲେ ଏହା କଟିଯାଏ । ଭାଗବତରେ ଅଛି ଧୃନ୍ଧୁକାରୀ ଏକ ଦୁଷ୍ଟ ଓ ମହାପାପୀ ଥିଲା ମୃତ୍ୟୁପରେ ମଧ୍ୟ ପ୍ରେତ ଯୋନିରୁ ଉଦ୍ଧାର ପାଉ ନଥିଲା । ସେ ଅଦୃଶ୍ୟଭାବେ ସତସଙ୍ଗ ମଧ୍ୟରେ ବସି ପ୍ରଚଣ୍ଡ ବିଦ୍ୱାନ ଗୋକର୍ଣ୍ଣଙ୍କ ଠାରୁ ଭାଗବତ ଶୁଣି ସଦଗତି ପ୍ରାପ୍ତ ହୋଇଥିଲା ।

୩. ତୀବ୍ରତମ – ସଂସ୍କୃତ ଭାଗବତରୁ ଉଦ୍ଧୃତ ପୂର୍ବକୃତ କର୍ମ ଶୁଭ ହେଉ ବା ଅଶୁଭ ଏ ଜନ୍ମ ହେଉ ବା ପରଜନ୍ମ ଏଥିରୁ ତିଳେମାତ୍ର ଉଣାହେବ ନାହିଁ । ଅବଶ୍ୟ ଭୋଗିବାକୁ ପଡ଼ିବ କିନ୍ତୁ ଶ୍ରଦ୍ଧାବିଶ୍ୱାସ ସହ ଯେ ପ୍ରଭୁଙ୍କର ଶରଣାଗତ ହୁଏ ପ୍ରଭୁ ସ୍ୱୟଂ ସଙ୍ଗରେ ରହି ଏହାର ତୀବ୍ରତାରେ ଉପଶମ ଆଣନ୍ତି ।

ଏହି ପ୍ରାରବ୍ଧ ଭୋଗବିଷୟ ସ୍ୱୟଂ ଭଗବାନ କୃଷ୍ଣ କଂସକୁ ନିଧନ ପରେ ଯେତେବେଳେ ବନ୍ଦୀଶାଳାକୁ ଯାଇ ପିତା ବାସୁଦେବ ଓ ମାତା ଦେବକୀଙ୍କୁ ବନ୍ଧନମୁକ୍ତ କଲେ । ସେତେବେଳେ ମା ଦେବକୀ ପୁତ୍ର ଶ୍ରୀକୃଷ୍ଣଙ୍କୁ ପଚାରିଲେ ଧନରେ ତୁ ହେଉଛୁ ସ୍ୱୟଂ ଭଗବାନ ଆମେ ଦୁହେଁ ତୋର ପିତାମାତା । ଆମେ କି ପାପ କରିଥିଲୁ ଯେ ଆମକୁ ତୁ ଚଉଦ ବର୍ଷ ଏ ବନ୍ଦୀଶାଳାରେ ରଖି ଦୁଃଖକଷ୍ଟ ଦେଲୁ ? ସେତେବେଳେ ଶ୍ରୀକୃଷ୍ଣ ଉତ୍ତର ଦେଇଥିଲେ ମା ମୁଁ କି ପାପ କରିଥିଲି ଯେ ତୁମେ ମୋତେ ପୂର୍ବ ଜନମ୍‌ରେ ରାମାବତାରରେ ଚଉଦ ବର୍ଷ ବନକୁ ପଠାଇଥିଲ ? ଦେବକୀ ଚମକି ପଡ଼ି କହିଲେ ମୁଁ । ମୁଁ ତତେ ଚଉଦବର୍ଷ ବନକୁ ପଠାଇଥିଲି ? ହଁ ମା ତୁମେ ଥିଲ କୈକେୟୀ ଓ ପିତା ବସୁଦେବ ଥିଲେ ଦଶରଥ । ତୁମେ ଦୁହେଁ ମୋତେ ଚଉଦବର୍ଷ ବନକୁ ପଠାଇଥିଲ ଆଉ ସେହି ଚଉଦବର୍ଷ ତୁମ ଦୁହିଁଙ୍କୁ ଏ କାରାଗାରରେ ବନ୍ଦୀ ହୋଇ କଷ୍ଟ ଭୋଗିବାକୁ ପଡ଼ିଲା । ଆଶ୍ଚର୍ଯ୍ୟସ୍ୱରରେ ଦେବକୀ ପ୍ରଶ୍ନ କଲେ ଆଉ କୌଶଲ୍ୟା ଶ୍ରୀକୃଷ୍ଣ କହିଲେ ସେ ହେଉଛନ୍ତି ଏ ଜନ୍ମରେ ଯଶୋଦା ଦେବକୀ ନୀରବ ହୋଇଗଲେ । ଏହିଭଳି ଅନେକ ଦୃଷ୍ଟାନ୍ତ ପ୍ରାରବ୍ଧ କର୍ମ ଭୋଗ ବିଷୟରେ ବର୍ଣ୍ଣନା କରାଯାଇଛି ।

ନିରପେକ୍ଷ ବିଚାରବନ୍ତ ସ୍ୱୟଂ ଭଗବାନ ବି ନିଜ ପିତାମାତାଙ୍କୁ ପ୍ରାରବ୍ଧରୁ ରକ୍ଷା କରି ପାରିନଥିଲେ ଏହି କଥଶଟି ତାର ଜ୍ୱଳନ୍ତ ପ୍ରମାଣ । ଆମେ ତ ସାଧାରଣ ମନୁଷ୍ୟ ଆଜି ଆମେ ଯେତେ ଯାହା ଦୁଃଖ କଷ୍ଟ କିମ୍ବା ସୁଖ ଅନୁଭବ କରୁଛେ ତାହା ଆମ ପ୍ରାରବ୍ଧର କର୍ମଫଳ । ଧୈର୍ଯ୍ୟର ସହ ତାକୁ ପାର ହେବା ପାଇଁ ସାରା ଜୀବନ ସ୍ୱଧର୍ମ ପାଳନ ପୂର୍ବକ ପ୍ରୟାସ କରି ଜୀବନ ସଂସାରକୁ ଅତିକ୍ରମ ଉପରୋକ୍ତ ତିନୋଟି ପ୍ରାରବ୍ଧ କର୍ମ କରି ଚାଲିବା ଉଚିତ୍ । ତେଣୁ ଭାଗବତରେ କୁହାଯାଇଛି – ସ୍ୱଧର୍ମେ କଲେ ସ୍ୱର୍ଗବାସ, ଅଧର୍ମେ ନରକେ ପ୍ରବେଶ । ତେଣୁ ଭାଗ୍ୟ ଭରସାରେ ନ ବସି କର୍ମ କରିବା ଉଚିତ୍ । ଓଁ ନମଃ ଭଗବତେ ବାସୁଦେବାୟ ।

ଚାଉଳିଆଗଞ୍ଜ, କଟକ ।

# କୁଳାଙ୍ଗାର

ସୁକାନ୍ତ କୁମାର ନାୟକ

ସଞ୍ଜ ନଇଁ ଆସୁଥାଏ । ସୁକାନ୍ତ ଓ ସ୍ୱୟଂ ଦୁହେଁ ସାଙ୍ଗହୋଇ ସୁବର୍ଣ୍ଣରେଖା ନଈ କୂଳରେ ସେମାନଙ୍କ କଲେଜ ଜୀବନ କଥା ଗପୁଥାନ୍ତି । ତେଣେ ଅସ୍ତମାନ ସୂର୍ଯ୍ୟର ରକ୍ତିମ ଆଭା ସ୍ୱଚ୍ଛ ପାଣିରେ ପ୍ରତିଫଳିତ ହୋଇ ସେମାନଙ୍କର ମୁହଁରେ ଆସି ପଡୁଥାଏ । ସଞ୍ଜ ନଇଁ ଆସୁଥିବା ଦେଖି ନଈରେ ଧାଡ଼ିଲଗାଇ ଡଙ୍ଗାସବୁ ପାଲ ଟେକି କୂଳକୁ ଫେରୁଥାଏ । କିନ୍ତୁ ସେସବୁକୁ ସେମାନଙ୍କର ଜମାରୁ ଲକ୍ଷ୍ୟ ନଥାଏ । କାରଣ ସେ ଦୁହିଁଙ୍କ ଗଳ୍ପ ଖୁବ ଜମି ଉଠିଥିଲା । ସ୍ୱୟଂ ତା ଜୀବନର ସମସ୍ତ ଘଟଣା ଦୁର୍ଘଟଣା ସମେତ ହସକାନ୍ଦ ଭଳି କାହାଣୀସବୁ ଖୋଲି ଚାଲିଥିଲା ।

ସେସବୁ ଶୁଣି ସୁକାନ୍ତ ପାଲଟି ଯାଇଥିଲା ଗୋଟିଏ ନୀରବ ଶ୍ରୋତା । ଠିକ୍ ଏତିକିବେଳେ ସୁକାନ୍ତର ନୀରବତାକୁ ଭେଦକରି ହଠାତ ସେହି ଡଙ୍ଗାର ଧାଡ଼ିଭିତରୁ କୌଣସି ଗୋଟିଏ ପରିଚିତ ଗୀତର ସ୍ୱର ଭାସି ଆସିଲା । ଗୀତଟି ଶୁଣି ସୁକାନ୍ତ ପ୍ରାୟ ଆଶ୍ଚର୍ଯ୍ୟ ହୋଇଉଠିଲା । ପାଖରେ ବସି ଗପୁଥିବା ବନ୍ଧୁଙ୍କୁ ପଚାରିଲା ଆରେ ସ୍ୱୟଂ ମୋ ସ୍ୱପ୍ନର ରାଜକୁମାରୀଟି କଣ ଫେରିଆସିଛି କିରେ ? ସ୍ୱୟଂ ଆଶ୍ଚର୍ଯ୍ୟ ହୋଇଗଲା । ହେଲେ ସେ ଗୀତଟି କିନ୍ତୁ ସୁକାନ୍ତର ହୃଦୟକୁ ଛିନ୍ନଭିନ୍ କରି ଦେଉଥିଲା । ଡଙ୍ଗାଟି ଯେତେ ନିକଟତର ହେଉଥିଲା ସୁକାନ୍ତର ହୃଦସ୍ପନ୍ଦନ ସେତେ ବଢ଼ି ଯାଉଥିଲା । ସେ କିଛି ଭାବି ପାରୁନଥିଲା । ପାଗଳପ୍ରାୟ ବସିବା ଜାଗାରୁ ଉଠି ଡଙ୍ଗା ଆଡ଼କୁ ଅଗ୍ରସର ହେଲା । ତା ସାଙ୍ଗ ଜଣକ ତାକୁ ଅନୁକରଣ କରୁଥାଏ । ପହଞ୍ଚି ଦେଖିଲା ଢଳଢଳ ଯୌବନ ନେଇ ଗୋଟିଏ ସତେ ଅବା କେଉଁ ପରିରାଇଜରୁ ଓହ୍ଲାଇ ଆସିଛି । ନାଲି ରଙ୍ଗର ଡ୍ରେସଟି ଗୋଲାପି ରଙ୍ଗର ଶରୀରକୁ ଭାରି ମନଲୋଭା ଲାଗୁଥିଲା । ଠିକ୍ ସେତିକି ବେଳକୁ ଗୀତର ଅନ୍ତିମ ପର୍ଯ୍ୟାୟ ଛୁଇଁଥାଏ । ସେମାନଙ୍କୁ ଦେଖି ଝିଅଟି ଲାଜେଇ ଗଲା କିନ୍ତୁ ଗୀତଟିର ଶେଷ ପଦଟିକୁ ଗୁଣୁଗୁଣୁ ଗାଇ ସେମାନଙ୍କୁ ଅତିକ୍ରମ କଲା । ତାପରେ ନଈ ହିଡ଼ ଉପରକୁ ଉଠି ପରିଚିତ ଲୋକ ଭଳି ହାତ ହଲାଇ ବିଦାୟ ନେଲା । ସୁକାନ୍ତର ଭାବନାରେ ପୂର୍ଣ୍ଣ ପକାଇ ନାଉରିଆ ଜଣକ କହିଲା ବାବୁ ଆର ପାରିକୁ ଯିବେ ନା କ'ଣ ? ସୁକାନ୍ତ ସାଙ୍ଗକୁ ଚାହିଁ ହଁ ଭରିଲା । ଡଙ୍ଗାରେ ବସିବାପରେ ସ୍ୱୟଂ ତା ସାଙ୍ଗକୁ ପଚାରିଲା ଆରେ ସୁକାନ୍ତ ମୁଁ ତ ଥିଲି ଏକୁଟିଆ ବାରା ପକ୍ଷୀ... ଗୀତଟି ଶୁଣି ତୋର ଏଭଳି ପ୍ରତିକ୍ରିୟା କାହିଁକି ?

ସୁକାନ୍ତ ତାର ଅତୀତର ଗୋଟିଏ ପୃଷ୍ଠାକୁ ଓଲଟାଇ ଏତିକି କହିଲା – ସାଙ୍ଗ ଏ ଗୀତଟି ଦିନେ ମୋ ଗତିପଥକୁ ବଦଳାଇ ଦେଇଥିଲା । ନା ମୁଁ କିଛି ଚିନ୍ତା କରିପାରୁଥିଲି ନା ମୁଁ ମୋ ଭବିଷ୍ୟତ ଗଢୁଥିଲି । କିଛି ନୁହଁ । ଏମିତି ଏ ଗୀତର ତାଳେ ତାଳେ ହଜି ଯାଉଥିଲି ମୋ ସ୍ୱପ୍ନର ରାଣୀ ପାଖରେ । କିନ୍ତୁ ମୁଁ ଭୁଲ ବୁଝିଥିଲି ତାକୁ । ସେ ମୋ ମନର ରାଣୀ ନ ଥିଲା ଥିଲା ମୋ ହୃଦୟର କୋହ । ଦିନ ଆସିଲା କେହିଜଣେ ତା ମନର ରାଜକୁମାର ଆସି ତାକୁ ନିଜର କରିନେଲା । ସେତେବେଳକୁ ମୁଁ ମୋ ହିତାହିତ ଜ୍ଞାନ ଭୁଲି ଯାଇଥିଲି । ବାପା ମା ଭାଇ ଭଉଣୀ ସମସ୍ତଙ୍କ ପାଇଁ ମୁଁ ହୋଇଯାଇଥିଲି ଗୋଟିଏ କୁଳାଙ୍ଗାର । ଠିକ ସେତିକି ବେଳେ ଡଙ୍ଗା ଆସି କୂଳରେ ଲାଗିଲା । ଦୁହେଁ ମିଶି ଘରକୁ ଫେରିବା ବାଟରେ ସ୍ୱୟଂ ସୁକାନ୍ତକୁ କହୁଥିଲା ତୁ ଯଦି ସେହି ସମୟରେ ସମୟର ସଠିକ ବିନିଯୋଗ କରିଥାନ୍ତୁ ତେବେ ନିଜକୁ ଆହୁରି ପ୍ରତିଷ୍ଠିତ କରିପାରିଥାନ୍ତୁ । ହେଲେ ସୁକାନ୍ତ ହସିଦେଇ ଏତିକି କହିଲା ନାଉରି ଝିଅଟି ଭଲ ଗୀତ ଗାଏ..... ।

ନୁଣିପଡ଼ା ଶାସନ, ଗାଙ୍ଗପୁର, ଗଞ୍ଜାମ ।

# କଳଙ୍କିତ ମାତୃତ୍ୱ

ଆଦ୍ୟାଶା ନନ୍ଦ

ବୋଉ ଲୋ ତତେ କଣ କରି ଚିଠି ଲେଖିବି ବୁଝିପାରୁନି ମୁଁ । ବହିରେ ପଢ଼ିଛି ମା କାଳେ ସରଗ ଠାରୁ ବି ବଡ଼ ସ୍ନେହ ମମତାର ସୀମାହୀନ ସାଗର । ଦୟା କ୍ଷମା ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଏମିତି ଅନେକ କିଛି । ହେଲେ ତୁ କହିଲୁ ମୁଁ ତୋ ଠାରୁ ପାଇଛି କ'ଣ ? ନା ତୋ କୋଳର ଉଷ୍ମତାକୁ କେବେ ଅନୁଭବ କରିଛି । ନା କେବେ ପାନ କରିଛି ତୋ ଛାତିର ଅମୃତ ଧାରାକୁ । ରାତି ଅଧାରେ ନିଦ ଭାଙ୍ଗିଗଲେ ଯେତେବେଳେ ମୁଁ ରାହା ଧରି କାନ୍ଦିଛି ତୁ କେବେ ମତେ ନାନା ବାୟା ଗୀତ ବୋଲି ଶୁଆଇଦେଇଛୁ ନା ଝୁଣ୍ଟିପଡ଼ିଲେ କୋଳେଇ ନେଇ ତୋ ପଣତକାନିରେ ମତେ ଝାଡ଼ିଝୁଡ଼ି ଦେଇଛୁ ? କିଛି ବି ତ କରିନୁ । ହଁ ହଁ କରିଛୁ ମତେ ଦଶ ମାସ ଦଶଦିନ ଗର୍ଭରେ ରଖି ଜନ୍ମ ଦେଇଛୁ । ଏ ଦୁନିଆର ଆଲୋକ ଦେଖେଇଛୁ । ହେଲେ ତା ପରେ ....ଆଖି ଖୋଲିଲାପରେ ନିଜକୁ ମୁଁ ଆବିଷ୍କାର କରିଛି ଏକ ନିଛାଟିଆ କିଆ ବୁଦାମୂଳେ । ଯେତେବେଳେ ତୋ ଛାତି ଉପରେ ମୁଣ୍ଡ ରଖି ମୁଁ ଆରାମରେ ଶୋଇବା କଥା ସେତେବେଳେ ମୋ ପାଖରେ ଶହ ଶହ ଲୋକଙ୍କ ଭିଡ଼ରେ ମୁଁ କେମିତି ଅଣନିଶ୍ୱାସୀ ହୋଇଯାଉଥିବି ତୁ କେମିତି ବୁଝିପାରିଲୁନି ଲୋ ବୋଉ ?

ସବୁ ଛୁଆ ଭଳି ମୁଁ ବି ଅପେକ୍ଷା କରିଥିଲି ମୋ ସ୍ୱାଗତ ହେବ ଆମ ଘରେ ଖୁବ୍ ଧୁମାଧାମରେ । ସମସ୍ତେ ମତେ ଦେଖି ବହୁତ ଖୁସି ହେବେ ଗେଲ କରିବେ । ହେଲେ...ମୋର ସ୍ୱାଗତ ତ ହେଲା ହେଲେ ଘରେ ନୁହେଁ କୋଉ ଗୋଟେ ଅନାଥ ଆଶ୍ରମରେ । କିଏ କହୁଥାଏ କୁଆଁରୀ ମାର ପାପ କିଏ କହୁଥିଲେ କଳଙ୍କିନୀ ମାର କଳଙ୍କ ମୁଁ । ଆଉ କିଏ କହୁଥାନ୍ତି କାମୁକ ପୁରୁଷର ଅବାଂଛିତ କାମନାର ଫଳ ମୁଁ । ଶତ ଧିକ୍କାର କରୁଥାନ୍ତି ତତେ ଲୋ ବୋଉ । ଆଉ ମୋ ଜନ୍ମକୁ ବି । ମୁଁ ବି ସେଥିରୁ ବାଦ ପଡ଼ିନି । ସେବେ ଠାରୁ ଘୃଣା କରିଛି ତତେ ପ୍ରବଳ ମାତ୍ରାରେ । ଧିକ୍କାର କରିଛି ତୋର ମାତୃତ୍ୱକୁ ଘୃଣା କରିଛି ମା ଶବ୍ଦକୁ ।

ଜାଣିଛୁ ବୋଉ ଅନାଥ ଆଶ୍ରମର ଦିଦି ମୋର ଗୋଟେ ନାଁ ରଖିଲେ କସ୍ତୁରୀ । ଜାତି ଧର୍ମ ଗୋତ୍ର ତ ଜଣାନାହିଁ । ମୋର ସେଥିପାଇଁ କସ୍ତୁରୀ ପ୍ରିୟଦର୍ଶିନୀ । ହେଲେ ସେ ନାଁ ଟା ମୋର ସୀମିତ ରହିଲା ବହି ଖାତାରେ । କିଏ ଡାକୁଥାନ୍ତି ଅନାଥ ବିଚାରୀ ଅଭିଶପ୍ତ । ଭାରି କଷ୍ଟ ହୁଏ ଲୋ ବୋଉ ସବୁଠାରୁ ବେଶୀ କଷ୍ଟ ହୁଏ । କେତେବେଳେ ଜାଣିଛୁ କିଏ ଯଦି ମତେ ଜାରଜ ସନ୍ତାନ ର ଆଖ୍ୟା ଦିଏ । ଛାତି ଭିତରଟା ଯେମିତି ରାମ୍ପୁଡ଼ି ବିଦାରି ହେଇଯାଏ ମୋର । ଯେମିତି ଲାଗେ ତୋ ଗର୍ଭକୁ କିଏ ଗୋଇଠା ମାରୁଛି । ଇଚ୍ଛା ହୁଏ ଚିତ୍କାର କରି କୁହନ୍ତି ହେ ସମାଜର ବଡ଼ ପଣ୍ଡାମାନେ ମୁଁ ଜାରଜ ହେବାରେ ମୋର ଭୁଲ କଣ ? ଦୋଷୀ ତ ତମରି ମାନଙ୍କ ଭିତରୁ କିଏ ଜଣେ । ଆଉ ସେବେଠାରୁ ତୋ ସହିତ ମୁଁ ଘୃଣା କଲି ଆଉ ଜଣଙ୍କୁ ପୁରୁଷ ଜାତିକୁ ।

ହେଲେ ମୁଁ ଭାଙ୍ଗିପଡ଼ିନଥିଲି ନିଆଁରେ ପଡ଼ିଲେ ସୁନା ଚକଚକ କଲା ଭଳି ସମାଜର ସବୁ ନିନ୍ଦା ଅପବାଦ ଟାହିଟାପରା ମତେ ଦିନକୁ ଦିନ ବେଶୀ ଶକ୍ତ କରି ଗଢ଼ିବାରେ ଲାଗିଲା । ଦିନ ରାତି ବାସ ଗୋଟେ ହିଁ ଜିଦ୍ ନା ନା ମୁଁ ଜାରଜ ନୁହେଁ । ମୁଁ ନୁହେଁ ଅଭିଶପ୍ତ । ମୁଁ ଈଶ୍ୱରଙ୍କ ସୃଷ୍ଟିର ଅମୃତ ସନ୍ତାନ । ପାଠ ଅଭିନୟ ଗୀତ ସବୁଥିରେ ମୁଁ ଥିଲି ପାରଙ୍ଗମ ।

ଭଲ ନମ୍ବର ରଖି ଶ୍ରେଣୀ ପରେ ଶ୍ରେଣୀ ଉତ୍ତୀର୍ଣ୍ଣ ହେଇ କଲେଜରେ ପଢ଼ିବାକୁ ସହରକୁ ଗଲି । ପାଠପଢ଼ା ଓ ଅଭିନୟ ପାଇଁ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିଲି ମୁଁ ନୂଆ ଜାଗାଟିରେ । ସେଦିନ ଥିଲା କଲେଜର ବାର୍ଷିକ ଉତ୍ସବ । ପ୍ରୋଗ୍ରାମ ପରେ ଫେରୁଥାଏ ମୁଁ । ହଠାତ୍ ପଛରୁ ଶୁଭିଲା କସ୍ତୁରୀ । ବୁଲିପଡ଼ି ଦେଖିଲି ଆମ ଉପର କ୍ଲାସର ପିଲା ଚନ୍ଦନ । କସ୍ତୁରୀ ତମ ଅଭିନୟ ଚମତ୍କାର ଥିଲା । ଆଃ, କି ମାଦକତା କି ନିଜରପଣ ଥିଲା ସେ ଡାକରେ । ମୁଁ ତ ଭୁଲିଯାଇଥିଲି ପୁରା ମୋ ନାଁ ବି ଏତେ ସୁନ୍ଦର ହେଇପାରେ କୋଉ ଅଜଣା ପୁରୁଷରପାଟିରେ । ଧୀରେ ଧୀରେ ତାଙ୍କ ସହିତ ମୋର ବନ୍ଧୁତା ସୃଷ୍ଟି ହେଲା । କାହିଁକି କେଜାଣି ବର୍ଷ ବର୍ଷ ଧରି ପୁରୁଷ ଜାତିକୁ ଘୃଣା କରୁଥିବା ମନଟା ମୋର ତାଙ୍କ ପ୍ରତି ଆକର୍ଷିତ ହୋଇଯାଉଥିଲା, ବାନ୍ଧି ହୋଇଗଲି ତାଙ୍କ ଭଲପାଇବା ଆଉ ମୋ ପ୍ରତି ଥିବା ତାଙ୍କ ଚିନ୍ତା ପାଖରେ । ବିବେକ କହୁଥିଲା ଦୂରେଇ ଯା ସେ ବନ୍ଧୁତ୍ୱ ଠାରୁ ସେ ପୁରୁଷ । ଧୋକା ନିଶ୍ଚେ ପାଇବୁ । ହେଲେ ମନ କହୁଥିଲା ସବୁ ପୁରୁଷ କଣ ସମାନ । ଚନ୍ଦନ ସମସ୍ତଙ୍କ ଠାରୁ ଭିନ୍ନ । ଦୀର୍ଘ ଛଅମାସ ଚାଲିଲା ମନ ଆଉ ବିବେକ ଭିତରେ ତୁମୁଳ ସଂଘର୍ଷ । ଶେଷରେ ବିବେକ ହାରିଗଲା ମୋ ମନରେ ଚନ୍ଦନଙ୍କ ପ୍ରତି ଥିବା ଭଲପାଇବା ପାଖରେ ।

ମୋ ଭଳି ଗୋଟେ ଅନାଥ ସର୍ବହରା ଅଭିଶପ୍ତ ଝିଅ ଆଖିରେ ଚନ୍ଦନ ବୋଳି ଚାଲିଲେ ଚିକମିକ ସ୍ୱପ୍ନ ସବୁ । ଆଃ କେତେ ସୁନ୍ଦର ଥିଲା ସେସବୁ । ବାହାବେଦୀ ସିନ୍ଦୁର ଶଙ୍ଖା ଶାଶୁଘର । ମୋର ଗୋଟେ ପରିବାର ହେବ ଭାବି ଭାବି ରାତିରେ ନିଦ ହଉନଥିଲା ଲୋ ବୋଉ । ସତରେ କ'ଣ ମୋ ଭାଗ୍ୟରେ ଏତେ ଖୁସି ଲେଖାଅଛି । ବିଶ୍ୱାସ ହଉନଥିଲା ମୋର । ମୋ ମନ ହୃଦୟ ଶରୀର ଆତ୍ମାରେ ଯେ କେବଳ ଚନ୍ଦନ ଅଛନ୍ତି ଏ କଥାର ପ୍ରମାଣ ମାଗିଲେ ସେ । ମୁଁ ହୁଣ୍ଡି ବୁଝିପାରିଲିନି ତାଙ୍କ କଥା । ବୁଝିଥାନ୍ତି ବା କେମିତି କହୁନୁ ? ଜୀବନରେ ପ୍ରଥମ ଥର କାହାଠାରୁ ଏତେ ଭଲପାଇବା ପାଇଛି ଭାବି ସବୁକିଛି ସମର୍ପି ଦେଲି ତାଙ୍କ ପାଖରେ । ଠିକ ଗୋଟେ ମାସ ପରେ ମୁଁ ଅନୁଭବ କଲି ଚନ୍ଦନ ଆଉ ମୋର ପ୍ରେମର ସନ୍ତକକୁ ମୋ ଭିତରେ । ମାତୃତ୍ୱର ନିଆରା ଅନୁଭୂତିରେ ପ୍ରଗଳ୍ଭା ପ୍ରାୟେ ହୋଇଗଲି । ଚନ୍ଦନଙ୍କୁ ଖୁସିରେ ଜଣେଇଦେଲି ହେଲେ ଏ କଣ ? ଖୁସି ହେବା ବଦଳରେ ସମାଜ ପରିବାରର ଦ୍ୱାହି ଦେଇ ପିଲାଟିକୁ ନଷ୍ଟ

କରିଦେବାକୁ ତାଗିଦ କଲେ ସେ । କ୍ଷଣକ ଭିତରେ ତାସର ଘର ଭଳି ଭାଙ୍ଗିରୁଜି ଚୁରମାର ହୋଇଗଲା ମୋର ସ୍ୱପ୍ନର ଅଟ୍ଟାଳିକା । ଧୀରେ ଧୀରେ ଚନ୍ଦନ ମୋ ଠାରୁ ଦୂରେଇବାକୁ ଲାଗିଲେ । କାଲି ପର୍ଯ୍ୟନ୍ତ ଯୋଉ ମଣିଷ ମତେ ଚାନ୍ଦ ତାରା ତୋଳିଆଣିବା କଥା କହୁଥିଲେ ଲାଲ ଟୁକୁଟୁକୁ ସାଧବ ବୋହୂ ସଜେଇ ନିଜ ଘରକୁ ବୋହୂ କରିନେବାକୁ ସ୍ୱପ୍ନ ଦେଖାଉଥିଲେ ସେ ଏତେ ଜଲଦି ବଦଳିଗଲେ କେମିତି ?

ଦୀର୍ଘ କୋଡ଼ିଏ ବର୍ଷ କାଳ ମନ ଭିତରେ ଆଗ୍ନେୟଗିରିର ଲାଭା ଭଳି ଜଳେଇ ରଖିଥିା ତୋ ପ୍ରତି ସବୁ ରାଗ, କ୍ରୋଧ ଯେମିତି ହଠାତ୍ ବରଫ ଭଳି ତରଳିବାକୁ ଲାଗିଲା । ବୁଝିପାରିଲି ମୁଁ ମୋ ଜନ୍ମ ବେଳ ର ତୋର ପରିସ୍ଥିତିକୁ । ତତେ ବି ବାଧ କରାଯାଇଥିବ ନା ମତେ ମାରିଦେବାକୁ ? ଦଶମାସ ଦଶ ଦିନ କାଳ ସମାଜର ନିନ୍ଦା ଅପବାଦ ଟାହିଟାପରା ସହି କେମିତି ମତେ ବଞ୍ଚେଇ ରଖିଥବୁ ତୁ, ଭାବିଲା ବେଳକୁ ମୁଣ୍ଡ ନଇଁ ଯାଉଛି ଲୋ ବୋଉ । ମତେ ଜନ୍ମ ଦେଲାପରେ କେମିତି ଛାତିରେ ପଥର ରଖି ତୋ ଠାରୁ ମତେ ଅଲଗା କରିଥିବୁ । ମୁଁ ଚିନ୍ତା ବି କରିପାରୁନି । ଆଜି ମୁଁ ବୁଝୁଛି ମୋ ବୋଉ ଦୁର୍ବଳ ନୁହେଁ ସେ ବଜ୍ର ଠାରୁ ବି ଶକ୍ତ । ମୋ ବୋଉ ନିଷ୍ଠୁର ନୁହେଁ, ସେ ପୃଥିବୀ ଠାରୁ ବି ଉଦାର । ମୋ ବୋଉ କଠୋର ନୁହେଁ ସେ ଲହୁଣୀ ଠାରୁ ବି ଆହୁରି ନରମ । ମୋ କଳ୍ପନାରେ ଆଙ୍କିଥିବା ତୋ ଛବି ଠାରୁ ତୁ ଆହୁରି ସୁନ୍ଦର ଲାଗିଲୁ ମତେ ।

ସେଦିନ ସିନା ମୋ ଜୀବନ ବଂଚେଇବା ପାଇଁ ତୁ ମତେ ଅଲୋଡ଼ା କରି ଛାଡ଼ିଦେଲୁ ସେଇ କିଆବୁଦା ମୂଳେ । ହେଲେ ତୋର ଏ ଝିଅ ଲଢ଼ିବ ଜୀବନର ଶେଷ ରକ୍ତ ବିନ୍ଦୁ ଥିଲା ପର୍ଯ୍ୟନ୍ତ । ତା ସନ୍ତାନକୁ ମିଳିବ ତାର ପିତୃ ପରିଚୟ । ମୋ ସନ୍ତାନ ପାଇବନି ଜାରଜର ଆଖ୍ୟା । ସେ ହବନି ଅଭିଶପ୍ତ କଳଙ୍କ ସନ୍ତାନ ।

ତୋ କଥା ଆଜି ବହୁତ ମନେପଡୁଛି ଲୋ ବୋଉ । ତୋ କୋଳରେ ମୁଣ୍ଡ ରଖି ବହୁତ ଜୋରରେ କାନ୍ଦିବାକୁ ଇଚ୍ଛା ହେଉଛି । ଜୀବନର ଏ ଜନ୍ମରେ ତୋ ସହିତ କେବେ ଦେଖା ହେବ କି ନାହିଁ ଜାଣିନି । ଦେଖା ହେଲେ କେବେ ତୁ କଣ ତୋର ଏ ଝିଅକୁ ଚିହ୍ନିପାରିବୁ ବୋଉ ? ଯଦି ଜନ୍ମ ପରେ ଥରୁଟିଏ ମତେ ମନଭରି ଦେଖିଥିବୁ ତାହେଲେ ଦେଖିଥିବୁ ମୋ ବାଁ ପଟ ଗାଲରେ ଥିବା ବଡ଼ କଳାଜାଇକୁ । ଆଇନାରେ ନିଜକୁ ଦେଖି ତ ମୁଁ ଆଙ୍କିଛି ତୋ ଛବି ମନ ଭିତରେ ଅବିକଳ ମୋର ପ୍ରତିଛବି । ଜାଣିନି ତୁ ଏବେ କୋଉଠି ଆଉ କେମିତି ଥିବୁ । ହେଲେ ଯୋଉଠି ଥିବୁ ଭଲରେ ଥିବୁ । ପାରିବୁ ଯଦି ତୋର ଏ ଆଜନ୍ମା ଅଭିଶପ୍ତା ଅଭାଗିନୀ ଝିଅକୁ ସୌଭାଗ୍ୟବତୀ ହେବାର ଆଶୀର୍ବାଦ ନିଶ୍ଚୟ ଦେବୁ ।

ନିଜେ ମରଣ ଶଯ୍ୟାରେ ଶୋଇ ଯେ ସାମର୍ଥ୍ୟ ରଖେ ନିଜ ସନ୍ତାନକୁ ଦେଖାଇବାରେ ଜୀବନର ଆଲୋକ ସେ ମା କଣ କେବେ ହୋଇପାରେ କଳଙ୍କିନୀ ନା ତା ମାତୃତ୍ୱ କେବେ ହୋଇପାରେ କଳଙ୍କିତ ? ? ତଥାକଥିତ ସମାଜର ବଡ଼ପଣ୍ଡାମାନେ ତା ମଥାରେ ପିନ୍ଧାଇଦିଅନ୍ତି କଳଙ୍କର ଟୀକା । ତା ଚରିତ୍ରରେ ଲଗାଇଦିଅନ୍ତି ମିଛ ଛଳନା ଓ ଭଲପାଇବାର ଅଲିଭା ଦାଗ । ସେମିତି କଳଙ୍କର ଟୀକା ମଥାରେ ବୋହି କସ୍ତୁରୀ ଆଜି ଶତଚେଷ୍ଟିତ ଦୃଢ଼ ପରିକର ନିଜ ଗର୍ଭରେ ବଢୁଥିବା ସନ୍ତାନକୁ ଦେବାକୁ ତାର ପିତୃ ପରିଚୟ । ସମାଜ ପାଇଁ ତା ସନ୍ତାନ ହେବନି ଜାରଜ, ଅଭିଶପ୍ତ । କସ୍ତୁରୀ ଓ ଚନ୍ଦନର ମିଳନରେ ମହକିବ ନିଶ୍ଚେ ପୃଥିବୀ । ସୃଷ୍ଟି ହେବ ଅମୃତ ସନ୍ତାନ । ମନ କହୁଛି କସ୍ତୁରୀ ଜିତିବ ନିଶ୍ଚୟ ଜିତିବ । ତା ଭିତରେ ଥିବା ପ୍ରେମିକାଟି ସିନା ହାର ମାନିଗଲା । ହେଲେ ମା ମନ ତାର ଆଜି ହାର ମାନିବନି । କଳଙ୍କର ଟୀକା ତାର ବିଜୟର ଟୀକା ହେଉ ଏହା ହିଁ ତ କାମନା । ମା'ର ଜିଦ ଆଗରେ ମଥାନତ କରିବ ନିଶ୍ଚେ ଏ ସମାଜ । ମାତୃ ଗର୍ଭରୁ ଭୂମି ସ୍ପର୍ଶ ମାତ୍ରେ ଲିଭିଯିବ ସବୁ ଅନ୍ଧକାରର କାଳିମା । ତା ସନ୍ତାନ ଦେଖିବ ତା ଜୀବରେ ନୂତନ ସୂର୍ଯ୍ୟାଲୋକ ।

ଭୁବନେଶ୍ୱର ।

# ମଙ୍ଗଳସୂତ୍ର

ଈଶ୍ୱରୀ ବେହେରା

ମଙ୍ଗଳ ଉଦ୍ଦେଶ୍ୟରେ ଧାରଣା କରାଯାଉଥିବା ସୂତ୍ରକୁ ହିଁ ମଙ୍ଗଳସୂତ୍ରର ଆଖ୍ୟା ଦିଆଯାଇଛି । ହିନ୍ଦୁଧର୍ମରେ ମଙ୍ଗଳସୂତ୍ରକୁ ଏକ ପବିତ୍ର ଆଭୂଷଣ ସୂତା ଭାବରେ ଗ୍ରହଣ କରାଯାଏ । ଶଙ୍ଖା ସିନ୍ଦୂର ଭଳି ଏହା ନାରୀର ସଧବା ସଙ୍କେତ ସୂତ୍ର ।

ହିନ୍ଦୁଧର୍ମର ପ୍ରଚଳିତ ସଂସ୍କୃତି ଅନୁଯାୟୀ ମଙ୍ଗଳ ସାହାନାଇରେ ବିବାହବେଦୀର ପବିତ୍ର ହୋମାଗ୍ନି ସହିତ ସମସ୍ତ ଦେବାଦେବୀ ଓ ଦଶ ଦିଗପାଳଙ୍କୁ ସାକ୍ଷୀ ରଖି ମଙ୍ଗଳାପୁରୁଷଟି ସମାଜ ଓ ପରିବାରର ମଙ୍ଗଳ ଉଦ୍ଦେଶ୍ୟରେ ବ୍ରାହ୍ମଣ ଅଭିମନ୍ତ୍ରିତ ଯେଉଁ ସୂତ୍ରଟିକୁ ପରମ ବିଶ୍ୱାସରେ ମଙ୍ଗୁଳାନାରୀଟିର ଗଳାରେ ପିନ୍ଧେଇ ଦୁଇଟି ଅଜଣା ହୃଦୟକୁ ଗୋଟିଏ ସୂତ୍ରରେ ଅତି ଆପଣାର କରି ବାନ୍ଧିଦେଇଥାଏ ସେଇ ପବିତ୍ର ସୂତ୍ରହିଁ ମଙ୍ଗଳସୂତ୍ର । ଏଇ ମଙ୍ଗଳସୂତ୍ର ଓ ହୃଦୟର ଅଛିଣ୍ଡାଗଣ୍ଠି ଭିତ୍ତିକ ହସ୍ତଗଣ୍ଠି ହିଁ ନାରୀଟିର ଭାଗ୍ୟ ପରିବର୍ତ୍ତନ କରି ତାକୁ କନ୍ୟାରୁ କରେ କୂଳବଧୂ । ଆଉ ଝିଅଟି ତାର ଗେଲବସରର ସୁଖଦ ଦିନଗୁଡ଼ିକୁ ବିବାହବେଦୀର ହୋମାଗ୍ନିରେ ବଳି ପକେଇ ଇହ ଓ ପରକାଳର ଜନ୍ମଜନ୍ମାନ୍ତରର ପବିତ୍ର ସମ୍ପର୍କର ବିଶ୍ୱାସରେ ସ୍ୱାମୀର ହସଲୁହ ଭରା ତେଲଲୁଣର ସଂସାରରେ ନିଜକୁ ସାମିଲ କରି ଦୁଇକୂଳର ହିତାର୍ଥେ ତାର ଦୁହିତା ଜନ୍ମକୁ ସାର୍ଥକତା ପ୍ରଦାନ କରେ । ଶଙ୍ଖା, ସିନ୍ଦୁର, ଅଳତା ସହିତ ସାଥିହୋଇ ମଙ୍ଗଳସୂତ୍ର ହୋଇଯାଏ କାୟ ମନ ଓ ବାକ୍ୟରେ ବିବାହିତ ନାରୀର ପବିତ୍ର ଅମୂଲ୍ୟ ଗହଣା ଓ ସ୍ୱାମୀର ରକ୍ଷା କବଚ । ତା'ର ପ୍ରୋକର୍ଷଣରେ ସେ ସାଜେ କାନ୍ତ ସୋହାଗିନୀ । ସ୍ୱାମୀ ଦେବତାର ଖୁସିପାଇଁ ହସିହସି ଦୁଃଖ ଓ ଯନ୍ତ୍ରଣାର ବିଷପାନ କରି ମୃତ୍ୟୁର ଦେବତା ସହିତ ଲଢ଼ିବାକୁ ବି ପଛେଇ ନଥାଏ । ଦୁନିଆର ସକଳ ସୁଖ, ଐଶ୍ୱର୍ଯ୍ୟ ସଧବା ନାରୀର ମଙ୍ଗଳସୂତ୍ର ପାଖରେ ତୁଚ୍ଛ । ନାରୀଟିର ମଙ୍ଗସୂତ୍ର ଧାରଣର ଦୃଢ଼ବିଶ୍ୱାସ ହିଁ ତା ସ୍ୱାମୀର ଆୟୁଷ ବର୍ଦ୍ଧକ ହେବାସହ ସ୍ୱାମୀର ସକଳ ପ୍ରକାର ମଙ୍ଗଳ କରେଇଥାଏ । ସଧବା ନାରୀଟି ତା ଶଙ୍ଖା, ସିନ୍ଦୁର ଆଉ ମଙ୍ଗଳସୂତ୍ରରେ ନିଜକୁ ସମର୍ପଣ କରି ସ୍ୱାମୀର ମଙ୍ଗଳ ପାଇଁ ବାର ଓଷା ତେର ବ୍ରତରେ ନିଜକୁ ହଜେଇ ଦେଇଥାଏ ।

ପବିତ୍ର ହଳଦିଆ ସୂତାରେ ଗୁନ୍ଥା କଳାମାଳିରେ (ସୁନା, ରୁପା, ହୀରା, ମୋତି)ନିଜ ସାଧ୍ୟମତେ ଯେ କୌଣସି ଧାତୁର ପଦକକୁ ମଙ୍ଗଳସୂତ୍ର ଭାବରେ ପିନ୍ଧିବାର ଗୁଢ଼ତତ୍ତ୍ୱ ବି ରହିଛି । ଶାସ୍ତ୍ରରେ ହଳଦିଆ ରଙ୍ଗ ସବୁବେଳେ ଶୁଭ ଅର୍ଥରେ ଆଉ କଳା ରଙ୍ଗକୁ ଅନ୍ୟର ନଜର ନଲାଗିବା ଅର୍ଥରେ ଗ୍ରହଣ କରାଯାଉଥିବାରୁ ନିଜ ସ୍ୱାମୀଙ୍କୁ ଅନ୍ୟର ନଜରରୁ ଦୂରେଇ ରଖି ସ୍ୱାମୀର ଶୁଭ କାମନା କରି ନାରୀଟି ମଙ୍ଗଳସୂତ୍ର ଧାରଣ କରିଥାଏ । ପ୍ରତ୍ୟେକ ନାରୀ ଅଖଣ୍ଡ ସୌଭାଗ୍ୟବତୀ ଅହ୍ୟସୁଲକ୍ଷଣୀ ତେଙ୍ଗୁରା ବଜେଇ ନିଜ ସ୍ୱାମୀ ହାତରୁ ପବିତ୍ର ଶଙ୍ଖା, ସିନ୍ଦୁର, ଅଳତା ଓ ମଙ୍ଗଳସୂତ୍ର ପିନ୍ଧି ସ୍ମଶାନର ଜୁଇରେ ଅନ୍ତିମନିଦ୍ରା ଯିବାକୁ ମଣିଥାଏ ତା ଜୀବନର ପରମ ସୌଭାଗ୍ୟ ।

ସୋର, ବାଲେଶ୍ୱର ।

# ଫୁଲ ଚୋର

ସୁଧାଂଶୁ ଶେଖର ଦ୍ୱିବେଦୀ

ଆଜି ସନ୍ଧ୍ୟାରେ ଗିରିଶ ବାବୁ ଛାତ ଉପରେ କିଛି ଢ଼େଲା ଏକତ୍ର କରି ରଖିଲେ । ଆସନ୍ତା କାଲି ଫୁଲ ଛୋର ଯେତେବେଳେ ଫୁଲ ଚୋରି କରିବାକୁ ଆସିବ ସେଇବେଳେ ଢ଼େଲାର ଉପଯୋଗ ହେବ । ପୁଣି ସେ ଅସ୍ପଷ୍ଟ ଅଥଚ ଚାପା ସ୍ୱରରେ ନିଜେ ନିଜେ କହି ହେଉଥାନ୍ତି ଶଳା ଫୁଲ ଚୋର ଡେଲି ମୋ ବାଡ଼ିରୁ ଫୁଲଚୋରି କରିବୁ ନୁହେଁ ? ହଉରେ ବେଟା ଆସନ୍ତା କାଲି ତୋ ମଜା କାଢୁଛି ରହ । ଫୁଲ ତ ନେଉଛି ସେଥିରେ ପୁଣି ଡାଳ ପତ୍ର ବି ଛିଡ଼ାଇ ପକାଉଛି । ଏତେ ଫୁଲ ଦରକାର ତ ନିଜ ବାଡ଼ିରେ ଫୁଲ ଗଛ ଲଗାଉନାହିଁ । ଆଉ କାହା ପରିଶ୍ରମରେ ନିଜେ ସଉକ କରିବାକୁ ଭାରି ଖୁସି ଲାଗୁଛି ନୁହେଁ ?

ହଉ ଆସନ୍ତାକାଲି ଭୋର ବେଳ ହେଇଯାଉ ତୋର ଦିନେ କି ମୋର ଦିନେ ଦେଖିବ । ବିଲେଇ ଭଳି ବହୁତ ଗରଗର ହେଉଥାନ୍ତି ଗିରିଶ ବାବୁ ।

ଲୋକଟି ଗିରିଶବାବୁଙ୍କ ଘରଠାରୁ ସେତେବେଶୀ ଦୂରରେ ରହୁନଥାଏ । ବ୍ୟକ୍ତିଗତ ରୂପେ ତାଙ୍କୁ ସେ ଚିହ୍ନନ୍ତି ନାହିଁ କି ଜାଣନ୍ତି ନାହିଁ । ପଡୋଶୀଙ୍କଠାରୁ ଶୁଣିଛନ୍ତି ସେ ମର୍ଣ୍ଣିଓ୍ୱାକ ବାହାନାରେ କଲୋନୀରେ ଅବସ୍ଥିତ ଲୋକମାନଙ୍କ ବଗିଚାରୁ ଫୁଲ ଛୋରି କରେ । ଆଉ ସେଥିପାଇଁ ସେ ବାଉଁଶ କଣିରେ ଆଙ୍କୁଶି କରି ହାତରେ ଧରିଥାଏ । ତା ହାତ ପାହାନ୍ତାରୁ ଦୂରରେ ଥିବା ଫୁଲକୁ ଆଙ୍କୁଶି ଦ୍ୱାରା ଛାଟି ନିଏ । ଗତକାଲି ଗିରିଶ ବାବୁଙ୍କ ଘର ଅଗଣାରେ ଥିବା ଗେଲାପଫୁଲ କୁଣ୍ଡରୁ ବି ବଛା ବଛା ଫୁଲ ତୋଳି ନେଇଛି । ଆଙ୍କୁଶିରେ ଫୁଲ ଟାଣିବା ବେଳେ ଫୁଲ ଗାମଲା ତଳେ ପଡ଼ି ଭାଙ୍ଗିଛି ।

ଏକଥା ଯେତେବେଳେ ଗିରିଶବାବୁ ନିଜ ପାଖ ପଡୋଶୀକୁ ଜଣାଇଲେ ଅସଲ କଥା ଜଣାପଡ଼ିଲା । ପଡୋଶୀଙ୍କ ପତ୍ନୀ ମୁହଁକୁ ନୀଳମାଛି ଭଳି ଭଣଭଣ କରି କହିଲେ ଗିରିଶ ବାବୁ! ଆପଣ ବିଶ୍ୱାସ କରିବେନି ମୁଁ ତାକୁ ଦିନେ ପିଟିବାକୁ ମୋ ପିନ୍ଧା ଚପଲ ବାହାର କରି ଗୋଡ଼େଇଥିଲି । ହେଲେ ସେ ମୋ ହାବୁଡ଼ରୁ ଖସିଗଲା । ଛି ଛି ଏ କି ପ୍ରକାରର ଛୋଟକାମ । ତା ସହ ହିସାବ ବରାବର ନକଲେ ସେ ସୁଧୁରିବ ନାହିଁ । କି କଥା ଇଏ ଅନ୍ୟର ବଗିଚାରୁ ଫୁଲଚୋରି କରି ଠାକୁର ପୂଜା କରିବ ?

ତା ପରଦିନ ଗିରିଶ ବାବୁ ଠିକ ଭୋର ୪ଟା ବେଳେ ମୋବାଇଲ ଆଲାର୍ମ ଶୁଣି ଧଡ଼ପଡ଼ ଉଠିପଡ଼ିଲେ । ପ୍ରତିଦିନ ସକାଳେ ଉଠିବା କ୍ଷଣି ପେଟେ ପାଣି ପିଇ ବାଥରୁମରେ ପସିଯାଆନ୍ତି । ସେଦିନ କିନ୍ତୁ ପାଣି ପିଇଲେ ନାହିଁ କି ବାଥରୁମକୁ ଗଲେନାହିଁ ସିଧା ଛାତ ଉପରେ ହାଜର । ଦୀର୍ଘ ଦେଢ଼ ଘଣ୍ଟା ତାମାନେ ୪ଟାରୁ ସକାଳ ସାଢ଼େ ୫ଟା ହୋଇଗଲା ସେଇମିତି ହାତରେ ଢ଼େଲା ଧରି ଛାତ ଉପରେ ପ୍ରତୀକ୍ଷା କରିଥାନ୍ତି । ପତ୍ନୀ ତଳୁ ଚିତ୍କାର କରିଉଠିଲେ ଆରେ କେତେବେଳଯାଏ ଛାତ ଉପରେ ଚାଲୁଥିବ ? ଭଲା ବାବା ରାମଦେବ ପାଠ ପଢ଼େଇଛି ଯେ ସକାଳୁ ସକାଳୁ ଘରଲୋକ ଆଉ ଘରେ ରହୁନାହାନ୍ତି । କଣ ନା ମର୍ଣ୍ଣିଓ୍ୱାକ କରିବେ । ମୋ ଡାକ ଶୁଭୁଛି ନା ନାହିଁ । ସେଇ ଛାତ ଉପରେ ଚାଲୁଥିବ ନା ଘରେ ଆଉ କିଛି କାମ ଧନ୍ଦା ହେବ । ଚା ହେଇଗଲାଣି ଶୀଘ୍ର ତଳକୁ ଆସ । ଗିରିଶ ବାବୁଙ୍କ ଯୋଜନା ସଫଳ ନହେବା କାରଣରୁ ଅତି ଦୁଃଖିତ ମନରେ ଶିଡ଼ି ପାହାଚ ଓହ୍ଲେଇ ତଳକୁ ଆସିଲେ । କିନ୍ତୁ ତାଙ୍କ ମନ ଭିତରେ ଗୋଟେ କଥା ଅହରହ ବୁଢ଼ିଆଣୀ ସୂତା ଭଳି ଗୁଡ଼େଇ ତୁଡ଼େଇ ହେଲା । ସେ ଆଜି କଣପାଇଁ ଆସିଲା ନାହିଁ ?


ଆସିଥିଲେ ତା ମଜା ବାହାରି ଥାଆନ୍ତା । ତା ଭାଗ୍ୟ ଭଲ ଆସିଲାନାହିଁ । ତା ବିଷୟରେ କେତେ କଣ ଭାବୁଭାବୁ କେତେବେଳେ ଚା କପରୁ ଚା ସରିଗଲାଣି ଜାଣିପାରି ନାହାନ୍ତି । ହଠାତ ପ୍ରକୃତିସ୍ଥ ହୋଇ ପତ୍ନୀଙ୍କ ଉଦ୍ଦେଶ୍ୟରେ କହିଲେ ଶୁଣୁଛ ମୁଁ ଟିକେ ବାହାରକୁ ଯାଉଛି । ଘେରେ ବୁଲିଆସେ । ଆଜି ତମ ଚା'ରେ ମଜ୍ଜା ଆସିଲାନାହିଁ । ଯାଉଛି ଭୀମା ଚା ଦୋକାନରୁ କପେ ଅଦାମିଶା ଚା ପିଇଆସେ । ଗିରିଶବାବୁ ମୁଖ୍ୟ କଥାକୁ ଲୁଚେଇ ଘରୁ ବାହାରି ଆସି ସିଧା ତାଙ୍କ ଘର ଅଭିମୁଖେ ପାଦ ବଢ଼ାଇଲେ । ଦୁଇପାଦ ଆଗକୁ ବଢ଼େଇଛନ୍ତି କି ନା ପୁଣି ତାଙ୍କ ପଡୋଶୀଙ୍କ ଧର୍ମପତ୍ନୀ ସହ ଭେଟ ହୋଇଗଲା । ଗିରିଶବାବୁଙ୍କ ଦେଖିବା କ୍ଷଣି ସଙ୍ଗେ ସଙ୍ଗେ ସେ ବଖାଣିଲେ । କଣ ଗିରିଶ ବାବୁ ଆଜି ତ ସବୁ ଫୁଲ ସୁରକ୍ଷିତ ଥିବ । ଗିରିଶ ବାବୁ ମନେ ମନେ ଭାବିଲେ ବୋଧେ ଛାତ ଉପରେ ଜଗି ରହିଥିଲି ବୋଲି ଇଏ ମୋତେ ଦେଖିନେଇଛି । ନହେଲେ ଏମିତି କୁହନ୍ତା କାହିଁକି ? ଗିରିଶ ବାବୁ କିଛି କହିବା ପୂର୍ବରୁ ଆଉ ଥରେ ମୁହଁ ଖୋଲିଲେ ସେଇ ନାରୀପଡୋଶୀ । ଆଜି ସେ ଫୁଲ ତୋଳିବାକୁ ଆସିଥିଲେ ନିଶ୍ଚୟ ଆପଣ ତା'ର କିଛି କରିଦେଇ ଥାଆନ୍ତେ । ହେଲେ ସେ ତ ଆଜି ଆସିଲାନାହିଁ । ଫୁଲଚୋର କଉଠିକାର । ଗିରିଶବାବୁ କିଛ ନକହି ଚୁପଚାପ୍ ସେଇ ଫୁଲ ଚୋର ନାମଧାରୀଙ୍କ ଘର ଆଡ଼େ ମୁହାଁଇଲେ । ସେଠାରେ ପହଞ୍ଚି ଦେଖିଲେ ଘର କୁହୁଣ୍ଡାରେ ତାଲା ଝୁଲୁଛି । ତାଙ୍କ ବିଷୟରେ ନିକଟସ୍ଥ ଲୋକମାନଙ୍କୁ ପଚାରି ବୁଝିଲେ । କିଏ କହିଲା ଦୁଇମାସ ତଳେ ସେ କୋଭିଡ଼ରେ ଆକ୍ରାନ୍ତହୋଇ ଆରପୁରକୁ ଚାଲିଗଲେଣି । ଆଉ କିଏ କହିଲା ସେ ଚାଲିଯିବା ପରେ ତାଙ୍କ ପୁଅ ଘର ବିକ୍ରି କରି ଚାକିରି କ୍ଷେତ୍ର ମୁମ୍ବାଇରେ ରହୁଛି । ଯେତେ ପ୍ରଶ୍ନ ସେତେ କଥା । ନିଜେ ସଠିକ କଣ ନଜାଣିବା ଯାଏ

ଏମିତି ଅନେକକଥା ଭିତରେ ଆଉଟୁ ପାଉଟୁ ହେବାକୁ ପଡ଼େ । ଗିରିଶ ବାବୁଙ୍କ ଅବସ୍ଥା ଠିକ ସେଇୟା । ଲୋକଙ୍କ ମୁହଁରୁ ଅନେକ ପ୍ରକାର କଥା ଶୁଣି ତାଙ୍କ ମୁଣ୍ଡ କିଛି କାମ କରୁନଥାଏ । କାହା କଥା ବିଶ୍ୱାସ କରିବେ ସେ ? କିଏ କେତେ ପ୍ରକାର କହୁଛନ୍ତି । ମନ ମଧ୍ୟରେ ଆଉ ଏକ ମୁଖ୍ୟ ପ୍ରଶ୍ନ ବାରମ୍ବାର ଗୋଳେଇ ଘାଣ୍ଟି ହେଉଥାଏ । ତାହେଲେ ଯିଏ ପ୍ରତିଦିନ ହାତରେ ନଗି ଧରି ମର୍ଣ୍ଣିଂୱାର୍କ କରିବା ବାହାନାରେ ଫୁଲ ଚୋରି କରନ୍ତି ସେ ଲୋକ ଜଣକ କିଏ ?

ଆଶ୍ଚର୍ଯ୍ୟଜନକ ଗିରିଶ ବାବୁ ଆଉଥରେ କୁହୁଣ୍ଡାରେ ଝୁଲୁଥିବା ତାଲାକୁ ଦେଖି ଘରକୁ ଫେରିବା ଲାଗି ପ୍ରସ୍ତୁତ ହେଲେ । ଘରର ଦାଣ୍ଡଗେଟ ଖୋଲୁଛନ୍ତି ପରିଚିତ ସ୍ୱର ଶୁଣି ଗେଟ ଅଧା ଖୋଲା ରଖି ପଛକୁ ଫେରି ଚାହିଁଲେ ସେ । ଗିରିଶବାବୁ ଆପଣ ଜାଣିଛନ୍ତି ସେଇ ଯୋଉ ଫୁଲ ଚୋରମ..ଦୁଇମାସ ତଳେ କରୋନାରେ ଆକ୍ରାନ୍ତହୋଇ ମରିଗଲା । ପଡୋଶୀଙ୍କ ଧର୍ମପତ୍ନୀ ବଡ଼ ବ୍ୟଗ୍ରତାରେ ଜଣାଇଲେ । କିନ୍ତୁ ଆପଣ ତ କହୁଥିଲେ ଦିନେ ତାକୁ ପିଟିବା ପାଇଁ ଗୋଡ଼ର ଚପଲ ଧରି ଗୋଡ଼େଇଥିଲେ । ଗିରିଶବାବୁ ପଚାରିଲେ । ସେ ଘଟଣା ତ ଦୁଇମାସ ପୂର୍ବର କଥା । ଦୁଇମାସ ତଳର ଘଟଣା ?

ଆଜ୍ଞା । ଗିରିଶବାବୁ କିଛି ବୁଝିପାରୁ ନଥାନ୍ତି ଯଦି ଦୁଇମାସ ତଳେ ସେଇ ଫୁଲ ଚୋର ନାମକ ଲୋକଟି କରୋନାରେ ମରିଯାଇଛି ତାହେଲେ ଗତକାଲି ତାଙ୍କ ବାଡ଼ିରୁ ଫୁଲଚୋରି କଲା କିଏ ? ପୁଣି ଗୋଲାପ ଗାମଲା ଗଡ଼େଇ ଭାଙ୍ଗିଛି କିଏ ? ଏଭଳି ପ୍ରଶ୍ନର କିଛି ଉତ୍ତର ନପାଇ ଧୀରେଧୀରେ ସେ ଭାରାକ୍ରାନ୍ତ ହୋଇପଡୁଥାନ୍ତି । ଭାରାକ୍ରାନ୍ତ ମନ ନେଇ ଘର ଭିତରକୁ ଗଲେ । ଘରେ କାହାକୁ କିଛି ନଜଣାଇ ଚୁପଚାପ ରହିଲେ । ତା ପରଦିନ ସକାଳେ ସେଇ ଏକାପରି ଘଟଣାସବୁ ଫୁଲଗଛରୁ ଫୁଲ ଚୋରି ହୋଇଛି । ସପ୍ତାହରେ ଚାରିଦିନ ଛାଡ଼ିଦେଲେ ଅନ୍ୟ ତିନିଦିନରେ ତାଙ୍କ ବଗିଚାରୁ ଫୁଲଚୋରି ହୋଇଯାଏ । ସେ ଅନେକ ପ୍ରୟାସ କଲେଣି ଦ୍ୱିତୀୟ ଫୁଲ ଚୋରକୁ ଧରିବା ପାଇଁ ସବୁଥର ବିଫଳ ପରାସ୍ତ ହେଉଛନ୍ତି । ଏ ପର୍ଯ୍ୟନ୍ତ ସେ କିଛି ବୁଝିପାରୁ ନାହାନ୍ତି ସପ୍ତାହରେ ତିନିଦିନ ତାଙ୍କ ବଗିଚାରୁ କିଏ ଫୁଲ ଚୋରି କରୁଛନ୍ତି ।

ବିସି-୭୪, ସଲଟଲେକ, କଲକତା -୬୪ ।

# ନାଗକନ୍ୟା ଆସିକା

ରାଜୀବ ଲୋଚନ ପାଣିଗ୍ରାହୀ

ନାଗକନ୍ୟା ଆସିକାଙ୍କ ବିଷୟ ପୁରାଣରେ ବର୍ଣ୍ଣିତ ଅଛି । ସେ ପ୍ରଭୁ ରାମଚନ୍ଦ୍ରଙ୍କ ଦ୍ୱାରା ପୂଜିତା । ଦ୍ୱାପର ଯୁଗରେ ବିଜୁଳି କନ୍ୟା ହୋଇ କଂସାସୁର ହାତରୁ ଖସି ପଳାଇ ଥିଲେ ଓ କନ୍ସାସୁରର ଦାଉରୁ ରକ୍ଷା ପାଇବା ପାଇଁ ପାତାଳ ପୁରରେ ନାଗକନ୍ୟା ରୂପରେ ରହିଲେ । ଦିନେ ନାରଦ ମୁନି ପାତାଳପୁର ଭ୍ରମଣରେ ଯାଇ ନାଗକନ୍ୟା ଆସିକାଙ୍କୁ ଦେଖି ତାଙ୍କ ପାଇଁ ଉଦ୍ଦିଷ୍ଟ ବର ଶ୍ରୀକୃଷ୍ଣ ବୋଲି କହି ଆସିଥିଲେ । ସେହି ଦିନଠାରୁ ନାଗକନ୍ୟା ଆସିକା ପାତାଳେଶ୍ୱରଙ୍କୁ ସନ୍ତୁଷ୍ଟ କରିବାରେ ଲାଗି ପଡ଼ିଲେ ଓ ସନ୍ତୁଷ୍ଟ କରି ପାତାଳପୁରରୁ ବାହାରି ନୀଳକନ୍ଦରକୁ ଆସି ଅପେକ୍ଷା କଲେ । ନୀଳକନ୍ଦରରୁ କଳାକହ୍ନାଇ ବାହାରି କୋଇଲି ବୈକୁଣ୍ଠକୁ ଯିବା ବାଟରେ ନାଗକନ୍ୟା ଆସିକା ପଛରୁ ଗୋଡ଼ାଇବାରେ ଲାଗିଲେ । ନାଗକନ୍ୟା ଆସିକାଙ୍କ କରୁଣ ଡାକ ଶୁଣି ଛଳିଆ ଠାକୁର ବ୍ରହ୍ମା ରୂପ ଧାରଣ କଲେ । ସେଠାରେ ନାଗକନ୍ୟା ଆସିକା ଭଗବତୀ ରୂପ ଧାରଣ କରି ମୁଆଁ ଭୋଗ ଦେଇ ପୂଜା କରିଥିଲେ । ସେଠାରେ ସେ ଭୋଗ ନଖାଇ ବଣରେ ଚାଲିଗଲେ ଓ ଶିବ ରୂପ ଧାରଣ କରି ଦେଖାଦେଲେ । ନାଗକନ୍ୟା ଆସିକା ନାରାୟଣୀ ରୂପ ଧାରଣ କରିବାରୁ ଭଗବାନ ବାମନ ରୂପ ଧରି ଚାଲିବାକୁ ଲାଗିଲେ । ବଳିଙ୍କୁ ଚାପିବା କଥା ମନେ ପକାଇ ମନ ଦୁଃଖ କରି ନାଗକନ୍ୟା ଆସିକା ବରଣ କଲେନାହିଁ । ଏତିକିବେଳେ ଶ୍ରୀକୃଷ୍ଣ ଶଶୀଭୂଷଣ ବାଳମୁକୁନ୍ଦ ବେଶ ଧାରଣ କରି ଅଭିମାନୀ ନାଗକନ୍ୟା ଆସିକାଙ୍କୁ ମେହିବାକୁ ଚେଷ୍ଟା କଲେ । । ନାଗକନ୍ୟା ଆସିକା ମୌନ ରହିଲେ । ଏହାଦେଖି ରାଗରେ ହଟିଆ ନାଗର କାଳଚଣ୍ଡ ରୂପ ଧାରଣ କଲେ । ଏହି ରୂପକୁ ଦେଖି ଭୟରେ ନାଗକନ୍ୟା ଆସିକା କାଷ୍ଠ ସ୍ତମ୍ଭ ପାଲଟି ଗଲେ । ଏଥିରେ ପ୍ରୀତ ହୋଇ ପ୍ରଭୁ ବରପ୍ରଦାନ କଲେ ଆଜିଠାରୁ ତୁମେ କାଷ୍ଠ ସ୍ତମ୍ଭ ରୂପରେ ଏହି ଅଞ୍ଚଳରେ ଇଷ୍ଟ ଦେବୀ ହୋଇ ପୂଜା ପାଇବ । ସେହି ସମୟ ଠାରୁ ସେହି କାଷ୍ଠ ସ୍ତମ୍ଭଟି ସ୍ତମ୍ଭେଶ୍ୱରୀ ରୂପେ ପୂଜା ପାଉଛନ୍ତି । ସ୍ତମ୍ଭର ସରଳ ଭାଷା ଖମ୍ଭ ହୋଇଥିବାରୁ ସେହି ଅଞ୍ଚଳରେ ମା ଖମ୍ଭେଶ୍ୱରୀ ରୂପେ ଇଷ୍ଟ ବା ଗୃହ ଦେବୀ ଭାବେ ପୂଜା ପାଆନ୍ତି । ଛଳିଆ ଠାକୁର ଛଳ କରି ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ତିନି ରୂପ ଧାରଣ କରିଥିବାରୁ ଖମ୍ଭେଶ୍ୱରୀ ମନ୍ଦିର ଅନତୀ ଦୂରରେ ସେ ଦେବୀଙ୍କ ନିଷ୍ଠାରେ ପ୍ରୀତ ହୋଇ ଅବସ୍ଥାନ କରି ତ୍ରିଦେବୀଶ୍ୱର ରୂପେ ପୂଜା ପାଉଛନ୍ତି ।

ସେହି ଦେବୀ ନାଗକନ୍ୟା ଆସିକାଙ୍କ ନାମାନୁସାରେ ପବିତ୍ର ଋଷିକୂଲ୍ୟା ତୀରରେ ଉତ୍ତର ପଟରେ ଆସିକା ନଗର ଅବସ୍ଥିତ । ଋଷିକୂଲ୍ୟା ନଦୀର ଦକ୍ଷିଣପଟେ କାଳଚଣ୍ଡପୁର ବା ଏହାର ଅପଭ୍ରଂଶ ନାମ ଏବେକାର କାଳକ୍ଷଣ୍ଡପୁର ଗ୍ରାମ ଅବସ୍ଥିତ । ରାମାୟଣରେ ଋଷିକୂଲ୍ୟା ନଦୀର ଦକ୍ଷିଣ ପଟକୁ ଅଶୁଭ ମନା ଯାଏ । ବାଣପୁର ମା ଭଗବତୀ, ଖଲ୍ଲିକୋଟ ଜଙ୍ଗଲଘେରା ପାହାଡ଼ରେ ମା ନାରାୟଣୀ ଏହି ନାଗକନ୍ୟା ଆସିକା ଅଟନ୍ତି । ଏହା ବିଭିନ୍ନ ରାମାୟଣ ପୃଷ୍ଠାରୁ ଜଣାଯାଏ । ଏହି ସନ୍ଦର୍ଭରେ ୭.୭.୧୯୭୮ ପୌରୁଷ ପୃଷ୍ଠାରୁ ଏକ ଲେଖା ପଢ଼ିବାକୁ ମିଳେ ।

ରଘୁନାଥନଗର, ଆସିକା, ଗଞ୍ଜାମ ।

# ବିଚରା ପୂଜାରୀ ବଡୁ

ଅଶ୍ୱିନୀ କୁମାର

ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ସଦର ଠାରୁ ପ୍ରାୟ କୋଡ଼ିଏ କିମି ଦୂର କଳାହାଣ୍ଡି ସୀମାନ୍ତରେ ପଡ଼େ ଚକଳାପଦର ସଂରକ୍ଷିତ ଜଙ୍ଗଲ । ସବୁଜବନାନୀ ତଥା ତପସ୍ୟାରତ ଋଷି ପରି ବିଦ୍ୟମାନ ଥିବା ଶତାଧିକ ପାହାଡ଼ ଓ ପାହାଡ଼ରୁ ଝରୁଥିବା ପାହାଡ଼ି ଝରଣା ଏ ଅଞ୍ଚଳର ଶୋଭାକୁ ବହୁ ଗୁଣିତ ସହ ଜଙ୍ଗଲରୁ ମିଳୁଥିବା ଲଘୁଜାତ ଦ୍ରବ୍ୟ ଚାହାର, ମହୁଲ, ଟୋଲା, ଭାଲିଆ, ସର୍ଗି, କୁସୁମ୍, ଅଏଲା, ହଜା, ତେତେଲ ଏ ଅଞ୍ଚଳର ଲୋକଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରେ ।

ପାହାଡ଼ ମାନଙ୍କର ପାଦଦେଶରେ ଗଢ଼ି ଉଠିଥିବା ପ୍ରାୟ ତିରିଶଟି ଛୋଟ ବଡ଼ ଗାଁରେ ଥିବାରୁ ପୂଜାରୀର ବେଶ ଖାତିର । ଲୋକେ ଶ୍ରଦ୍ଧାର ସହିତ ପୂଜାରୀକୁ ପୂଜାରୀ ବଡୁ (ବଡ଼ବାପା) ବୋଲି ଡାକନ୍ତି । କେଉଁ ଆବହମାନକାଳରୁ ଏ ଅଞ୍ଚଳର ଦେବତାକୁ ପୂଜା କରୁଛନ୍ତି ପୂଜାରୀ ପରିବାର । ଭୋର ସକାଳୁ ସଜବାଜ ହୋଇ ପୂଜାରୀ ଦେବୀଗୁଡ଼ିମନ୍ଦିର ଯାଏ ।

ପୂଜାରୀ ବଡୁର ପୂଜା ବିଧି ବି ନିଆରା । ମନ୍ତ୍ରତନ୍ତ୍ର ଜାଣେନି ଅପାଠୁଆ ଆଦିବାସୀ ବୁଢ଼ା । ବିହନଛିଡ଼ା, ମାଏଟ ପୂଜା ପରବରେ ଗୌନ୍ତିଆ ଘର ବେଡ଼ାରେ ଥିବା ଗ୍ରାମଦେବୀ, ବୁଢ଼ାରାଜା, ପଟଖଣ୍ଡା, ଆଗରେ କୁକୁଡ଼ା, ପାରା, ବୋଦାକୁ ନେଇ ଚରୁ ଦିଏ । ନୂଆଖିଆ ପରଦିନ ଡୁମାଦେବତା ପିତୃପିତର ଭଏରୁ ପିତାବଳୀ, ବୁଢ଼ାଦେଓ, ଦର୍ଶନୀ ଆଗରେ କୁରେ ପତ୍ରରେ ଭୋଗ ଲଗାଏ ନୂଆ ଧାନର ଜାଉ । ଚଇତ ପରବଦିନ ଭୋଗ ଲଗାଏ ଆମ୍ବ, ଚାହାର, ମହୁଲ ।

ବର୍ଷବର୍ଷ ଧରି ଗାଁ ଦେବତାକୁ ପୂଜତି ଆସୁଛି ପୂଜାରୀବଡୁ । ଲୋକେ ଅସୁବିଧାରେ ପଡ଼ିଲେ ଦୌଡ଼ି ଯାଆନ୍ତି ତା ପାଖକୁ । ବଡୁ ତା ଦେବତା ଦୁମାକୁ ପାଣିଧାର ଦେଇ ହାରିଗୁହାରି କରେ । ଦାନ ଦକ୍ଷିଣା ନ ଦେଇ ଭକ୍ତଗଣ ହଣା ଖାଉଥିବା ଦୃଶ୍ୟ ନଜରକୁ ଆସୁଥିବା ବେଳେ ପୂଜାରୀ ବଡୁ ପୁରା ଭିନ୍ନ । କେବେ କାହାଠୁ ଟଙ୍କାଟିଏ ନେବା ନଜରକୁ ଆସିନି । ଗୋଟିଏ ମୁଠା ଧୂପ ଝୁଣା କିମ୍ବା ତରପନି ଦେଶୀ ମହୁଲୀ ମଦ ଟିକେ ଦେଲେ ବୁଢ଼ା ଖୁସ୍ । ମୁଣ୍ଡ ଝାଳ ତୁଣ୍ଡେ ମାରି ମାଟି ସହ ମାଟିହୋଇ ନିଜର ଗୁଜୁରାଣ ମେଣ୍ଟାଏ ପୂଜାରୀ ବଡୁ । ଯେତେ ବିପଦ ଆପଦ ଆସୁ କାହା ଆଗରେ ହାତ ପତାଏନି । ବୁଢ଼ା ଗର୍ବରେ କହେ ଭିକାରୀଙ୍କ ପରି ମାଗି ଖାଇବା ତା ସଂସ୍କାରରେ ନାହିଁ । କାରଣ ସେ କର୍ମବୀର ସେ ଆଦିବାସୀ ।

ନିଜକୁ ମାଟିର ମଣିଷ କହେ ପୂଜାରୀବଡୁ । ବିହନ ଛିଡ଼ା ପରବ ଦିନ ଧରତୀ ମାତାକୁ ସୁମରି ଆରମ୍ଭ କରେ ମୁଠିଛିଆ । ଗାଁର ପ୍ରତି ଘରେ ପରସି ଦିଏ ମୁଠାଏ ମୁଠାଏ ଧାନ ମଞ୍ଜି । ପ୍ରତିଘରେ ଧାନ ମଞ୍ଜି ପରସି ଦେଇ ଗୁଣୁଗୁଣୁ ସ୍ୱରରେ ଗାଇଚାଲେ –

ସୁଖରେ ସୁଖୀ ଦୁଃଖରେ ଦୁଃଖୀ
ମାଟି ମାଆ ଆମର ସହାରେ
ଭାଇମନ୍...
ମାଟିର ଜନମ୍ ମାଟିଥି ଜିଇବୁ
ମାଟି ଆମର ମାଆ କାଏ
ଭାଇମନ୍...
ମାଟିର ଜନମ୍ ମଟିଥି ଜିଇବୁ
ମାଟି ମାଆର ମାଆ ।

ଦୀର୍ଘ ସାତବର୍ଷ ହେଲା ମୁଁ ଏ ଅଞ୍ଚଳରେ ଶିକ୍ଷକତା କରୁଛି । ରଏବାରୁ ପୂଜାରୀ ସହ ମୋ ଭଲ ସଂପର୍କ । ମୁଁ ବି ତାଙ୍କୁ ମାନ୍ୟରେ ବଡୁ ବୋଲି ଡାକେ । ପୂଜାରୀ ବଡୁ ବି ମତେ ବେଶ ଭଲ ପାଏ । ପୂଜାରୀ ବୁଢ଼ା ବେଳେବେଳେ ଥଟ୍ଟାରେ କହେ । ବରଗଡ଼ିଆ ପିଲା ମୁଇ ତୋର କାଜେ ଆମର ବାଟୁ ଭାଙ୍ଗି ଗୁଟେକ ଡଗରେଇ ଦେବିବେ । ଡଙ୍ଗର ଗୁଟେକ ମିଶା ଦେବି । ଜନ୍ଦରା ରୂପବୁ ଡଙ୍ଗର ଗୋଟିଏ ବି ଦେବି ମକା ଚାଷ କରିବୁ ।

ମୋ ସ୍କୁଲରୁ ଦଶ କିମି ଦୂରରେ ଥିବା ଭଏରା ଘୁମାର ଜଳପ୍ରପାତକୁ ମୁଁ ସେଦିନ ବୁଲିବାକୁ ଯାଇଥାଏ । ହଠାତ୍ ପୂଜାରୀ ବଡୁ ସହ ଦେଖା ହେଇଗଲା । ବୁଢ଼ା କାନ୍ଧରେ ଟାଙ୍ଗିଆଟିଏ କନ୍ଧେଇ ଡଙ୍ଗରରୁ ଫେରୁଥାଏ । ମତେ ଦେଖି କହିଲା – ଏ ବରଗଡ଼ିଆ ପିଲା ଛନେକ ଥେବ ତା । ଟିକେ ରହ । ତାପରେ ପୂଜାରୀ ବଡୁ ମତେ ଦରଦୀ ସ୍ୱରରେ ପଚାରିଲା – ପୁତା ଆଠମାସ ଆଗନୁ ଟିଭି ଥି କହୁରେଲା ସରକାର ମହାପୁରୁ ପୂଜୀମାନକର ଚଲବା କାଜେ ଡାବୁ ଦେଲାଛେ କାଏ । ଆଏଜ ପତେ ମୋକେ କାଇଁ କାଜେ ନି ମିଳିଲା ?

ବୁଢ଼ାର କଥା ଶୁଣି ମୁଁ କିଛି କ୍ଷଣ ନୀରବ ରହିକହିଲି – ବଡୁ ସରକାର କେବଳ ପୁରୀ ଶ୍ରୀମନ୍ଦିର ପୂଜାରୀମାନଙ୍କ ପାଇଁ ଆର୍ଥିକ ସାହାଯ୍ୟ ଦେଇଥିଲେ । ତୁମମାନଙ୍କ ପାଇଁ ନୁହଁ ।

ମୋ କଥା ଶୁଣି ପୂଜାରୀ ବୁଢ଼ାର ଦୀର୍ଘ ଦିନର ଆଶା ମଉଳି ଗଲା । ପୂଜାରୀ ବଡୁ ଦୁଃଖର ସହ କହିଲା – ସେମାନେ ପୂଜାରୀ ଆମେ ମିଶା ପୂଜାରୀ । ଗୁଟେକ କେ ଦେଲା ଗୁଟେକ କେନି । ଇଟା ନିକୋ କଥଶ ନି ସେ ପୁତା । ହଁ ସରକାର ନି ଦେଲା ଯେ କାଏ ହେଲା । ଆମର ଧରତୀ ମାତା ଆଛେ ଝରନ ଖମନ ମିଶା ଆଛେ କମେଇ କରି ଖାଇବୁ ବେ ବଡୁ ।

ବୁଢ଼ାର କଥା ଶୁଣି ମୋ ପାଟି ବନ୍ଦ ହୋଇଗଲା । ବୁଢ଼ାକୁ କେମିତି ବୁଝାଇବି ମୁଁ କିଛି ଭାବି ପାରୁନଥାଏ । ବଡ଼ ଦେଉଳର ବଡ଼ ପୂଜାରୀ ଓ ଘଞ୍ଚଜଙ୍ଗଲ ମଧ୍ୟରେ ରହୁଥିବା ରଏବାରୁ ପୂଜାରୀ ମଧ୍ୟରେ ଥିବା ଫରକକୁ ବୁଝି ପାରୁନଥାଏ ସରଳ ଆଦିବାସୀ ବୁଢ଼ା ।

ସେମାନେ ତ ବଡ଼ ଠାକୁରର ବଡ଼ ସେବକ । ମାତ୍ର ଆମ ପୂଜାରୀ ବୁଢ଼ା ସମୟ ସ୍ରୋତରେ ନିଜର ଅସ୍ତିତ୍ୱ ହରାଉଥିବା ଦେବତା ଡୁମାର ପୂଜକ । ତାଙ୍କ ଠାକୁର ମାନେ ବାସ କରନ୍ତି ନୀଳକନ୍ଦର ବଡ଼ ଦେଉଳରେ । ଆମ ପୂଜାରୀ ବଡ୍ଡୁର ଦେବତା ଘଞ୍ଚ ଅରଣ୍ୟରେ ଥିବା ଗୁଡ଼ି ଗମ୍ଭୀରା ଗଛମୂଳରେ । ଜଣକର ଠାକୁର ଖାଏ ଷାଠିଏ ପଉଠି ଛପନ ଭୋଗ । ଅନ୍ୟ ଜଣକର ଚାହାର ମହୁଲ, ଆମ୍ ।

ଦେଶୀ ମହୁଲି, ମାଣ୍ଡିଆଜାଉ, ସେବାୟତମାନଙ୍କ ବେକରେ ପଘା ମୋଟେଇର ସୁନା ଅଳଙ୍କାର । ଆଉ ଆମ ପୂଜାରୀ ସିରା, ଦିଶାରୀ, ଝାକର, ଦେହେରୀମାନଙ୍କ ବେକରେ ବନଫୁଲର ହାର । ଏହା ହିଁ ତ ଉଭୟଙ୍କ ଠାକୁରମାନଙ୍କ ମଧ୍ୟରେ ଥିବା ଭିନ୍ନତା, ଆଉ ତାଙ୍କ ପୂଜକମାନଙ୍କ ମଧ୍ୟରେ ଥିବା ଫରକ ।

ଆଦିବାସୀମାନଙ୍କର ସରଳତାର ସୁଯୋଗ ନେଇ ଯୁଗଯୁଗଧରି ଛଳନା କରି ଆସୁଛନ୍ତି ଶୋଷକ ଗୋଷ୍ଠୀ । ବୀର ଏକଲବ୍ୟ ଠାରୁ ବିଶ୍ୱାବସୁ ଓ ଆଜିର ରଏବାରୁ ପୂଜାରୀ ସମସ୍ତେ ଏ ଛଳନାର ଶିକାର । ଆହା ବିଚରା ପୂଜାରୀ ବଡ୍ଡୁ ।

ଝରିଗାଁ, ନବରଙ୍ଗପୁର ।



# ସମ୍ପତ୍ତି

ସୁଚିତ୍ର ବେହେରା

ରମାକାନ୍ତ ମଉସାଙ୍କର ନୀରବତା ଭିତରେ ସ୍ପଷ୍ଟ ଦୃଶ୍ୟମାନ ହେଉଥିଲା ଅଶାନ୍ତିର ଏକ ବହ୍ନି ଶିଖା । ରାସ୍ତାରେ ଚାଲୁଥାନ୍ତି ହେଲେ ସେଇ ଚାଲିବାରେ ଲକ୍ଷ୍ୟସ୍ଥଳର ଠିକଣା ନଥିଲା । କେଉଁଠିକି ଯିବେ କାହା ପାଖକୁ ଯିବେ ଏଇ ଭାବନାରେ ବିଚାରଶକ୍ତି ଦୁର୍ବଳ ହେବାକୁ ଲାଗିଲା । ଅମୁହାଁ ଦିଗବଳୟକୁ ଚାହିଁ ଚାହିଁ ପାଦ ଥକିଗଲା । ସେ ବସିପଡ଼ିଲେ ବିରାଟ ବରଗଛ ତଳେ । ସେଇଠି ପାଖରେ ଖେଳୁଥିଲା ଛୋଟ ଝିଅଟିଏ । ବୟସ ମାତ୍ର ବାର ବର୍ଷ ତାକୁ । କହିଲା – ମଉସା ! ଏଇଠି ଏମିତି କାହିଁକି ବସିଛ ପାଣି ପିଇବ କି ?

ମଉସା ଝିଅଟିର ଆତ୍ମୀୟତାରେ ଖୁସି ହୋଇ ତାଠାରୁ ପାଣି ପିଇଲେ । ତାର ବୁଦ୍ଧି ଓ ବିଚାରଶକ୍ତିକୁ ପ୍ରଶଂସା କଲେ । ପଚାରିଲେ ତୋ ନାଁ କ'ଣ ?

ନିର୍ମଳା । ବହୁତ ସୁନ୍ଦର ନାଁଟି । ରହୁଛୁ କେଉଁଠି ।

ମୁଁ ସେଇ ପୋଖରୀ ସେ ପାଖେ ଗାଁରେ ରହେ ।

ନିର୍ମଳା ରହୁଥିବା ସ୍ଥାନଠାରୁ ଦୁଇପାଦ ଦୂରରେ ରହୁଥିଲେ ମଉସା । ଏକଥା ଜାଣି ସେ ବହୁତ ଖୁସି ହେଲେ । ଏକାଠି ସାଙ୍ଗ ହୋଇ ଘରକୁ ଗଲେ । ଘରେ ପହଞ୍ଚିଲା ପରେ ରମାକାନ୍ତ ମଉସା ଅଳ୍ପ କିଛି ଖାଇ ଶୀଘ୍ର ଶୋଇବାକୁ ଚାଲିଗଲେ । ପୁଅବୋହୂ ପଚାରିବାରୁ କିଛି କହିଲେନାହିଁ ବରଂ ମୋତେ ନିଦ ଲାଗିଲାଣି ତୁମେମାନେ ଏଠାରୁ ଯାଅ ବୋଲି କହି କବାଟ ବନ୍ଦ କରିଗଲେ ।

ସକାଳୁ ସକାଳୁ ଗାଧୋଇ ସାରି ନିର୍ମଳା ଗାଁ ମନ୍ଦିରକୁ ପୂଜା କରିବାକୁ ଆସିଥିଲା । ଠାକୁର ଦର୍ଶନ ପରେ ପୋଖରୀ ପଛ ପଟେ ବସି ଅପେକ୍ଷା କରିଥିଲା । ରମାକାନ୍ତ ମଉସା ଆସିଲେ । ନିର୍ମଳା ଚାହୁଁଥିଲା ମଉସାଙ୍କ ସହ ବାପା ବୋଉଙ୍କର ସାକ୍ଷାତ କରିବାକୁ । ସେମାନେ ଜାଣିଲେ ମଉସାକୁ ଘରକୁ ଆସିବାକୁ ନିଶ୍ଚୟ କହିବେ । ବହୁତ ଭଲ ଲାଗିବ ତାକୁ । ନିର୍ମଳା ଓ ରମାକାନ୍ତ ମଉସା ଏକାଠ ବସି ଗପସପ କରୁଥିଲେ । ସେ ଅଚାନକ କୋଳାହଳ ଶୁଣି ବିବ୍ରତ ହୋଇପଡ଼ିଲେ । ସାମନାରେ ଦୁଇ ପୁଅଙ୍କର ଭୀଷଣ ଝଗଡ଼ା ନିଜ ପରିବାରର ଏଭଳି ଅବସ୍ଥାରେ ସେ ଅତ୍ୟନ୍ତ କ୍ଷୁବ୍ଧ ରହି ଜୀବନଯାକ ଲହୁ ଲୁହାଣ ହୋଇ ସବୁକିଛି କର୍ତ୍ତବ୍ୟ କରିଥିଲେ । ଅର୍ଥ ସଂଚିଥିଲେ । ପାଠ ପଢ଼ାଇ ମଣିଷ କରିଥିଲେ । ରୋଜଗାରକ୍ଷମ କରିଥିଲେ । ବାହାଘର କରିଥିଲେ ପୁଅମାନଙ୍କର । ତଥାପି ସୁଖ ନାହିଁ କି ଶାନ୍ତି ନାହିଁ ।ଉପତ୍ନୀ ଚାଲିଗଲାପରେ ନିଃସହାୟ ହୋଇ ସେ ଏଣେତେଣେ ବୁଲୁଛନ୍ତି । ଅସୁସ୍ଥତା ବେଳେ କାହାରି ସେବା ଟିକେ ପାଇ ନାହାଁନ୍ତି । ମନର ଶାନ୍ତି ପାଇଁ କରୁଛନ୍ତି ଅହରହ ଅନ୍ୱେଷଣ । ନିର୍ମଳା ପଚାରିଲା ମଉସା ଏମାନେ ଝଗଡ଼ା କାହିଁକି କରୁଛନ୍ତି ?

ରମାକାନ୍ତ ମଉସାଙ୍କ ପାଖରେ କହିବାକୁ କିଛି ଶବ୍ଦ ନଥିଲା । ଅନ୍ତର୍ଦାହରେ ଯେଉଁ ପୀଡ଼ା ସହ୍ୟ କରିବାକୁ ପଡୁଥିଲା ତାହା ଏଇ ବୁଝାଇଦେବି । ସେମାନେ ଆଉ ଝଗଡ଼ା କରିବେ ନାହିଁ । ଆମ ଘରେ ବାପା ବୋଉଙ୍କ ଭିତରେ ବି ଏମିତି ଝଗଡ଼ା ହୋଇଥିଲା । ପଇସା ନଥିଲା ବୋଲି ବାପା ମୋର ଡ୍ରେସ୍ ଆଣି ନଥିଲେ । ବୋଉର ଶାଢ଼ୀ ମଧ୍ୟ ଆଣି ନଥିଲେ । ତେଣୁ ବୋଉ ବାପାଙ୍କ ଉପରେ ରାଗି ଯାଇଥିଲା । ମୋର ମନେ ଅଛି । ସେଦିନ ଛୁଟି ଥିଲା । ବୋଉ ବାପାଙ୍କର ଝଗଡ଼ା ଲାଗିଥିଲା । ବୋଉକୁ କହିଥିଲି ପଇସା ନାହିଁ । ବାପାଙ୍କୁ କାହିଁକି ଗାଳି କରୁଛୁ । ଏବେ ଟିକେ ସିଲେଇ କରି ଚଳେଇ ଦେବା । ତାପରେ ପଇସା ମିଳିଗଲେ ନୂଆ କିଣି ପିନ୍ଧିବା ।

ବାପା ବୋଉ ମୋ କଥା ଶୁଣି ବହୁତ ଗେହ୍ଲା କରିଥିଲେ । ଝଗଡ଼ା ନ କରି ପରସ୍ପରକୁ ବୁଝିଥିଲେ । ରମାକାନ୍ତ ମଉସା ନିର୍ମଳାର ସଂସ୍କାର ଓ ଆଚରଣରେ ବିଭୋର ହୋଇଗଲେ । ମାତ୍ର ସେ ଯେଉଁ ପାରିବାରିକ ଦୁଷ୍ଚିନ୍ତାରେ ଜୀବନ ଯନ୍ତ୍ରଣା ସହ୍ୟ କରୁଛନ୍ତି ତାକୁ ଲାଘବ କରିବାରେ ଏଇ କୁନି ଝିଅଟା ବି କେତେ କ୍ଷମତା ଯୋଗାଡ଼ି ପାରିବ । ପୁଅ ବୋହୂମାନଙ୍କୁ ସେ କିପରି ବୁଝାଇ ପାରିବ ? ଏହା କେମିତି ସମ୍ଭବ ହୋଇପାରିବ ? ଏହିଭଳି ଅନେକ ପ୍ରଶ୍ନବାଚୀ ତାଙ୍କ ମନକୁ ବାରମ୍ବାର ଆନ୍ଦୋଳିତ କଲା । ସେ ନିର୍ମଳାକୁ ବୁଝାଇଲେ ନାଇଁରେ ଝିଅ । ତୁ ସେମାନଙ୍କ ସହ ପାରିବୁନି । ସେମାନେ ତତେ ମାରିବେ । ଗାଳି ଗୁଲଜ କରିବେ । ସେମାନେ ତୋ ଭଳି ହୃଦୟର ମଣିଷ ନୁହଁନ୍ତି । ସେମାନେ ବହୁତ ସ୍ୱାର୍ଥପର ଆଉ ଲୋଭୀ ମଣିଷ ।

ବଡ଼ପୁଅ ଓ ସାନ ପୁଅ ମଧ୍ୟରେ ପ୍ରତିଦ୍ୱନ୍ଦିତା ସବୁବେଳେ । ମୋର ଏଇ ଭାଗ୍ୟ ତୋର ସେଇ ଭାଗ୍ୟ । ମୁଁ ପୂର୍ବପଟର ଜମି ନେବି । ତୁ ପଶ୍ଚିମ ପଟର ଜମି ନେବୁ । ପଢ଼ିଆର ଶାଗୁଆନ ଗଛ ଯାକ ସବୁ ମୋର । ଚାଷ ନଥିବା ବିଲର ଜାଗା ତୋର । ଗହଣାଗାଣ୍ଠି ଠାରୁ ବାସନକୁସନ ଯାଏ ସବୁକିଛିର ଭାଗ ଦରକାର । ନିଜ ନିଜର ପରିବାରକୁ ନେଇ ଅଲଗା ରହିବାରେ ପୁଅବୋହୂମାନଙ୍କର ଏସବୁ ଯୋଜନା ପ୍ରତି ରମାକାନ୍ତ ମଉସାଙ୍କର ଟିକେ ବି ସମର୍ଥନ ନଥିଲା । ଉତ୍ତରପଟରେ ଗୋଟିଏ ଠାକୁରଜମି । ବହୁ ପୂର୍ବରୁ ସ୍ୱର୍ଗବାସୀ ପତ୍ନୀଙ୍କର ଇଚ୍ଛା ଥିଲା ସେଇ ଜମିରେ ରାଧାକୃଷ୍ଣଙ୍କର ଛୋଟ ମନ୍ଦିରଟିଏ ନିର୍ମାଣ କରିବାକୁ । ସେ ମଧ୍ୟ ରାଜି ଥିଲେ । ହେଲେ ଅବସର କାଳରେ ପୁଅମାନଙ୍କର ସହଯୋଗ ନଥିଲା ବରଂ ଠାକୁରଜମିକୁ ହସ୍ତଗତ କରି ଅଧିକ ଲାଭରେ ବିକିବାକୁ ସେମାନେ ଯୋଜନାବଦ୍ଧ ।

ପରିଣତ ବୟସରେ ପାରିବାରିକ କନ୍ଦଳ ତ ବୋଝ ଉପରେ ନଳିତା ବିଡ଼ା ଭଳି । ସାମର୍ଥ୍ୟ ନାହିଁ କି ଶକ୍ତି ବି ନାହିଁ କାହା ସହ ଯୁକ୍ତି କରିବାକୁ । ସମାଧାନର ପଥ ଖୋଜି ପାଉ ନାହାଁନ୍ତି ସେ ।

ମନେ ଭାବୁଥିଲେ ପୁଅମାନେ ମୋ କଥା କଣ ଶୁଣିବେ । ଶରୀରଟା ଅସୁସ୍ଥ ହେବାକୁ ଲାଗିଲାଣି । ଆଉ କେତେ ଦିନ ବି ବଂଚିବି । ସମ୍ପତ୍ତି ଯାକ ସମସ୍ତଙ୍କୁ ଦେଇଦେଲେ କାମ ସରିଯିବ । କଳି ଝଗଡ଼ା ତୁଟିଯିବ । ମୁଁ ଟିକେ ଶାନ୍ତିରେ ରହିପାରିବି ।

ସ୍ୱର୍ଗବାସୀ ପତ୍ନୀଙ୍କର ଇଚ୍ଛାପୂର୍ଣ୍ଣ କରିନଥିଲେ ସେ । ତେଣୁ ମନ୍ଦିର ନିର୍ମାଣ ପାଇଁ ଠାକୁର ଜମିକୁ ଜଣେ ବ୍ରାହ୍ମଣକୁ ଦେଇ ଦେବାକୁ ସ୍ଥିର କଲେ । ବାକି ଦକ୍ଷିଣ ପଟର ଜମିକୁ ନିର୍ମଳା ନାଁରେ କରାଇବାକୁ ଚାହିଁଲେ । ଓକିଲ ଡକାଇ ସମସ୍ତ ସମ୍ପତ୍ତି ଭାଗ କରିଦେଲେ । କିନ୍ତୁ ଦୁଇ ପୁଅଙ୍କର ଲୋଭ କହିଲେ ନସରେ । ଦୁହେଁ ଅଭିଯୋଗ କଲେ ନିର୍ମଳା କାହିଁକି ସମ୍ପତ୍ତି ନେବ ସେ କିଏ ? ତାର ଅଧିକାର କ'ଣ ଅଛି ? ରମାକାନ୍ତ ମଉସା କହିଲେ ମୁଁ ତାକୁ ମୋର ଝିଅ ରୂପେ ଗ୍ରହଣ କରିଛି । ସିଏ ମଧ୍ୟ ତା'ର ଭାଗ ପାଇବ । ତୁମେମାନେ ବିରୋଧ କରି ପାରିବନି ।

ଓକିଲଙ୍କ ଠାରୁ ଜମି ପଟ୍ଟାକାଗଜ ନେଲାପରେ ପୁଅମାନେ ସବୁ ଅଲଗା ହୋଇଗଲେ । ରମାକାନ୍ତ ମଉସାଙ୍କର ଦେଖାଶୁଣା କଲେ ନାହିଁ । ନିର୍ମଳାର ବାପା ସବୁକିଛି ଜାଣିଲା ପରେ ତାଙ୍କୁ ନିଜ ଘରକୁ ନେଇ ଆସିଲେ । ନିଜ ଧର୍ମପତ୍ନୀଙ୍କୁ ସବୁକଥା ଜଣାଇଲେ । ପତ୍ନୀ ମଧ୍ୟ ସେବାରେ ଅବହେଳା କଲେ ନାହିଁ । ସ୍ୱଚ୍ଛ ସମ୍ବଳ ଓ ସାମର୍ଥ୍ୟ ଅନୁଯାୟୀ ଚିକିତ୍ସା କଲେ । ସମ୍ପତ୍ତି ନେଲା ପରଠାରୁ ପୁଅମାନେ କେହି ବି ଖବର ରଖୁନଥିଲେ ତାଙ୍କର ବାପା ବଂଚିଛନ୍ତି କି ନାହିଁ । କେମିତି ଅଛନ୍ତି ...କୋଉଠି ଅଛନ୍ତି.. କଣ କରୁଛନ୍ତି ଦିନେ ମଧ୍ୟ ପଚାରି ବୁଝି ନଥିଲେ। ଈଶ୍ୱରଙ୍କ କୃପାରୁ ନିର୍ମଳାର ଘରେ ରହି ରମାକାନ୍ତ ମଉସା ସୁସ୍ଥ ହୋଇଗଲେ । ସବୁଦିନ ପାଇଁ ସେଇଠାରେ ହିଁ ରହିଲେ । ନିଜର ସବୁ ପେନସନ୍ ଟଙ୍କା ଆଣି ନିର୍ମଳାର ବାପାଙ୍କୁ ଦେଲେ । ସେଇ ଟଙ୍କାରେ ଘର ଚଳାଇବାକୁ କହିଲେ । ବାକି ଜୀବନ ହସଖୁସିରେ ବିତାଇ ଦେବାକୁ ଚାହିଁଲେ । ନିର୍ମଳା ମଧ୍ୟ ମଉସାଙ୍କ ପାଖରେ ବସି ପାଠ ପଢ଼ିଲା ।

ଅପରାହ୍ନ ସମୟ । ଥଣ୍ଡା ପବନ ବହୁଥିଲା । ରମାକାନ୍ତ ମଉସା ନିର୍ମଳାକୁ ସାଂଗରେ ନେଇ ପୋଖରୀଆଡ଼େ ବୁଲିବାକୁ ଯାଉଥିଲେ । ବାଟରେ ବଡ଼ପୁଅ ସହ ଭେଟ ହେଲା । ବଡ଼ପୁଅ କହିଲା ବାପା ତୁମେ ଭଲରେ ଅଛ ଦେଖିକି ବହୁତ ଖୁସି ଲାଗିଲା । ଚାଲ ଏଥର ମୁଁ ତୁମକୁ ମୋ ସାଥିରେ ଘରକୁ ନେଇଯିବି । ତୁମେ ମୋ ସାଂଗରେ ଭଲରେ ରହିବ । ଉପରେ ଠାଉରିଆ ସ୍ନେହ ଆଉ ଲୋକ ଦେଖାଣିଆ କର୍ତ୍ତବ୍ୟର ତିଳେମାତ୍ର ଆବଶ୍ୟକ ନଥିଲା ରମାକାନ୍ତ ମଉସାଙ୍କର । ସେ ଭଲଭାବେ ଜାଣିଥିଲେ ତାଙ୍କ ପେନସନ ଟଙ୍କା ଉପରେ ପୁଅର ଲୋଲୁପ ଦୃଷ୍ଟି ଅଛି । ତେଣୁ ସାଲିସ୍ କରିବାକୁ ଚାଲି ଆସିଛି । ପୁଅକୁ ରୋକଠୋକ୍ ଜବାବ ଦେଲେ ମୋର କେଉଁ ଆଡ଼େ ଯିବାର ନାହିଁ । ମୁଁ ବେଶ ଭଲରେ ଅଛି ଏବେ । ତୁମମାନଙ୍କର ତ ବାପା ଦରକାର ନ ଥିଲେ । ତୁମମାନଙ୍କର ସମ୍ପତ୍ତି ଦରକାର ଥିଲା । ଯାହା ଏବେ ତୁମମାନଙ୍କଠାରେ ମହଜୁଦ ଅଛି । ଏଇ ବୁଢ଼ା ଲୋକଟା ପାଖରେ ତୁମାମନଙ୍କର ଆଉ କିଛି ଆବଶ୍ୟକତା ନାହିଁ ।

ଏତିକି ଶୁଣି ବଡ଼ପୁଅ ସେଠାରୁ ମୁହଁ ଫେରାଇ ନିଜ ବାଟରେ ଚାଲିଗଲା । ସନ୍ଧ୍ୟା ହୋଇଗଲାଣି । ପୋଖରୀ ଆର ପଟେ ବୁଦା ବାଟ ଦେଇ ଗଲାବେଳେ ଝୁଣ୍ଟି ପଡ଼ିଲା ମାଙ୍କଡ଼ା ପଥରଟିଏ । ଆଖପାଖରେ କେହି ନାହାନ୍ତି ଆର୍ତ୍ତ ଆକୁତି ଶୁଣିବାକୁ । ରୁଧିରଝରରେ ପାଦଟା ଆଗକୁ ଚାଲିବାକୁ ଅସମର୍ଥ । ମୁଣ୍ଡଟା ବି ବାଜିକି କ୍ଷତାକ୍ତ ଅବସ୍ଥାରେ । ତରଂଗାୟିତ ଭାବନାରେ ମନଟା ଉତଥାନ ପତନ ହୋଇ ଫେରୁଥିଲା ଅତୀତକୁ ବାରମ୍ବାର । ନିଜକୁ ଦୋଷାରୋପ କରୁଥିଲା ସମ୍ପତ୍ତିର ମୋହରେ ମୁଁ ବାଟବଣା ହୋଇଛି । ଅକର୍ମ କରିଛି । ଅନ୍ୟାୟ କରିଛି । ବାପାଙ୍କୁ ଅଣଦେଖା କରି ମୁଁ ପାପ କରିଛି ।

ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର ।

# ଭାଇରାଲ୍ ଭିଡ଼ିଓ

ଅନିରୁଦ୍ଧ ସାମନ୍ତରା

ଗାଆଁ ମଝିଦେଇ ଲମ୍ବି ଯାଇଥିବା କଂକ୍ରିଟ ରାସ୍ତାକୁ ଦୀର୍ଘ ସମୟ ଧରି ଅପେକ୍ଷା କରିଛି କଳ୍ପନା । ଆଜି ଯେମିତି ହେଲେ ତା' ନନା ଆସିଲା ମାତ୍ରେ ସିଧା ସିଧା କହିଦେବ । ନନା ଯାହା କୁହନ୍ତୁ ପଛେ ଏଥର ସହର ଯିବ ହିଁ ଯିବ । ନନା ମନା କଲେ ବି ଏଥର ଜିଦ୍ ଧରିବ । ସମ୍ଭାବନା ଥିବା ସତ୍ତ୍ୱେ ସ୍ୱପ୍ନକୁ ହାତ ମୁଠାରେ ଧରି ଆଉ ଅଧିକ ଦିନ ସେ ଅପେକ୍ଷା କରି ପାରିବନି । ପିଲାଟି ବେଳରୁ ସ୍ୱପ୍ନ ଦେଖି ଆସିଛି ସହର ଯିବାକୁ ନେଇ । । ତା' ଜୀବନକାଳରେ ବହୁତ ଅଳ୍ପ ଥର ଯାଇଛି । ହେଲେ ପ୍ରତିଥର ଭଳି ଆଉ ବୁଲିବାକୁ କି ଦେଖିବାକୁ ନୁହଁ, ସେ ଚାହେଁ ସବୁ ଦିନ ପାଇଁ ସେଇଠି ରହିବ । ସହରଠାରୁ ବହୁଦୂର । ମଫସଲ ଗାଁରେ ଘର । ଗାଆଁ କହିଲେ ୧୬/୧୮ ଖଣ୍ଡ ଘର । ସବୁ ପୁରୁଣା କାଳିଆ ଛପର ଘର । ଏବେ ଏବେ ବିଜୁଳିର ବାସ୍ନା ବାଜିଛି । ରାସ୍ତାଘାଟ, ଶିକ୍ଷାକଥା କହିଲେ ନସରେ । ରବୀନ୍ଦ୍ରବାବୁଙ୍କ ଏକମାତ୍ର ଝିଅ କଳ୍ପନା । ସ୍ତ୍ରୀଙ୍କ ମୃତ୍ୟୁ ପରେ ସେ ନିଜେ ବାପା ଆଉ ମାଆ ହୋଇ ପାଳନ କରିଆସିଛନ୍ତି । ପଂଚାୟତ ହାଇସ୍କୁଲରେ ଦଶମ ପରେ ଗାଆଁ ପାଖ ସରକାରୀ କଲେଜରେ +୨ ପଢ଼ି ଥାର୍ଡ଼ ଡିଭିଜନ ରେ ପାସ୍ କରିଛି । ଆର୍ଥିକ ଅଭାବ କାରଣରୁ ଆଉ ଆଗକୁ ପଢ଼ିନି, କି ପଢ଼ିବାକୁ ଇଚ୍ଛା ବି କରିନି । ପାଠ ଛାଡ଼ି ୪ ବର୍ଷ ଖଣ୍ଡେ ହେଲାଣି ଘରେ ହିଁ କାମ ଦାମ କରି ରହିଛି ।

ପିଲାଟି ବେଳରୁ ଅନେକ ଶୁଣିଛି ସହର ବିଷୟରେ । ତା' ପିଲା ବେଳର ବହୁ ସାଙ୍ଗ ସାଥି ସହରରେ ରୁହନ୍ତି, ସେ ବି ସହର ଯିବ, ସେଠି ରହିବ । ସେଠି ଯାଇ କିଛି କାମ କରିବ । ଆଉ ସହରୀ ଜୀବନ ବିତାଇବ । ହେଲେ ଘରେ ନନାକୁ ଏକୁଟିଆ ଦେଖି ତା ସ୍ୱପ୍ନକୁ ବହୁ ଦିନ ଧରି ସାଇତି ରଖିଛି ।

କାନ୍ଧରେ ଲଙ୍ଗଳ ଧରି ନନା ଆସି ପହଂଚିଲେ । ଭିତରକୁ ଯାଇ ନନା ପାଇଁ ଖାଇବା ନେଇ ଆସିଲା । କିଛି ନକହି ସବୁଦିନ ଭଳି ନିରାଶ ହୋଇ ମୁହଁ ଶୁଖାଇ ନନା ପାଖେ ବସିଲା । କଳ୍ପନାର ଆବେଗକୁ ବେଶ୍ ଭଲ ବୁଝିପାରୁଥିଲେ ।

ନନା ! ତା'ର ଉଦାସ ମୁହଁକୁ ଚାହିଁ ପଚାରିଲେ,

- 'ପୁଣି ସେଇ କଥାନା ?'

- 'ନାଇ ନନା...'

- 'କହିଲୁ ? ସହର ସହର ହେଉଚୁ, ସେଠି ତୁ ଏକଲା କ'ଣ କରିବୁ ? କୋଉଠି ରହିବୁ ? କଣ ଖାଇବୁ ? ହଁ....

- 'ନାଇ  ନନା'

ମିକି କହୁଥିଲା ସେ ଯୋଉ ପାର୍ଲର ରେ କାମ କରୁଛି ସେଇ ମ୍ୟାଡାମଙ୍କୁ କହିଛି ମୋ କଥା । ମୁଁ ଗଲେ ସେଇଠି କାମ କରିବି । ଆଉ ମୋର ରହିବା ପାଇଁ ତା ଫ୍ଲାଟ ପାଖାପାଖିରୁ ବି କଥା ହେଇଛି ।

- 'ହଁ ରେ ମା, ହେଲେ ଏକଲା ଝିଅ ଟେ ପୁଣି.....'

- 'ନନା ତୁମେ ବି ଆସି ଯାଅନା, ସେଠି ଆମେ ମିଶି ରହନ୍ତେ । ଭଲ ହୁଅନ୍ତା ।'

- 'ନାରେ ମା ନା.... । ଏମିତି ଶସ୍ତାରେ କ'ଣ ସେଠି ବଂଚି ହେବ ? ଏଠି ପାଖାଳ ମୁଠାରେ ମୋ କାମ ଚଳୁଛି, ଗାଁ ଟା ଛୋଟ ହେଲେ ବି ଲୋକଙ୍କ ଭିତରେ ସ୍ନେହ ଶ୍ରଦ୍ଧା ଅଛି, ହେଲେ ସହର ରେ କିଏ କାହାର ।'

- 'ଆମ ଗାଁ ସନାଦାଦା ତ' ତାଙ୍କ ପୁରା ପରିବାର ସଙ୍ଗେ ଘର ଛାଡ଼ି ସହର ଚାଲିଗଲେ, ହେଲେ ତୁମେ କାହିଁ ମନା କରୁଚ ଯେ....

- 'ସେ ଯାଉ ରେ ମା, ମୁଁ ଏକୁଟିଆ, ଜମିଟିକୁ ଛାଡ଼ି ସହର ଯାଇ ପାରିବିନି । ପୁଣି ଜାଣିଛୁ କେତେ ଟଙ୍କା ଗାଁରେ ବାକି ପଡ଼ିଛି, ଏମିତି ଅବସ୍ଥାରେ ଗାଁ ଛାଡ଼ି ଗଲେ ଭୁଲ ହେବ ।'

- 'ତା ହେଲେ ଥାଉ ନନା, ମୋର ବି ଆଉ ସହର ଯିବାର ନାଇ । ମୁଁ ବି ଯିବିନି ।'

- 'ନାଇ ରେ ମା ତୁ ଯିବୁ । ତୋ ଯିବା ପାଇଁ ମହାଜନବାବୁ ଙ୍କୁ ଟଙ୍କା କଥା କହିଥିଲି, ସେ ଡକାଇଥିଲେ, ମୁଁ ଯାଉଛି ଟଙ୍କା ନେଇ ଆସିବି । ତୁ କାଲି ବାହାରିବୁ ।

ନନା ମୁହଁରୁ ଏତକ ଶୁଣିବା ପରେ ଚିନ୍ତାରେ ପଡ଼ିଗଲା କଳ୍ପନା । ଖୁସି ହେବ ନା ଦୁଃଖ କରିବା । ଗୋଟିଏ ପାର୍ଶ୍ୱରେ ସ୍ୱାଧୀନତା ର ସହ ସୁନେଲି ସହରରେ ବଂଚିବାର ସ୍ୱପ୍ନ ଆରପଟେ ପରାଧିନ ମଫସଲର ସୀମିତ ଜୀବନ ତ ନନା । ହେଲେ "କୁଛ୍ ପାନେ କେ ଲିୟେ, କୁଛ୍ ଖୋନା ପଡ଼ତା ହୈ ।" କିଛି ନ ବିଚାରି ନିଜ ସ୍ୱପ୍ନ ସହର ଅଭିମୁଖେ ପାଦ ବଢ଼ାଇଲା କଳ୍ପନା ।

ପରଦିନ ସକାଳୁ ଝିଅକୁ ସହରରେ ଛାଡ଼ି ଆସିବା ପାଇଁ ନନା ସାଙ୍ଗରେ ବାହାରିଲେ । ଝରକା ପାଖରେ ବସି ବୁଲାଇ ବୁଲାଇ ଦେଖି ନେଉଥିଲା ତା ଗାଆଁ, ଘର, ବିଲବାଡ଼ ସବୁ । ପିଲାଟିବେଳରୁ ମନରେ ଉଙ୍କି ମାରୁଥିବା ପ୍ରଶ୍ନ ଆଜି ଆହୁରି ସନ୍ଦିହୀନ ଲାଗୁଥିଲା । ବସ ଭିତରେ ସେ ସତରେ ଆଗକୁ ବଢୁଛି, ନା ଗଛଲତା, ଗାଁ, ଆକାଶ, ପାହାଡ଼, ନଈ ସବୁତାକୁ ବିଦାୟ ଦେଇ ପଛକୁ ଫେରୁଛନ୍ତି । ସମୟ ପାଖେଇ ପାଖେଇ ଆସେ, ଗାଁ ସରି ସରି ଯାଏ । ଧିରେ ଧିରେ ସବୁଜ ବନାନୀ ହୁଏ, କଂକ୍ରିଟ ବଣର ନଜିର ଆସେ ।

ପଶୁପକ୍ଷୀଙ୍କ ରାବ ବଦଳରେ ଟ୍ରାଫିକରେ କୋଳାହଳ ଶବ୍ଦରେ କାନ ଫାଟି ପଡୁଥାଏ । ଏସବୁ ମଧ୍ୟରେ ଶେଷରେ ଠିକଣା ସହରରେ । ମିକି ଅପେକ୍ଷା କରିଥାଏ । ବୁଝାସୁଝା କରି ଝିଅର ଦେଖାର ଦାୟିତ୍ୱ ମିକି ହାତରେ ଦେଇ, ସେଇ ବସ୍ ରେ ହିଁ ଫେରି ଗଲେ ନନା ।

ସୁଉଚ୍ଚ ଅଟ୍ଟାଳିକା, ଅସ୍ତବ୍ୟସ୍ତ ଜୀବନ, ଯୁଆଡ଼େ ଚାହିଁଲେ ଗହଳି, ପେଁ.... ପେଁ.... ଶବ୍ଦ । ସବୁ ଦୌଡୁଛନ୍ତି । ନିଶ୍ୱାସ ପ୍ରଶ୍ୱାସ ନେବାକୁ କାହା ପାଖେ ଫୁରୁସତ୍ ନାଇ । ଏସବୁ ଦେଖି ଭୟ ସହ ଉତ୍ସାହ ବି ବଢୁଥିଲା । ସେ ବି ଆଙ୍କିବାକୁ ଯାଉଥିଲା ସେମିତି ଏକ ଭବିଷ୍ୟତ ।

ମିକି କଳ୍ପନାକୁ ନେଇ ନିଜ ଘରକୁ ଚାଲିଗଲା । ତହିଁ ଆର ଦିନ ଦୁହେଁ ମିଶି ବାହାରିଲେ । ପୂର୍ବରୁ ମିକି ରାଜଧାନୀ ପାର୍ଲର ମ୍ୟାଡାମ୍ ଙ୍କୁ କଳ୍ପନା କଥା କହି ଥିଲା, କଥା ମୁତାବକ ସେଇଠି ଜଏନ୍ କଲା । ଦିନକୁ ୮ ଘଂଟା କାମ ମାସକୁ ୮୦୦୦ ଟଙ୍କା । ପାର୍ଲରରୁ ଫେରିବାର ରାସ୍ତାରେ ସେଇ ପାଖାପାଖି ଘର ଭଡ଼ାରେ ନେଲା । ଭଡ଼ା ୪୦୦୦ ଟଙ୍କା । ନୂଆ ନୂଆରେ ନନା କଥା ମନେ ପକାଇ ବହୁତ କାନ୍ଦିଲା । ପରେ ନିଜକୁ କହିଲା ନା, ତା ନନାର କିଛି ହେବନି । ସେ ପରିଶ୍ରମ କରି ନନାରସବୁ ଋଣ ସୁଝି ଦେବ । ନନା କୁ ସହର ନେଇ ଆସିବ । ଏଠି ସେମାନେ ଖୁସିରେ ରହିବେ ।

ପ୍ରତିଦିନ ଅନେକ କଷ୍ଟମର ଆସନ୍ତି । ଫେସିଆଲ କରନ୍ତି, ଆଇବ୍ରୋ ସାଇଜ୍ କରନ୍ତି । ସେମାନଙ୍କ ସହ ଭଲରେ ମିଶି ଯାଏ କଳ୍ପନା । ଧିରେ ଧିରେ ସବୁକାମ ବି ସହଜରେ ଶିଖିନିଏ । ସହରର ଚାଲିଚଳଣି, କଥାବାର୍ତ୍ତା ସହ ଭାରି ଅଭ୍ୟସ୍ତ ହୋଇସାରିଥାଏ । ଇଚ୍ଛା କରିଥିଲା ପ୍ରଥମ ଦରମା ପାଇବା ସଙ୍ଗେ ସଙ୍ଗେ ନନାକୁ ପଠାଇବ ହେଲେ ଘରଭଡ଼ା, ଖାଇବା, ପର୍ସନାଲ ଖର୍ଚ୍ଚରେ ସବୁ ଶେଷ । ଆଠଶହ ଖଣ୍ଡେ ଟଙ୍କା ହାତରେ ରଖିଛି । ମିକିଠୁ ପୁଣି କିଛି କରଜ କରିଥିଲା । ଏଇଟା କଣ ଗାଁ ହେଇଛି ଯେ ଅଳପ ଟଙ୍କାରେ ଚଳି ହେଇଯିବ । ବୁଝିଛି କଳ୍ପନା, ନିରାଶ ପାଲଟିଛି ।

କଷ୍ଟେ ମଷ୍ଟେ ବିତାଇ ଚାଲିଛି ସହରୀ ଜୀବନ, ହେଲେ ସ୍ୱପ୍ନରେ ଦେଖିଥିବା ସୁଖ ନାଇ । ମାସକ ପରେ ଝିଅକୁ ଦେଖା କରିବାକୁ ନନା ସହର ଆସନ୍ତି । ପଚାରି ପଚାରି ରାଜଧାନୀ ପାର୍ଲରରେ ପହଂଚି ବାହାରେ ଅପେକ୍ଷା କଲେ । କିଛି ସମୟ ପରେ ପଦାକୁ ଆସିଛି କଳ୍ପନା । ଝିଅକୁ ଦେଖି ନିର୍ବାକ୍ ହୋଇ ମୁଣ୍ଡ ଠାରୁ ଗୁଡ ପର୍ଯ୍ୟନ୍ତ ଚାହିଁଛନ୍ତି ନନା । ନନାକୁ ମୁଣ୍ଡିଆ ହୋଇ ଭଲ ମନ୍ଦ ପଚାରୁଛି, ହେଲେ ସେ ନୀରବ । ବୁଝିପାରିଛି ନୀରବତାର କାରଣ । ନନାକୁ ବୁଝାଇ କହୁଛି ଆଜିକାଲି ସହରରେ ଏସବୁ କମନ୍ । ଚୁଡ଼ିଦାର ଏଠି କେହି ପିନ୍ଧନ୍ତନି । ତା ପିନ୍ଧିବା ଭଳି ପୋଷାକ ହିଁ ଧାରଣ କରନ୍ତି । ମଫସଲ ଲୋକ ସେତିକି ସାହସିକ ଶକ୍ତି ନାଇ ସହରୀ ସଂସ୍କୃତିକୁ ସହଜେ ଆଦରି ନେବେ ।

ଘରୁ ନେଇ ଆସିଥିବା ପରିବା ବ୍ୟାଗଟିକୁ ଝିଅ ହାତକୁ ବଢ଼ାଇ, ନିଜ ଯତ୍ନ ନେବାକୁ କହି ଫେରନ୍ତି । ସେଇ ଏକା କଥା ତାଙ୍କ ମୁହଁରେ ଖେଳେଇ ହେଉଥାଏ ।

"ଏ କି ସଂସ୍କୃତି!!! ମଥାରେ ଟିକିଲି ନାଇ ହାତରେ କାଚ ଖଣ୍ଡେ । "

ନିଷ୍ପତ୍ତି ନେଇ ପାରିବି । ଯଦି ପୁଣି ହାତ ଉଠାଅନା ଦେଖ ଭଲ ହେବନି କହି ଦେଉଛି....'

- 'କ'ଣ କେସ୍ ଦେବୁ??'

- 'ହଁ.... ଦେବି..'

- 'ଯା' ରେ ମା ଦେଇ ଯା', ଏଇଥିପାଇଁ ତ ଜନ୍ମ ଦେଇଥିଲି ତୋତେ, ଏଇଥିପାଇଁ ତ ପାଠ ପଢ଼ାଇଥିଲି, ଏଇଥିପାଇଁ ତ ସହରକୁ ଛାଡ଼ିଲି ତୋତେ? ଦେବୁନି କାଇଁ ଦେବୁ... ତୁ ଦେବୁ । ଠିକ୍ ଅଛି ରେ ମା ଏଣିକି ତୋ ଇଛା ।'

ନନା ଏଥର ସବୁଦିନ ପାଇଁ ସହରରୁ ବିଦାୟ ନେଇ ଫେରିଲେ ଗାଁକୁ । ପ୍ରତି ମୁହୁର୍ତ୍ତରେ ପ୍ରତିଧ୍ୱନିତ୍ୱ ହେଉଥିଲା କଳ୍ପନାର ପ୍ରତିବାଦର ସ୍ୱର । ପେଟକୁ ଭୋକ ନାଇ । ଆଖିକୁ ନିଦ ଆସେନି । ଏକମାତ୍ର ଝିଅ ମାଆ ନଥିବା ସତ୍ୱେ କୌଣସି ଅଭାବ ନ କରି ପାଠ ପଢ଼ାଇ ଏତେ ବଡ଼ କରିଛନ୍ତି । ସ୍ୱପ୍ନ ବି ଗଢ଼ିଥିଲେ ସୁନ୍ଦର ବରଟିଏ ଖୋଜି ବାହାଦେବେ । ହେଲେ ଆଜି ସବୁ ସ୍ୱପ୍ନ ଚୁରମାର୍ । ପ୍ରତି ମୁହୂର୍ତ୍ତରେ ଆଖିରୁ ଧାର ଧାର ଲୁହ ବୋହି ତାଙ୍କ ମୁହଁକୁ ଧୋଇ ଦେଉଥାଏ । ଅସରାଏ କୋହ ଦୁଲକାଇ ଦିଏ ଦିହକୁ ।

କଳ୍ପନା ଧିରେ ଧିରେ ନିଜ ଇଜ୍ଜତ ହରାଇ ବସେ । ସହରୀ ନିଶାରେ ଶ୍ରୀହୀନା ସାଜେ । ଆଉ ଏପରି ଲୋକ ନିନ୍ଦା ଘେନି ଏପରି ଏକା ବଂଚିବାକୁ ଚାହେଁନା । ଯେମିତି ହେଲେ ଏଥର ଜଣାଇବ ଅନ୍ୱେଷକୁ । ବାହା ହେବାକୁ କହିବ । ରାତିକ ବିତି ଯାଉ । ସକାଳକୁ ଅପେକ୍ଷା... ପ୍ରତିଦିନ ଭଳି ଠିକଣା ଟାଇମରେ ହାଜର । କଳ୍ପନା ବି ରେଡ଼ି । ବହୁଦିନ ଧରି ବୁଲିଛି ତା' ସହ । ବହୁତ ବିଶ୍ୱାସ ରଖିଛି । କଥାବାର୍ତ୍ତା ହୋଇ ହୋଇ ଶେଷରେ କିଙ୍ଗସ୍ ହୋଟେଲରେ ପହଂଚିଲେ । ଦୁଇଜଣଙ୍କର ଫେଭ୍ରେଟ୍ । ଅନେକଥର ଏଇଠି ଲଂଚ ଡିନର କରିଛନ୍ତି । ଲଂଚ ମଗାଇ ଖାଇବା ଆରମ୍ଭ କରିଛନ୍ତି ।

- 'ଅନ୍ୱେଷ...'

- 'ହଁ...'

- 'ତୁମକୁ କିଛି କହିବାର ଥିଲା ।'

- 'କୁହ, ଏମିତି କି କଥା ରଖିଛ?'

- 'ଅଛି । ତୁମେ କଥା ଦିଅ ମୋତେ ସତ କହିବ ।'

- 'ଆରେ... ଏ କି କଥା କହୁଛ । ମୁ କାଇଁ ତୁମକୁ ମିଛ କହିବି ।'

- ତଥାପି..

- ଠିକ୍ ଅଛି ବାବା ଠିକ୍ ଅଛି । କଥାଟା ତ କଣ କୁହ

ଆରେ ।

- ଆମେ କେବେ ସାଦି କରିବା ?

- ବାହାଘର !!! (ଅଧା ବାଟ ରେ ଭାତ ମୁଠା ଧରି)

- ହଁ ।

- ଏ କ'ଣ କହୁଛ । ତୁମେ ମୋ ଫ୍ରେଣ୍ଡ ।

- କଣ କହୁଛୁ ? ମୁଁ ତୁମ ଫ୍ରେଣ୍ଡ ? ଥରେ ମୁହଁକୁ ଚାହିଁ କୁହତ ?

- ହଁ.. ହଁ.. ତୁମେ ମୋ ସାଙ୍ଗ ।

- ଓଃ... ତା' ମାନେ ଆମ ମଧ୍ୟରେ ଯା' ସବୁ ଘଟି ଯାଇଛି...

- ଫ୍ରେଣ୍ଡଲି ....

- ୟୁ... ଚିଟର (ସାର୍ଟ କଲର ଧରି)

- ଛାଡ଼ କଳ୍ପନା, ଭଲ ହେବନି କହୁଛି, ଏମିତି ସଭିଙ୍କ ଆଗରେ କରିବା । ଇଟି ଇଜ୍ ଭେରି କେଜୁଆଲ ।

- କ'ଣ କେଜୁଆଲ !!

- ହଁ ହଁ କେଜୁଆଲ । ଭେରି କେଜୁଆଲ । ତୁମ ପରି ମୋର ଅନେକ ଫ୍ରେଣ୍ଡ ଅଛନ୍ତି । ତୁମ ଭଳି ମୁଁ ସେମାନଙ୍କ ସହ ବିତାଇଛି, ଏମିତି କେତେ କଣ....

- କେତେ ଜଣ ମାନେ

- ହଁ... ଯା' ତୁମ ସହ

- ଛିଃ... ଧକ୍କେବାଜ୍

- ମୁଁ ନୁହଁ କଳ୍ପନା । ସହରର ସବୁ ସେମିତି ।

- ହେଲେ ତୁମେ ତ କହିଥିଲ ମୋତେ ଭାରି ଭଲ ପାଅ । ତୁମେ ବି ଜାଣ ମୁଁ ତୁମକୁ କେତେ ଭଲ ପାଏ ।

- ତ ? କଣ ହେଲା ?

- କିଛି ନୁହଁ କିନ୍ତୁ, ତୁମେ ମୋତେ ବାହା ହେବ । ନଚେତ୍ ମୁଁ କଣ କରିବି ଦେଖିବ ?

(ଏଥର ହାଉଳି ଖାଇଲା ଅନ୍ୱେଷ । ଅନେକ ଝିଅ ଗଲେଣି ହେଲେ ଏମିତି କେହି ପ୍ରତିବାଦ କରି ନଥିଲେ । କାଳେ କଳ୍ପନା କିଛି ଅଘଟଣ ଘଟାଇ ବସେ ଭୟରେ ପୁଣି ଛଳନା କରି...)

- ଠିକ୍ ଅଛି ଡାର୍ଲିଂ... ଠିକ୍ ଅଛି ।

- ନାଇ ସତ କୁହ ?

- ସତ ହଁ କହୁଛି ଆମେ ବାହା ହେବା ।

- ଆଉ ଯା' ସବୁ କହିଲ ?

- ଆରେ ବୋକୀ ମଜା କରୁଥିଲି । ଜାଣିପାରିଲୁନି ?

- ନା... ଆଉ ଦିନେ ସେମିତି କହିବନି । ଜାଣିଛ କ'ଣ ଲାଗିଲା ମୋତେ ?

- କ'ଣ ?

- କିଛି ମୋମେଂଟ ପାଇଁ ମୋ ହାର୍ଟ ବିଟ୍ ରହିଗଲା ।

- sorry... କାନ ଧରୁଛି ।

- THANK GOD, ତୁମେ ରାଜି ହେଲ ।

- ଚାଲଯିବା ଏଥର ।

- କୁଆଡ଼େ ?

- ତୁମ ରୁମ୍‌କୁ

- ହଁ... (ଲାଜେଇ ଲାଜେଇ)

ବାହାରି ପଡ଼ିଲେ ନିଜ ରୁମ୍ ଅଭିମୁଖେ । ଯିବା ରାସ୍ତାରେ ମେଡ଼ିକାଲ୍ ଷ୍ଟୋର ଠାରେ ଗାଡ଼ି ଅଟକାଇଲା ଅନ୍ୱେଷ । ଅଳ୍ପ ସମୟ ଅପେକ୍ଷା କରିବାକୁ କହି ଦୌଡ଼ି ଦୌଡ଼ି ଯାଇଥିଲା । ବୁଝି ସାରିଥିଲା କଳ୍ପନା । ଲାଜରେ ହସୁଥିଲା । କିଛି ସମୟ ଭିତରେ ଦୁହେଁ ପହଂଚିଲେ ରୁମରେ ।

ଫ୍ରେସ୍ ହେବାକୁ ଗଲା କଳ୍ପନା । ଏଣେ ହରଡ଼ ଘଣାରେ ଅନ୍ୱେଷ । କଳ୍ପନା ଯେ ଶେଷରେ ଏମିତି ରିଆକ୍ଟ ହେବ ସେ ଜାଣି ନଥିଲା । ଯେମିତି ହେଲା ଏ କାହାଣୀକୁ ଏଠି ବନ୍ଦ କରିବାକୁ ହେବ । ନଚେତ ସେ ଫସିଯିବ । ତେଣୁ ଡେରି ନକରି ମେଡ଼ିକାଲ୍ ଷ୍ଟୋରରୁ ନେଇ ଆସିଥିବା ନିଦ ବଟିକା ଗୁଡ଼ିକୁ ବୋତଲରେ ମିଶାଇ ଦେଲା । ଅପେକ୍ଷା କଲା । କଳ୍ପନା ଫେରିବା ପୂର୍ବରୁ ନିଜ ମୋବାଇଲର ଭିଡ଼ିଓ ଟିକୁ ଅନ୍ କରି କପବୋର୍ଡ଼ରେ ଥୋଇଦେଲା । କଳ୍ପନା ବାହାରକୁ ଆସିବା ପରେ, ଅଧା ଢାଳି ବଢ଼ାଇ ଦେଇ କହିଲା ନିଅ ମୁଁ ଅଧା ପିଇ ନେଇଛି, ଏତକ ପିଇ ନିଅ ।

ଅଚେତ ଅବସ୍ଥାରେ ବେଡ୍‌ରେ କଳ୍ପନା । ପୁଣି ଶିକାରୀ ସାମ୍ନାରେ ବିରାଟ ଶିକାର । ମୁକୁଳିବାର ପ୍ରଶ୍ନ ହିଁ ନାଇ । ତା' ପାଟି ବନ୍ଦ କରିବାକୁ ଅନ୍ୱେଷ ପାଖରେ ଏଇ ଏକମାତ୍ର ରାସ୍ତା । ଦୁହିଁଙ୍କ ଡ୍ରେସ୍ ବେଡ୍ ତଳେ, ଆଉ ଦୁଇ ଜଣ ବେଡ୍ ଉପରେ । ବେଡ୍ ଉପର ର ସମସ୍ତ ଲୀଳା ଖେଳକୁ ନିଶବ୍ଦରେ କଏଦ କରୁଥିଲା ମୋବାଇଲ । କିଛି ମୂହୁର୍ତ୍ତର କଳଙ୍କ ବୋଳି ସାରିବା ପରେ ଶେଯ ଛାଡ଼ିଲା ଅନ୍ୱେଷ । ଭିଡ଼ିଓଟିକୁ ଅଫ୍ କଲା । ନିଦ ଭାଙ୍ଗିନି । ସେମିତି ପଡ଼ିଛି କଳ୍ପନା । ତା' ନିଦ ଭାଙ୍ଗିବା ପୂର୍ବରୁ ରେକର୍ଡ଼ କରିଥିବା ଭିଡ଼ିଓ ସହ ମେସେଜ୍ ଟେ ସେଣ୍ଡ କରି ଚାଲିଗଲା ।

କିଛି ସମୟ ପରେ ଚେତା ଫିଟିଲା । ସମୟ ଦିନ ଦିପହରୁ ଯାଇ ସିଧା ରାତିବାର । ମୂର୍ଚ୍ଛିତ ସ୍ଥିତିରେ କଳ୍ପନା । ଦେହ ସାରା ଅଜଣା ବ୍ୟଥା । ଦିହରେ ପୋଷାକ ନାଇ । ପାଦ ତଳୁ ଚାଦରଟି ଘୋଡ଼ି ନେଲା ଦେହଟାକୁ । ଅନ୍ୱେଷ... ଅନ୍ୱେଷ... ଡାକ ଦେଲା ହେଲେ ପ୍ରତିଉତ୍ତର ନାଇ । ନିବୁଜ କୋଠରୀର ନିଃଶବ୍ଦତା ଭିତରେ ଉପହାସ କରି ପ୍ରତିଧ୍ୱନିତ୍ ହେଉଥିଲା ତା ଡାକ । ଅନ୍ୱେଷତାକୁ ଏଭଳି ଅବସ୍ଥାରେ ଛାଡ଼ିଯିବ ତା ବିଶ୍ୱାସ ହେଉ ନଥିଲା । ପଚାରିବା ପାଇଁ ଫୋନ ଖୋଲିଲା । ଦେଖେତ ଅନ୍ୱେଷର ନମ୍ବରରୁ ମେସେଜ୍ ଆଉ ଭିଡ଼ିଓଟେ । ଭିଡ଼ିଓ ଡାଉନ୍‌ଲୋଡ୍ ବେଳକୁ ପଢ଼ିନେଲା ମେସେଜ୍‌ଟିକୁ ।

– 'ଦେଖି ନିଅ କଳ୍ପନା, ଭଲରେ ଟିକେ ଦେଖି ନିଅ । ଆମ ଭିଡ଼ିଓ ହିଁ । ଆଉ ଦିନେ ମୋ ଆଗରେ ବାହାଘର କଥା ଟେକିବନି । ଯଦି ବାଧ୍ୟ କରନା, ମୁଁ ଏବେ କଣ କରିବି ଭଲରେ ଜାଣିଚ । ମୁଁ ଯଦି ଏ ଭିଡ଼ିଓଟିକୁ ମାର୍କେଟରେ ଛାଡ଼େ ତ ମୁଣ୍ଡ ଉଠାଇ ପାରିବ ନାହିଁ, ଆଉ ତୁମ ନନା ଏହା ଦେଖିବା ପରେ ଲୋକଲଜ୍ଜାରେ ଆତ୍ମହତ୍ୟା କରିବେ । ଭଲରେ ଭଲରେ କହୁଛି ପାଟି ବନ୍ଦ କରି ସିଧା ସିଧା ଗାଁକୁ ଚାଲିଯାଅ, ନଚେତ୍... । ଏଥର ତୁମ ଇଚ୍ଛା । ଗୁଡ଼ବାଏ ।

ହୃଦୟ ଫାଟିଗଲା । ଅନ୍ୱେଷ ଏମିତି ବ୍ଲାକମେଲିଂ କରିବ । ତା ଭଲପାଇବାକୁ ଏମିତି ଠିକଣା ଦେବ । ବିଶ୍ୱାସର ପ୍ରତିଉତ୍ତରରେ ଏଭଳି ବିଶ୍ୱାସ ଘାତକତା କରିବ ସ୍ୱପ୍ନରେ ସୁଧା ଭାବିନଥିଲା । ଏଥର ଚିହ୍ନି ସାରିଥିଲା ଅନ୍ୱେଷକୁ । ଚିହ୍ନି ସାରିଥିଲା ସହରୀ ରାକ୍ଷସକୁ । ତା ସହର ନିଶା ଏକାବେଳକୁ ଭାଙ୍ଗିଗଲା ।

ସଙ୍ଗେ ସଙ୍ଗେ ମିକିକୁ ଫୋନ୍ କରି ସମସ୍ତ ଘଟଣା ଜଣାଇଲା । ସେ ବି ଝିଅ । ବହୁତ ଦିନ ଧରି ସହରରେ ରହି ଆସିଛି । ଭଲରେ ଚିହ୍ନିଛି ସହରକୁ । କେତେ ସତର୍କତାର ସହିତ ବଂଚିବାକୁ ପଡ଼େ । ଆଜି କାଲି ସହରମାନଙ୍କରେ ଏ ଘଟଣା ସବୁ ଅତି ସାଧାରଣ ହୋଇ ପଡ଼ିଲାଣି । ଅଫିସ୍, ପାର୍କ, ମନ୍ଦିର, ଥିଏଟର କୋଉଠି ଖାଲି ନାଇ । ଏମିତି ଏ ସହରର ନର ରୂପ ଧାରୀ ଶିକାରୀ ମାନଙ୍କ ପଞ୍ଝାରେ ଅନେକ ଶିକାର ହୁଅନ୍ତି ।

ତହିଁଆର ଦିନ ସକାଳୁ ସକାଳୁ ମିକି ଆସି ପହଂଚିଲା । କଳ୍ପନାକୁ ବୁଝାଇ କହିଲା

– ' ଭଲ ହେବ ଗାଁକୁ ଫେରି ଯାଆ । ଗାଁରେ ରହି ନନାର ସେବା କରେ । ତୋତେ ଏଠି ଆଉ ଭଲରେ ଦେଖେଇଦେବନି, ଭଲ ହେବ ତାକୁ ପଦେ ବି ଜବାବ ନଦେଇ ଚାଲିଯାଆ ।

– ନା, ମୁଁ ଆଉ ବଂଚିବିନି ମିକି ।

– ଚୁପ୍ କର ।

– ଏ ଲାଜରେ କେମିତି ମୁହଁ ଉଠାଇବି ? କାହା ପାଇଁ ବଂଚିବି ?

– ବଂଚିବାକୁ ହେବ ତୋତେ । ଥରେ ଭାବେ ତୋ ନନାର କଥା । ତାଙ୍କୁ ଏକା କରି କଣ ଏମିତି ଚାଲିଯିବୁ ?

– ହେଲେ ନନା ଜାଣିଲେ.......

– କାନ୍ଦେନା ରହ ! ଏବେ କାନ୍ଦି କିଛି ଲାଭ ହେବନି । ଯାହା ସବୁ ଘଟିଗଲା ମନରୁ କାଢ଼ିଦେ । ତୋର କିଛି ହେବନି ।

– ମୁଁ ଏଇ କ୍ଷଣି ଚାଲିଯିବି ଗାଁକୁ । ନନା କଥା ଭାରି ମନେ ପଡୁଛି ।

– ହଁ ଠିକ୍ ଅଛି । ଆଜି ହିଁ ବାହାରିପଡ଼ । କହିଦେଉଛି ଆଉ କିଛି ବି ପାଗଳାମି କରିବୁନି । ତୋ ନନା ଲାଗି ତତେ ବଂଚିବାକୁ ହିଁ ପଡ଼ିବ ।

ହୁତ୍ ହୁତ୍ ହୋଇ ଜଳୁଥିଲା ତା ଅନ୍ତର । ନିଜର ବୋଲି ଇଜ୍ଜତକୁ ହରାଇ ବସିଲା । ଏଥର ଏଇ ସହରରେ ଆଉ ରହିବାର ନାହିଁ । କିଛି ସ୍ୱପ୍ନ ନାହିଁ । ପୁଣି ଫେରିଆସିବ ସେଇ ମଫସଲକୁ ଘର କାମ କରିବ । ରାନ୍ଧିବାଢ଼ି ନନାକୁ ମୁଠେ ଖାଇବାକୁ ଦେବ । ସେମିତି ପଡ଼ି ରହିବ ଗାଁରେ । ତା'ର ଆଉ ସହର ଲୋଡ଼ା ନାହିଁ । ଶେଷରେ ପୁଣି ଫେରିଲା ଗାଆଁ ଅଭିମୁଖେ ।

ଦିନେ ଝରକା ଫାଙ୍କରୁ ଯେଉଁ ବଡ଼ ବଡ଼ କୋଠାକୁ ଦେଖି ଆନନ୍ଦରେ ଡେଉଁଥିଲା ଆଜି ସେ ସବୁ ପଛର କଳା ଚେହେରା ଗୁଡ଼ିକୁ ମନେ ପକାଇ ନିଜକୁ ଧିକ୍କାର କରୁଥିଲା । ଏଠି ହଜାର ହଜାର ଅନ୍ୱେଷ । ତା ଭଳି ଲୋକ ହାତରେ ପ୍ରତିଦିନ ଏଠି ହଜାର ହଜାର ନିରୀହ କଳ୍ପନା ଶିକାର ହୁଅନ୍ତି । ଧିରେ ଧିରେ ସେଇ କଂକ୍ରିଟ୍ ଜଙ୍ଗଲରୁ ମୁକ୍ତି ମିଳୁଥିଲା । ଏତକ ସମୟ ମଧ୍ୟରେ ସବୁଜ ଜନନୀକୁ ମଧ୍ୟ ସହର ଗ୍ରାସ କରିସାରିଥିଲା । ଦେଖୁ ଦେଖୁ ସହର ଡେଇଁ ମଫସଲ ଆଡକୁ ବଢ଼େ ବସ୍ । ତା ଆସିବା ଖବର ଜାଣି ରାସ୍ତା କଡ଼ ବୃକ୍ଷଲତା ସବୁ ନିଦାଘର ତେଜ ସମ ଜଳିବାକୁ ଲାଗେ । ସୂର୍ଯ୍ୟମୁଖୀ ସବୁଦିଗ ବଦଳାଇ ବିମୁଖୀ ହୁଏ । ଗାଁରେ କାହାକୁ ଖବର ନାହିଁ । କଳ୍ପନା ଆଜି ଫେରୁଛି । ଗାଁ ମୁଣ୍ଡରେ ଓହ୍ଲାଇଲା । ଶେଷ ମୁଣ୍ଡରେ ଘର । ଧିରେ ଧିରେ ପାଦ ପକାଇ ଆଗକୁ ବଢ଼େ । ଗାଁ ଟି ପୁରା ଖାଁ ଖାଁ । ଶେଷ ମୁଣ୍ଡରେ ଗହଳି । ଗହଳି ଭିତରୁ କାନ୍ଦ ବୋବାଳ ଶବ୍ଦ । ଭୟରେ ପାଦର ଗତି ଧିମେଇ ଯାଏ । ଗହଳି ମଧ୍ୟରୁ ସମସ୍ତଙ୍କ ନଜର ଫେରେ କଳ୍ପନା ଦିଗକୁ । କର୍କଶ ଚେହେରା ସବୁ । ଗହଳି ଭାଙ୍ଗି ଭିତରକୁ ପଶି ଦେଖେତ କାଠ ପାଲଟି ଯାଏ ଦିହ । ଓଠ ପାଟି ଶୁଖିଯାଏ । ପାଦ ତଳୁ ମାଟି ଖସି ଯାଏ । ମହମ ପରି ମିଳେଇ ଯାଏ ତା ହୃଦୟ । ବଂଶ ମର୍ଯ୍ୟାଦା ହରାଇ ବାଉଁଶ କୋକେଇ ଉପରେ ଚିର ନିଦ୍ରାରେ ତା ନନା ।

ଆଜି ସକାଳୁ ବିଲହିଡ଼ ଉପରୁ ତାକୁ ମୃତ ଅବସ୍ଥାରେ ପାଇ ଟୋକା ମାନେ ଗାଁକୁ ଉଠାଇ ଆଣିଛନ୍ତି । ମୃତ୍ୟୁର କାରଣ ଅସ୍ପଷ୍ଟ ଲାଗୁଥିଲେ ବି ସେଇ । ଭିଡ଼ିଓ ଦୁଇଦିନ ହେବ ସମସ୍ତଙ୍କ ହାତରେ ବୁଲିଲାଣି । ଗାଆଁଟା ସାରା ଲୋକ ଜାଣିଲେ । ଗତକାଲି ରାତିରେ ଏହି ଘଟଣାକୁ ନେଇ ପଂଚାୟତ ବସିଥିଲା । ପଂଚାୟତରେ ଝିଅର କର୍ମ ପାଇଁ ଅନେକ ଲୋକ ଲଜ୍ଜା ସହିବାକୁ ପଡ଼ିଲା । ଶେଷରେ ପଂଚାୟତରେ ରାୟ ମିଳିଥିଲା ନିର୍ବାସନ ଦଣ୍ଡ !!

ରାତି ସାରା ଆଖିରେ ନିଦ ନାଇ । କେତେ ସେବା କରିଥିଲା । କେତେ ଗେହ୍ଲା କରୁଥିଲା କଳ୍ପନାକୁ । ମାଆର ଉଣା ପଣିଆ କେବେ ବି ଅନୁଭବ କରାଇ ନଥିଲା । ଏପୁତ୍ର ମାନସିକ ଧାରୀ ଦୁନିଆରେ ବି କଳ୍ପନାକୁ କୋଳରେ ପାଇ ବେଶ୍ ଗର୍ବ କରୁଥିଲା । ବଂଶ ବୃଦ୍ଧି ନୁହଁ ବଂଶ ମର୍ଯ୍ୟାଦା ହିଁ ଶ୍ରେୟ ଭାବି ବଂଚିଥିଲା । ଶେଷରେ ତା' ଝିଅ ଏମିତି କରିବ କଳ୍ପନା ବାହାରେ ଥିଲା । ଏମିତି ଚିନ୍ତାରେ ଚିନ୍ତାରେ ରାତି ପାହିଗଲା । ଶେଷରେ ଲୋକ ଲଜ୍ଜା ଭୟରେ ଗାଁ ଉଠିବା ପୂର୍ବରୁ କୀଟନାଶକ ଔଷଧ କାଚଟିକୁ ଧରି ଚାଲିଗଲା ।

ଶେଷରେ ଯାହା ଘଟିଗଲା ।

ନନାକୁ ଏଭଳି ଅବସ୍ଥାରେ ଦେଖି ନିର୍ବାକ । ସେଇ ଗହଳି ମଧ୍ୟରେ ବି କିଛି ଏମିତି କଥା କାନରେ ପଡୁଥିଲା-

- 'ହେଇଟି ଆଇଲା ଅଲାଜୁକୀ, ଛତରଖାଇ, ସୁନାଭଳି ବାପଟାକୁ ମାରିଦେଲା ।'

- 'ସହର ଯାଇଥିଲା, ସହର ଇଜ୍ଜତ ବିକି ଆଇଲା ।'

- 'ଛି... ଛି... କି ପାପ କରିଥିଲା କେଜାଣି ରବି, ଏମିତି ଝିଅକୁ ଜନ୍ମ ଦେଲା ।'

- 'ଖବର ଜାଣି ମରିଗଲାନି କାଇଁ, ବାପ ମୁହଁ ଦେଖି ଆଇଛି । ଡାହାଣୀଖାଇ....'

ଏଇ ସବୁ ଶୁଣି ଜୀବନ ଥାଇ ବି ମୃତ ସମ ଅନୁଭବ କରୁଥିଲା ନିଜକୁ । ଲୋକ ଲଜ୍ଜାରେ ଭାଙ୍ଗି ପଡ଼ିଲା । ଶେଷରେ ହାର ମାନିଯିବା ପରେ ବି ଅନ୍ୱେଷ ଏଭଳି କରିବ ଜାଣି ନଥିଲା । ବୋଧେ ସହରରେ ପ୍ରାୟ ଏମିତି । ଆଉ କାହା ପାଇଁ ବଂଚିବ । ଯଦି ବଂଚିବ ଏ ସମାଜ ତାକୁ ସମ୍ମାନର ସହ ବଂଚିବାକୁ ଦେବନି । ଗୋଟିଏ ଭୁଲ୍ ପାଇଁ ଜୀବନ ତମାମ ଶାସ୍ତି ଭୋଗିବାକୁ ପଡ଼ିବ । ଆତ୍ମାକୁ ନୁହଁ, ଶରୀରକୁ ମାପ କାଠି କରି ବିଚାର କରେ ଏ ଦୁନିଆ । ନା ଏମିତିକା ଜୀବନ ତାର ବଂଚିବାର ନାଇ । ଜୀବନର ଏକମାତ୍ର ସାହାରା ବୋଲି କେବଳ ନନା ମାତ୍ର ଥିଲେ । ସେ ବି ଚାଲିଗଲେ । ନିଷ୍ପତ୍ତି ନେଲା ଭିଡ଼ିଓ ଭାଇରାଲ ହେବା ପୂର୍ବରୁ ନିଜେ ଏ ଦୁନିଆରୁ ସବୁଦିନ ପାଇଁ ନିଶ୍ଚିହ୍ନ ହୋଇଯିବ ।

ସନ୍ଧ୍ୟାବେଳ । ଗାଆଁ ମଶାଣି ଭୂଇଁ ରେ ପାଖାପାଖି ଜଳୁଥିଲା ଦୁଇଟି ଚିତା । ଗୋଟିଏ ପାର୍ଶ୍ୱରେ ବଂଶ ମର୍ଯ୍ୟାଦା ହରାଇ ବାପା, ଆରପାର୍ଶ୍ୱରେ ନୂତନତାର ବୁଢ଼ିଆଣୀ ଜାଲରେ ଛନ୍ଦି, ପ୍ରତାରଣାକୁ ପ୍ରତିହତ କରି ପାରି ନ ପାରି ପରାସ୍ତ ହୋଇଥିବା କଳ୍ପନା । ଶେଷରେ ଜଳିବାର ପ୍ରୟାସ ରେ ଜାଳୁଥିଲା ତା ସ୍ୱପ୍ନକୁ, ତା' ଇଜ୍ଜତକୁ । ଶାନ୍ତ ହେଲା । ମୁଠାଏ ପାଉଁଶରେ ସୀମିତ ରହିଲା ସବୁ କିଛି ।

କଲ୍ୟାଣସିଂହପୁର, ରାୟଗଡ଼ା




# ଅବର୍ତ୍ତମାନ

ସତ୍ୟ ଶଙ୍କର ମିଶ୍ର

ଅଦେଖା ଅଶୁଣା
କୋଉ କୋଉ ଏଠି ସେଠିଥିବା
ଏରୁଣ୍ଡିରେ ଝୁଣ୍ଟିପଡ଼ି
ଗୁରୁଣ୍ଡିକି ଟପିକିପା
ଫେର ପଡ଼ିଉଠି
ଧଇଁସଇଁ ହେଇକା
ଧାଉଁଥିବା ଡିଡିଲି କି ପେଆଇର
ଦିହରେ ଧକ୍‌କାଖାଇ
ତାଙ୍କ ବେପରୁଆ
ବର୍ତ୍ତମାନଟା
ବନିଯାଏ
ଟ୍ରାଫିକଷ୍ଟାଣ୍ଡର
ଏପଟ ସେପଟ ଦୋଛକିରେ
ମୁହଁମାଡ଼ି ପଡ଼ିଥିବା
ଯେମିତି ଗୋଟେ
ଅପସ୍ମାର ରୋଗୀ ।
ଆଉ...
ନିୟମ ମାନିକା
ଗାଡ଼ି ଚଢ଼ି ଯାଉଥିବା
ଗୋଲଗାଲ ଭଦ୍ରଲୋକ ଡାକ୍ତରବାବୁ
ଯନ୍ତ୍ରୀବାବୁ ଭିନ୍ନ ଦିଶୁଥିବା ଦଧିଚି
ଏକଲବ୍ୟମାନେ
ଯାନ୍ତି ଭାରି କଡ଼ଦେଇ
ଭୁଲରେ ବି ନ ଅନେଇ ତାକୁ
ଲେପଟେଇ ପଡ଼ିଥିଲେ ବି
ରାଜରାସ୍ତା ମଝିରେ ।
ଆରେ ନାଁଆ...
ଜମାଇଟୁ କାଇଁ ଜାଣିହୁଏନା
ଇଏ ବୋଧେ
ସେଇ ବର୍ତ୍ତମାନ ଫିନିକ୍ସର
ମଲାଦିହ ପାଉଁଶଗଦାରୁ
ହଠାତ୍ ଉଠିଆସି
ଜୁଳୁଜୁଳୁ ଅନଉଥିବା ଗୋଟେ
ଅଛୁଆଁ
ବେରଂଗିଆ ବେଢ଼ଂଗିଆ
ନିଶ୍‌ଚେତକ କବ୍ଜାରେ ଥିବା
ଅବର୍ତ୍ତମାନର
ଅସଜିଆ
ଅଡୁଆ ଚେହେରା !

ସିଡ଼ିଏ ସେକ୍ଟର-୮, କଟକ ।

# ମାମୁଲି ମଣିଷ

ବିନ୍ଦୁ ସାଗର ଓଝା

ଚଢ଼ି ନାହିଁ ମୁହିଁ କଲେଜ ପାହାଚ
ପଢ଼ି ନାହିଁ ବ୍ୟାକରଣ
ବ୍ୟାକରଣଠାରୁ ବଡ଼ ବ୍ୟାକରଣ
ଏହି ଜନସାଧାରଣ ।
ତାକୁ ମୁଁ ପଢ଼ିଛି ଏଇ ସମାଜର
ତଳ ପାହାଚରେ ବସି
ଠିଆ ହେଇଚି ମୁଁ ମିନାର ପରିକା
ଯାଇ ନାହିଁ ଜମା ଧସି ।
ପାଠୁଆ ପାଖରେ ପଢ଼ିନି ମୁଁ ପାଠ
ଅପାଠୁଆର ମୁଁ ଛାତ୍ର
ସେଇ ଅପାଠୁଆ ସରଳ ନିରୀହ
ଜନର ମୁଁ ମୁଖପାତ୍ର ।
କବିର ପାଖରେ ଅକବିଟିଏ ମୁଁ
ଅକବି ପାଖରେ କବି
କଲମ ମୋହର ଆଙ୍କିଛି ସଦା
ଅକବିର ରୂପ ଛବି ।
ନାହିଁ ମୋ ପାଖରେ ଦାମୀ ଦାମୀ ଗାଡ଼ି
ମହଲା ମହଲା କୋଠା
ଅଛି ମୋ ଭିତରେ ମଣିଷପଣିଆ
ନୁହେଁ ମୁହିଁ ଚୋର ଚୋଠା ।
ଦୁଃଖ ଦାରିଦ୍ର୍ୟ କଷଣ ଛନ୍ଦେ
କବିତା ମୋହର ଗଢ଼ା

ତମରି ସାହିତ୍ୟ ହାଟରେ ସେ ପାଇଁ
ଦଖଲ ମୋ ନୁହେଁ ଛତା ।
ଅନ୍ୟର ପଛକେ ହେଉ ମୋ ଶସ୍ତା
ହୁଁ ମୁଁ ମାମୁଲିଟିଏ
ବୁଝେ ମୋ ମୂଲ୍ୟ ଏଇ ସମାଜରେ
ମାମୁଲି ମଣିଷ ଯିଏ ।
ଭଲ ଲାଗେ ନାହିଁ ତମ ବିରିଆନୀ
ତମ ମାର୍ବଲ ସିଡ଼ି
ଭଲ ଲାଗେ ମୋତେ ମାମୁଲି ହାତରୁ
ଆଣି ଟାଣିଦେଲେ ବିଡ଼ି ।
ମାମୁଲି ମଣିଷ ଭାବୁଛି ଯାହାକୁ
ସିଏ ସବୁଠାରୁ ବଡ଼
ସେ ମଣିଷ ଯେବେ କର ମୋଡ଼ିଦିରୁ
ଉଠେ ମହାକାଳ ଝଡ଼ ।
ଲୋଡ଼ାନାହିଁ ମୋର ମାନ ସମ୍ମାନ
ଲୋଡ଼ା ନାହିଁ ଫୁଲତୋଡ଼ା
ମାମୁଲି ମଣିଷ ଓଠରେ ହସଟା
ଦେଖିବା ମୋହର ଲୋଡ଼ା ।
ବେସାହସ ମୁହିଁ ସାଲିସ କରିନି
ଟେକି ମୁଁ ଚାଲିଛି ମୁଣ୍ଡ
ମାମୁଲି ମଣିଷ ପିଠିରେ ପଡ଼ି ମୋ
ହାଡ଼ ହେଇଯାଉ ଗୁଣ୍ଡ ।

## ମୋ ମାଆ ଜନ୍ମଦିନ ଆସୁଛି

ଅମୂଲ୍ୟ ରଞ୍ଜନ ବିନ୍ଧାଣି

ଦେଖ ଦେଖ ଭାଇ ଆମ ଘର ଆଡ଼େ
ବେଲକୁ ନଡ଼ିଆ ରହିଛି
ବାଡ଼ିରୁ କଦଳୀ ପାଚିଲା ପିଜୁଳି
ଜେଜେମା ଆଣିକି ଥୋଇଛି
ଆଜି କିଛି ହେବ ଲାଗୁଛି
ମୋ ମାଆ ଜନ୍ମଦିନ ଆସିଛି ।
ଧୂପ ଦୀପ ଝୁଣା କର୍ପୂର ବାସରେ
ଗାଁ ମହମହ ବାସୁଛି
କପୁଲୁ ଡ୍ୟାନସ ହେଉ ନାହିଁ ଜମା
ଘୋଡ଼ାନାଚ ଏଠି ହେଉଛି
ଗାଁଦାଣ୍ଡ ଫାଟି ପଡୁଛି
ମୋ ମାଆ ଜନ୍ମଦିନ ଆସିଛି ।
ବିଦେଶିଆ ମଦ ଚଲୁ ନାହିଁ ଏଠି
ଘର ପଣା ପଣା ବାସୁଛି
ମଇଦା କେକ୍ ଦିଶୁ ନାହିଁ ଜମା
ପିଠାର ଆସର ଜମିଛି
ସ୍ୱଦେଶୀ ସ୍ୱଦେଶୀ ବାସୁଛି
ମୋ ମାଆ ଜନ୍ମଦିନ ଆସିଛି ।
ମାଉସୀ ପ୍ରେମରେ ପଡୁଛନ୍ତି ଲୋକେ
ମାଆର ଲୋତକ ଝରୁଛି
ଇଂରାଜୀ ବରଷ ପାଳୁଛନ୍ତି ମୁର୍ଖ
ଓଡ଼ିଆକୁ କାହିଁ ଭୁଲୁଛି
ତଥାପି ମୋ ଦେଶ ହସୁଛି
ମୋ ମାଆ ଜନ୍ମଦିନ ଆସିଛି ।
ଭାରତ ମୋ ଦେଶ ଓଡ଼ିଆ ମୋ ଭାଷା
ଗରବେ ଓଡ଼ିଆ କହୁଛି
ପାଶ୍ଚାତ୍ୟ ସଭ୍ୟତା ଯେତେ ଆସିଲେ ବି
ସଭ୍ୟତାକୁ ମନେ ରଖିଛି
ଓଡ଼ିଆ ପୁଅ ମୁଁ କହୁଛି
ମୋ ମାଆ ଜନ୍ମଦିନ ଆସିଛି ।

ଖଇରା, ବାଲେଶ୍ୱର ।

## ବସନ୍ତ ଋତୁ

ରଶ୍ମିବାଳା ଶତପଥୀ

ଋତୁରାଜ ବସନ୍ତ ସେ ପୁଣି ରୂପବନ୍ତ
କରିଲାଣି ଧରାବତରଣ
କୋକିଳର କୁହୁ ମଧୁ ଗୁଞ୍ଜନରେ
ବସନ୍ତ କଲାଣି ରାଜପଣ ।
ହଜିଗଲାରି ଗ୍ରୀଷ୍ମର ତାଣ୍ଡବ
ହଜିଛି ବର୍ଷାର ବାରିଧାରା
ହଜିଲାରି ତେଣେ ଶୀତର ଲହରୀ
ନବପଲ୍ଲବର ଆଗମନେ ହସୁଛି ଧରା ।
ରଙ୍ଗ ବେରଙ୍ଗର ପୁଷ୍ପମାନଙ୍କର
ନୃତ୍ୟ ଚାଲିଛି ମହୀ ମଣ୍ଡଳରେ
ସିମିଳି ପଳାଶ ମନ୍ଦରା ଟଗର
କୃଷ୍ଣଚୂଡ଼ା ସତେ ମନ ମୋହେରେ ।
ଦକ୍ଷିଣ ଦିଗରୁ ବହେ ମଳୟ ସମୀର
ରୋମାଞ୍ଚିତ ଦୃଶ୍ୟ ଚାନ୍ଦିନୀ ରାତିର
ଆମ୍ବ ବଉଳର ମଧୁର ବାସ୍ନାରେ
ମୋହିଦିଏ ସର୍ବ ପ୍ରାଣୀଙ୍କ ଚିତ୍ତରେ ।
ଫୁଲେଇ ଫଗୁଣ ଫୁଲର ଉତ୍ସବେ
ଫାଟିପଡ଼େ ହୋଇ ଆତ୍ମହରା
ଫଗୁ ଅଭିରର ରଙ୍ଗ ତାଳେ ତାଳେ
ବିମାନରେ ରାଧାକୃଷ୍ଣ ଯାତରା ।
ସପ୍ତଋତୁ ମଧ୍ୟ ଋତୁରାଜ ଶ୍ରେଷ୍ଠ
ଲାଘବ କରଇ ସଭିଙ୍କ କ୍ଳିଷ୍ଟ
ନକାରାତ୍ମକତାକୁ କରିଦିଏ ନଷ୍ଟ
ଆଗମନେ ତୁମ ମହୀ ପରିପୁଷ୍ଟ ।

ଯାଜପୁର ଟାଉନ୍, ଯାଜପୁର ।

## ବିଶ୍ୱାସ

ଟୋନିସ ରୋହିଦାସ

ନିଜ ଉପରେ ଥିଲେ ବିଶ୍ୱାସ
ଯେତେ ବଡ଼ ହେଉ ସେ ଆଶା
ସଫଳ ହୋଇଯିବ ସବୁ କାର୍ଯ୍ୟ
ଲାଗିବନି କାହାରି ଭରସା ।
ନ ଲାଗେ ଏଠି ଧନ କି ସମ୍ପତ୍ତି
ନିଜ ଜ୍ଞାନ ବଳବୁଦ୍ଧି ଥିଲେ
ସବୁ କାର୍ଯ୍ୟରେ ହୋଇଯିବ ସଫଳ
ମନ ଯାହା ଚାହିଁବ ତାହା ମିଳେ
ନିଜ ହାତରେ ଥିଲେ ଭରସା ।
ଅନ୍ୟଙ୍କୁ କାହିଁକି କରିବା ଆଶା
ପଥର ପରି ହୃଦୟ ଯାହାର
କପାଳେ ଲେଖା ହୋଇ ଥାଏ ତାହାର
ଜିତିବା ପାଇଁ ସେ କରେ କେତେ କାମ
ହାରି ଯାଇ ମନକୁ ଯଦି ଦୁଃଖ ଦେବା
ସେ ନୁହଁଇ କର୍ମ
ଯେଉଁ ମଣିଷ ନିଜେ କର୍ମ କରିବ
ସେହି ଦିନେ ତାର ନିଶ୍ଚିତ ଫଳ ପାଇବ ।
ନିଜ କର୍ମ ବଳେ ମୁକ୍ତି ଲଭିବ
ଆଶା ଭରସାରେ ଦୁନିଆ ଚାଲିବ
ଜୀବନ ଯୁଦ୍ଧରେ ହାରିବା ଲୋକ
କେବେ ସଫଳ ହେବନାହିଁ
ସଂଘର୍ଷ କରିବା ପାଇଁ ଯିଏ କରିଦିଏ
ନିଜକୁ ବାଜି ସେ କେବେ ହାରେ ନାହିଁ ।

ସୁନ୍ଦରଗଡ଼ ।

## ଅନ୍ୟ ମୁଖେ ହସ

ସରସ୍ୱତୀ ସାଲିମା

ଜହ୍ନଠୁଁ ଶୀତଳ କୋମଳ ମନ
ପାଣି ପରି ଅମୃତ ଧାର
ଫୁଲ ପରି ମହକି ଜୀବନେ
କରୁଛନ୍ତି ପ୍ରାଣ ନିଛାବର ।
ଖଟିଖାଇ ନିତିଦିନିଆ ଜୀବନେ
କାମରେ ନକରେ ହେଳା
ଦୁହିତା ଦୁହି କୁଳରେ ହିତା
ନାରୀ ନୁହେଁ ଅବଳା କି ଦୁର୍ବଳା ।
ଅନ୍ଧାର ରାତିରେ ବାଟ ଦେଖାଇ ସେ
କରୁଅଛି ତାର ସବୁକାମ
ନା କେବେ ପାଉଣା ମାଗିଛି ନାଆର କିଛି
ସମସ୍ତଙ୍କ ପ୍ରିୟ ଜହ୍ନ ମାମୁଁ ତାର ନାମ
ସକାଳ ପରଠୁଁ ପୁରୁବ ଆକାଶେ
ଫୁଟି ଉଠେ ନାଲି ଟୁକୁଟୁକୁ ଫୁଲ
ସଞ୍ଜ ନଇଁ ଗଲେ ପକ୍ଷୀ ବାହୁଡ଼ିଲା ପରେ ଅସ୍ତ ହୁଏ
କିଏ ହେଇ ପାରିବ କି ତା ସମତୁଲ୍ୟ ।
ଅହରହ ଦେଇ ଚାଲିଛି ଅମ୍ଳଜାନ
ତା ବିନୁ ପରାଣ ଶୂନ୍ୟ
ମୁହୂର୍ତ୍ତକ ପାଇଁ ଛାଡ଼ି ପାରିବା ନାହିଁ
ଅଦୃଶ୍ୟ ସବୁଠାରୁ ସେ ଭିନ୍ନ ।

ସମ୍ବଲପୁର ।

# ଆ ଫେରିଯିବା ଗାଆଁକୁ

ସନ୍ତୋଷ ପରିଡ଼ା

ଆ ଫେରିଯିବା ଗାଆଁକୁ
ଆପଣେଇ ମାଟି ମାଆକୁ
ସହରୀ ଜୀବନ ସଙ୍କଟରେ ଏଠି
ରୋଗୀ ସେବା ଖାଲି ନାଆଁକୁ ।
ଅମ୍ଳଜାନ କିଲୋ ହଜାରେ
ସହଜେ ମିଳୁନି ବଜାରେ
ପ୍ରଦୂଷିତ ବାୟୁ ପ୍ରଶ୍ୱାସରେ ନେଉ
ତୁଣ୍ଡି ବାନ୍ଧି ନିଜ ମୁହଁରେ ।
କଳ କାରଖାନା ଚାଲୁନି
ଦୋକାନ ବଜାର ଖୋଲୁନି
ଖଟିଲେ ଖାଇବୁ ଘରଭଡ଼ା ଦେବୁ
କାମକୁ କେହିବି ଡାକୁନି ।
ଭୋକ ଉପାସରେ ମରୁଛୁ
କରୋନା ଭୟରେ ଥରୁଛୁ
ଲକଡାଉନ୍, ସଟଡାଉନ
ପୋଲିସ ପାହାର ଡରୁଛୁ ।
ଗାଁ ଟା ଆମର ବଢ଼ିଆ
ଚାରିକଡ଼େ ଖୋଲା ପଡ଼ିଆ

ଚଲାବୁଲା ପାଇଁ କଟକଣା ନାହିଁ
ନାହିଁ ଗଣ୍ଡଗୋଳ ଅଡୁଆ ।
ସକାଳ ସିନାନ ନଈରେ
ଖରାବେଳେ ତୋଟା ଛାଇରେ
ସଜ ପଖାଳକୁ ସଜନା ଛୁଇଁ
ଖାଇକି ମାରିବା ହାଇରେ ।
କଷି ତାଳ ସଜ ଡାକୁଛି
ନାଲି କୃଷ୍ଣଚୂଡ଼ା ହସୁଛି
ଠାକୁରାଣୀ ମାଳ କାଠ ଚମ୍ପାଫୁଲ
ମହ ମହ ହୋଇ ବାସୁଛି ।
ସଞ୍ଜୁଆ ଶୀତଳ ପବନ
ଦେହକୁ ମଳୟ ଚନ୍ଦନ
ଯୁଇ ଯାଇ ହେନା ମଲ୍ଲୀ ମାଳତୀରେ
ସାଉଁଟିବା ସୁଖ ସପନ ।
ଚାଉଳ ମିଳୁଛି ଟଙ୍କାରେ
ବିରି ଓ କୋଳଥ ଛୁଙ୍କରେ
ଚେପଟା କଦଳୀ ପଣସ କଠା
ଅମୃତଭଣ୍ଡା ବା....

ମହାବୀର କଲୋନୀ, ଯାଜପୁର ।

# ଜୟ ହେ ରଘୁ ନନ୍ଦନ

ଚିନ୍ମୟୀ ସାହୁ

ଜୟ ହେ ରଘୁ ନନ୍ଦନ
ଜୟ ଜଗତ ବନ୍ଦନ
ଜୟ ସୀତାପତି ତୁମ ଶରଣାଗତ
ଜୟ ନୀଳ ଆମ୍ଭୋଜିନୀ
ଜୟ ଜୟ ଚାପପାଣି
ଜୟ କୌଶଲା ନନ୍ଦନ ଲକ୍ଷ୍ମଣ ଭ୍ରାତ ।
କୋଟି କନ୍ଦରପ ଜିରା
ରୂପ ତୁମ ମନ କିଣା
ତୁମ ଗୁଣ କର୍ମ ଯଶ କୀର୍ତ୍ତି ବୈଭବେ
ଶୁଣି ଗୁଣି ଭକ୍ତ ପ୍ରାଣ
ହୁଅଇ ପ୍ରେମେ ମଗନ
କଳିଯୁଗେ ରାମ ନାମ ସାର ଏ ଭବେ ।
ଜୟ ହନୁ ପ୍ରାଣପତି
ଅଖିଳ ବ୍ରହ୍ମାଣ୍ଡପତି
ଜୟ ଜୟ ଭକ୍ତ ପ୍ରାଣ ଜଗତନାଥ
ଜୟ ହେ ରଘୁ ନନ୍ଦନ
ଜୟ ଜଗତ ବନ୍ଦନ
ଜୟ ସୀତାପତି ତୁମ ଶରଣାଗତ ।
ତୁମେ ହିଁ ତ ମାୟା ପତି
ତୁମେ ପୁଣି ମହାଯତି
ମାୟା ତୁମ ବାସ ବୋଲି ସର୍ବବିଦିତ
ନ ଲୋଡ଼ ତୁମେ ନୈବେଦ୍ୟ
ନ ଲୋଡ଼ ପୂଜା ସମ୍ପଦ
ସ୍ନେହ ସମର୍ପଣ ଭାବେ ତୁମେ ବନ୍ଧିତ ।
ଶବରୀ ଉଚ୍ଛିଷ୍ଟ ତୋଷ
ହୋଇଲ ଆହ ଦେବେଶ
ଅପୂର୍ବ ଦିବ୍ୟ ତୁମରି ଲୀଳା ଅମୃତ
ଜୟ ହେ ରଘୁନନ୍ଦନ
ଜୟ ଜଗତ ବନ୍ଦନ
ଜୟ ସୀତା ପତି ତୁମ ଶରଣାଗତ ।

ମୂଳିସିଂ ସହର, ଜଗତସିଂହପୁର ।

## ରାଗ-ଚୋଖି ବୃତ୍ତେ ପ୍ରାର୍ଥନା
## ଆହେ ପ୍ରଭୁ ଜଗନ୍ନାଥ

ଶମ୍ଭୁନାଥ ଦାସ

ଆହେ ପ୍ରଭୁ ଜଗନ୍ନାଥ ଷାଠିଏ ପଉଠି ଭାତ

ବିନା ଭକ୍ତେ ତୁମ୍ଭେ ସବୁ କିପରି ଖାଅ

ଗହଳ ଚହଳ ବିନା ପତିତପାବନ ଦାନା

ଫଁରଫଁର ହୋଇ ଉଡ଼େ ସତେ କି କୁହ ।

ସାରା ବିଶ୍ୱେ ମାଡ଼ିଛି ଭୟ

କରୋନା ଭୂତାଣୁ ସେହି ନାହିଁ କି ଲୟ ।

ଆହେ ପ୍ରଭୁ ଜଗନ୍ନାଥ ବାର ମାସେ ତେର ଯାତ

ଭିଡ଼ ଲଗାନ୍ତି ଭକତ ହୃଦେ ଉଚ୍ଛ୍ୱାସ

ଲାଗି ରହେ ସାରା ବର୍ଷ ବିଭିନ୍ନ ପ୍ରକାର ବେଶ

ଭକ୍ତିଭାବ ମହକିତ ଭକ୍ତେ ବିଶ୍ୱାସ

କାଳୀୟ ଦଳନେ ଯେ ବେଶ

ମାନବ ଉଦ୍ଧାର କର କରୋନା ଧ୍ୱଂସ ।

ଆହେ ପ୍ରଭୁ ଜଗନ୍ନାଥ ଆସିଲାଣି ରଥଯାତ

କମ୍ପି ଉଠିବ ଶ୍ରୀକ୍ଷେତ୍ର ଟାଣିବେ ରଥ

କୋଟି କୋଟି ତୋ ଭକତ କହି ଜୟ ଜଗନ୍ନାଥ

ଜୀବନ ହେବ ପବିତ୍ର ମୁକ୍ତିର ପଥ

ପ୍ରଭୁ ହେ ପତିତପାବନ

ମହାମାରୀ ଧ୍ୱଂସ କର ବିଶ୍ୱ ଶୋଉନ ।

ମୁଖ୍ୟ ସଂପାଦକ ଅଭିଯାନ

ବିଶ୍ୱଲକ୍ଷ୍ମୀ ତାଲାରୋଡ଼, କୋଲକତା

## ଧରିତ୍ରୀ କାନ୍ଦୁଛି ଅମ୍ଳଜାନ ପାଇଁ

ପ୍ରଭାତ କୁମାର ମଲ୍ଲିକ

ରକ୍ଷାକର ରକ୍ଷାକର
ଅମ୍ଳଜାନ ଯଦି ଅଭାବ ହୋଇବ
ପୃଥ୍ୱୀହେବ ଛାରଖାର ।
ବେଳ ଥାଉଥାଉ ସାବଧାନ ହେଲେ
ବଞ୍ଚିଯିବ ବଞ୍ଚିଯିବ
ନହେଲେ ବସୁଧା ପଦା ହୋଇଯିବ
ହାହାକାର ପଡ଼ିଯିବ ।
ଗଛ ବୃକ୍ଷ ସିନା ଅଟଇ ତାହାର
ଅମ୍ଳଜାନ ଗନ୍ତାଘର
କାଟିବା ବଦଳେ ଲଗାଇବା ଯଦି
ଘୁଞ୍ଚିବ ଦୁଃଖ ଆମର ।
ଅଶ୍ୱତ୍ଥ ତୁଳସୀ ଆମ୍ବ ବଟବୃକ୍ଷ
ଈଶ୍ୱରଙ୍କ ବରଦାନ
ଏହି ସବୁ ଗଛ ଲଗାଇ ଯତନେ
ପାଇବା ନୂଆ ଜୀବନ ।
ନହେଲେ ବଜାରେ ଅମ୍ଳଜାନ ଡବା
କିଣାବିକା କରୁଥିବା
ପାଣିଡବା ପରି ସାଙ୍ଗରେ ଧରିକି
ଚାରିଆଡ଼େ ଘୂରୁଥିବା
ସର୍ବଶେଷେ ତାହା ଆଉ ମିଳିବନି
ପିଟାପିଟି ଖାଲି ହେବ
ରକ୍ତପାତ ଘଟି ଅମ୍ଳଜାନ ବିନା
ଆମ ଜୀବନ ଚାଲିଯିବ ।
ଏଣୁ ଛାଡ଼ିସବୁ ଭିକ୍ଷା କର ଏହି ଦୀକ୍ଷା
ହୋଇବା ଆମେ ମହତ
ଜୀବ ଗୋଟିଏକୁ ଗଛଟି ଗୋଟିଏ
ଲଗାଇବା ସୁନିଶ୍ଚିତ ।
ପୁଣି ଧରିତ୍ରୀ ହସିବ ଅମ୍ଳଜାନ ପାଇ
ସର୍ବେ ହେବେ ଆନନ୍ଦିତ
କାହାରି ଜୀବନ ଯିବନି ଅକାଳେ
କେହି ମରିବେନି ଅକସ୍ମାତ
କେହି ମରିବେନି ଅକସ୍ମାତ ।

ଶିବପୁର, ଧାମନଗର, ଭଦ୍ରକ ।

## ପ୍ରକୃତି ପ୍ରକୋପ

ପୁଷ୍ପାଞ୍ଜଳି ପଣ୍ଡା

କାଳକରାଳ ଗତି ଆଗେ କେବେ
ବର୍ତ୍ତି ପାରିଛି କିଏ
ସୁଖ ସମୟ ତ ସ୍ମୃତିରେ ସାଇତା
ମନ ଯାହା ଖୋଜିହୁଏ ।
ଫଗୁଣର ଫଗୁରଙ୍ଗ ନାହିଁ ଆଗ
ନିଦାଘେ ରୌଦ୍ର ତାପ
ମଳୟ ବହୁନି ଚନ୍ଦନ ବାସୁନି
ବସନ୍ତେ ଗ୍ରୀଷ୍ମ କୋପ ।
ତୋଟାମାଳ ନାହିଁ ବଣବୃକ୍ଷ ନାହିଁ
ଲୁଚିଗଲା ସବୁଜିମା
ଅଗ୍ନିବର୍ଷା କରେ ସୁନୀଳ ଆକାଶ
ଜୀବନର ଗତିଧିମା ।
ସାତ ସିନ୍ଧୁ ଜଳ ନିରବ ନିଶ୍ଚଳ
ଶୁଷ୍କ ସନ୍ତାପିତ ପ୍ରାଣ
ମାୟାର ମହଲ କରୁଛି ବେହାଲ
ମୃତ୍ୟୁ ଧାପ ପ୍ରତି କ୍ଷଣ ।
ବିଷ ବଳୟରେ କବଳିତ ବିଶ୍ୱ
କେଉଁ ଆଡେନାହିଁ ରାହା
ସମୟର ଖେଳ ପ୍ରଳୟର ବେଳ
ଉପସ୍ଥିତ କିବା ଆହା ।
ପ୍ରକୃତି ପ୍ରକୋପ ଦାବାନଳ ସାଜି ଧ୍ୱଂସର ଖେଳ କରେ
ଗାଁ ଠୁ ସହର ଚେଷ୍ଟା ରଚନାର
ବିଚରା ମଣିଷ ହାରେ ।

ଷ୍ଟାଟିଷ୍ଟିକାଲ୍ ଅଫିସର, ଯାଜପୁର ।

# ବିଶ୍ୱ କଲ୍ୟାଣ

ରୋଜା ପଣ୍ଡା

ବହେ ପ୍ରଖର ଉର୍ଦ୍ଧଶ୍ୱାସ ମୋର
ନଇଁ ଯାଏ ଆତ୍ମଗ୍ଲାନୀ ରେ ମୋ ଶୀର
ଆଖିରେ ପଡ଼େ ଯେବେ ପିତୃମାତୃହୀନ
ଅନାଥ, ଅବହେଳିତ ଶିଶୁଙ୍କର
ସୁଖିଲା ଆଉ ରୋଗିଣା ଶରୀର

ଆଜି କାନ୍ଦୁଛି ମୋ ଧରିତ୍ରୀ ଗୁମୁରି ଗୁମୁରି
ଦେଖ ଅନାହାର ମୃତ୍ୟୁ କୋଟି କୋଟି
କୃଷକର ପୋକମାଛି ପରି
ନିରୁପାୟ, ନିର୍ବିକାର ଚାତକ ସେ
କେଇବୁନ୍ଦା ବାରି ଜଳ ପାଇଁ
ଗଛ କାଟି କୋଠା କରୁଛି ସମାଜ,
ତେବେ ମେଘ ଆସିବ ବା କାଇଁ
ସେଇ ତମସାଚ୍ଛନ୍ନ ସମାଜକୁ ସଚେତନ
ଦେବା ପାଇଁ
ବଢ଼ାଇଛି ପାଦ ଦୀପ ଟିଏ ଧରି
ବିଶ୍ୱକଲ୍ୟାଣର ଶାଖାଟିଏ ହୋଇ
ସୁବର୍ଣ୍ଣ ପକ୍ଷୀର ସ୍ୱପ୍ନ ଅଛି ମନେ
ଆଶାଅଛି ମୋର ଇନ୍ଦ୍ରଧନୁର ସପ୍ତରଙ୍ଗୀ
ସେଥିପାଇଁ ବାହାରିଛି ବୁଣିବାକୁ
ସମାଜ ଛାତିରେ ବିଶ୍ୱକଲ୍ୟାଣ ମଞ୍ଜି

ଛୋଟିଆ ମୁଣ୍ଡରେ ଏତିକି ବୁଝିଚି
ସୀମିତ ସୁଖ ଦେଇଥାଏ ସିଏ ଯାହା ନିଜ
ସୁଖ ପାଇଁ କରାଯାଏ,
କରାଯାଏ ଯାହା ପରିହିତ ପାଇଁ, ତା
ନିତ୍ୟ ନୁତନ ଆନନ୍ଦ ଦିଏ
ଆଜି କରୁଛି ପ୍ରତିଜ୍ଞା କେବେ ନିର୍ଦ୍ଦେଶକ
ହୋଇ ତ ପୁଣି କେବେ ଦର୍ଶକ ହୋଇ
କରୁଥିବି କାମ ଆଜୀବନ ମୁହିଁ
ବିଶ୍ୱ କଲ୍ୟାଣ ପାଇଁ

ପୂର୍ଣ୍ଣାନନ୍ଦ ଭବନ, ନେତାଜୀ
ନଗର, ମଧୁପାଟନା, କଟକ- ୭୫୩୦୧୦

# ଅସହାୟ

ସୁଦର୍ଶନ ସାହୁ

ଅସହାୟ ନାରୀ ଟିଏ ଆଜି
କଇଁ କଇଁ ହୋଇ କାନ୍ଦୁଛି
ମନରେ ତାର ଅସୁମାରୀ କୋହ
ହୃଦୟେ ତାର ସୀମାହୀନ ଦୁଃଖ
ସ୍ୱାମୀ ତାର ଫେରାର ଆସାମୀ,
ପେଟ ତାର ଭୋକିଲା ପେଟ,
ସେହି ଦୁଃଖ ଭରା କଣ୍ଠର
ଶବ୍ଦ ଆଜି
ମୋ କାନରେ ପ୍ରତିଧ୍ୱନି କରୁଛି ।
ସେହି ନାରୀର ନବଜାତ ଶିଶୁଟି
ଭୋକର ଦୁଃଖକୁ ଅନୁଭବ କରି
କୁଆଁ କୁଆଁ ହୋଇ ତାର କାନ୍ଦରେ
ଭୋକକୁ ପ୍ରକାଶ କରିଛି,
ଯେତେ ଚିତ୍କାର କଲେ ବି
ଆଜି ଗରିବ ପିଲାର ଦୁଃଖ
କିଏ ଅବା ଶୁଣିବ,
ଧନୀ ପାଖେ ଏ ଶବ୍ଦ ସ୍ତୁତିକଟୁ,
ସେଥିପାଇଁ ଏ ଗରିବ ମଳି ମୁଣ୍ଡିଆଙ୍କ
ସ୍ଥାନ କେଉଁ ଷ୍ଟେସନ୍‌ରେ ତ,
ଆଉ ପୁଣି କେଉଁ ବସଷ୍ଟାଣ୍ଡର
ନାଳର ଦୁର୍ଗନ୍ଧ ପାଣି ପାଖେ ।
ତଥାପି ଏ ନବଜାତ ଶିଶୁଟିର ରାହା
କିଏ ଅବା ବନ୍ଦ କରିପରିବ !

ଓଡ଼ିଆ ବିଭାଗ ଛାତ୍ର
ଏନ୍.ସି କଲେଜ,ଯାଜପୁର

## ଏମିତି ହେଉ....

କୃଷ୍ଣା ମିଶ୍ର

ଦୂର ହେଉ ସଂସାରୁ ଈର୍ଷା, ଦ୍ୱେଷ
ବ୍ୟଭିଚାର
ମାନବ କଲ୍ୟାଣ ହେତୁ ବଞ୍ଚିରହୁ ପ୍ରହ୍ଲାଦର ସ୍ୱରୂପ..
ଭକ୍ତି, ନ୍ୟାୟର ପ୍ରତୀକ
ଧରାପରେ ବହିଯାଉ ନବଚେତନାର
ସମୀର
ବରଷି ଯାଉ ଗଗନରୁ
ନାଲି ଗୋଲାପୀ ଅବିର....
ମନୁଷ୍ୟ ଲାଗି ମନୁଷ୍ୟ
ତିଆରି ନ କରୁ ଶ୍ମଶାନ
ଝଡ଼ି ପଡୁ ଉଗ୍ରତାର ଶୁଖିଲା ପତ୍ର
ମିତ୍ରତାରୁ ସୃଷ୍ଟି ହେଉ
ମାନବ ଉତ୍ପଳ
ଜୀବନ ସରିତାରେ ପ୍ରସ୍ଫୁଟିତ ପୁଷ୍ପ ଦଳ
ହେଉ ସୁରଭିତ....
ବାଜିଉଠୁ ଆନନ୍ଦର ଦୁନ୍ଦୁଭି
ଝୁମିନାଚି ଗାଇ ଉଠନ୍ତୁ ଧରାବାସୀ
ମରୁଭୂମିରେ ଶୁଭୁ ନଦୀର କଲ୍ଲୋଳ..
ଚଉଦିଗେ ଭରିଯାଉ ସବୁଜ ହିଲ୍ଲୋଳ..
ନହେଉ ଅନ୍ତ ଜ୍ୱାଳା
ନରହୁ କେ କ୍ଷୁଧାର୍ତ୍ତ ଉଦରେ..
ହସର ଫୁଲ ଝରୁ
ନୀରସ ଓଠରେ...
ଲୁକ୍କାୟିତ ନ ହେଉ ସତ୍ୟ
ସତ୍ୟାଗ୍ରହ ଜାରି ରହୁ
ଖସି ଆସନ୍ତୁ ତାରା ପୁଞ୍ଜ ମହୀପରେ
ତୋଫାନରେ ଦୀପ ପ୍ରଜ୍ୱଳିତ ହେଉ...

ରାୟଗଡ଼ା, ଛତିଶଗଡ଼

# ସ୍ମୃତି ରେ ତୁମେ

ସଞ୍ଜୟ କୁମାର ପଣ୍ଡା

ଚକ୍ଷୁ ଦ୍ୱୟର ପରିଧିର ବହୁ ଦୂର ଯାଏ
ନିର୍ବିକାରେ ପଡ଼ିରହିଥିବା ବିସ୍ତୀର୍ଣ୍ଣ
ଅସୁମାରୀ ବାଲୁକା ରେଣୁରେ,
ଚାଲୁ ଚାଲୁ ଖୋଜିବୁଲେ କିଛି
ଅଜାଣତେ ହୋଇ ଆନମନା ।

ସାଗରର ଉତ୍ତାଳ ତରଙ୍ଗକୁ ହେଉ
ଅବା ସନ୍ଧ୍ୟା କାଳୀନ
ରକ୍ତିମ ଗଗନର ଆଭାକୁ
ବିଗତ ଦିନର ସବୁ ସ୍ମୃତି
ଚାହିଁ ଦେଲେ ଝଲସି ଉଠେ ।

ଏଇତ କାଲି ପରି ଲାଗେ ।
ଏଇଠି ତ ବସି ଜୀବନର
ସବୁ ଅନ୍ତରଙ୍ଗ ମୂହୁର୍ତ୍ତ କୁ
ଉପଭୋଗ କରିଛି,
ସିକ୍ତ କରିଛି ମଧୁର ଚୁମ୍ବନ ରେ
ପ୍ରିୟତମା ର ଗଣ୍ଡଦେଶ,
ତାର ଶିତଳ ସୂକ୍ଷ୍ମ ତନୁଟିରେ
ଭରି ଦେଇଛି ଉଷ୍ଣତା ।

କିନ୍ତୁ ହାୟ !
ଆଜି ସେସବୁ ସ୍ମୃତି,
କେବଳ ସ୍ମୃତି,
କେବଳ ପୁରୁଣା ସ୍ମୃତି ।
କାଲି ତାକୁ ଦେଖି କବିତା ଲେଖୁଥିଲି
ଆଜି କବିତା ରେ ତାକୁ ଦେଖୁଛି ।।

ଶିକ୍ଷକ-ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ବେତନଟୀ, ମୟୂରଭଞ୍ଜ

VOICE FOR VOICELESS SOCIETY, ODISHA
Regd. No. : 23717/65

# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.pracheevoice.in


Whatsapp No. :
+91 88957 07011
Follow us :

# ଆପଣଙ୍କର ମୁଠାଏ ଦାନା
# ଆମର ଗୋଟାଏ ପେଟ



**ପକ୍ଷୀମାନଙ୍କୁ ଦାନା ଦିଅନ୍ତୁ * FEED THE BIRDS**

# IBMS No.1 INSTITUTE | IBM'S






## BANK | SSC | RLY | OAS

PO/CLERK | +2/GRADUATE | Tech./Non Tech. | BED

**CALCULATE 763X592 IN SECONDS**
**Charge your Brain**
**With the power of VEDIC MATHS.**

Free Registration For the
MATHS (QA) SPEED TECHNIQUE WORK SHOP
AT Our Badambari Branch
By Praharaj Sir .Con:0671-6540190

## 0671-6540190 M-9238500190
## Register Your Name For Free Class

All India Topper



Lopa Mudra Mohanty

### EXCLUSIVE FEATURES

- COMPLETE SIGN-UP SYSTEMS
- ENTRY BY 20 MINUTE PRE INTERVIEW & FREE CLASSES .
- WITH YOU SCORING OF 65%
- STUDENT FORUM CLASSES
- COMMON TEST STARTS FROM THE DATE OF ENTRY WITH COMPLETE EXPLANATION.

101 SPEED TEST
25 COMMON TEST
25 COMPLETE TEST &
IT CONTINUES TILL
YOU SCORE 65%



"I Get 6 job in 7 Month" Joined IOB PO. Calcutta.

Ankita Bhawani
Indian Overseas Bank PO



NARESH BARIK
VIJAYA BANK PO



Ruchi Smita Behera
Corporation Bank



Sandeep Mohanty
Bank Of India PO

Binayak Sahoo
Rank-8(MBA KIIT).
Debendra Bal
Gen Bed Rank -80
Srikant Behera(SBI CBI Clerk)
Loka Nath BeheraE.O & (SBI CLERK)

**IBM'S** CHANDI CHHAK & PALAMANDAP(Near Barabati Gas)CTC

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ